# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅକ୍ଟୋବର ୨୧/୨୦୨୦ (୧୨ପୃଷ୍ଠା) | Sambalpur, Wednesday, October 21/2020 | ★★

୧୬ଶ ଭାଗ ୨୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଶୁଟିଂ ଲାଗି ଇଟାଲୀରେ ପୂଜା**

ଫିଲ୍ମ 'ରାଧେଶ୍ୟାମ'ର ଶୁଟିଂ ପାଇଁ ଏବେ ଇଟାଲୀରେ ଅଛନ୍ତି ବୋଲି ଅଭିନେତ୍ରୀ ପୂଜା ହେଗ୍‌ଡେ ଇନ୍‌ଷ୍ଟାରେ ଶେୟାର କରିଛନ୍ତି।

୦୨ ୧୦

**ଆଇପିଏଲ୍‌ରେ ଧାୱନଙ୍କ ୫ ହଜାର ରନ**

ମଙ୍ଗଳବାର ଅନୁଷ୍ଠିତ କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସର ଶିଖର ଧାୱନ ଆଇପିଏଲ୍‌ରେ ୫ହଜାର ରନ ପୂରଣ କରିଛନ୍ତି।



# ଲକ୍‌ଡାଉନ୍ ସରିଛି, ଭୂତାଣୁ ଯାଇନି

**ନୂଆଦିଲ୍ଲୀ,୨୦।୧୦**



ନରେନ୍ଦ୍ର ମୋଦି

- ପାର୍ବଣ ପାଇଁ ସତର୍କ କରାଇଲେ ପ୍ରଧାନମନ୍ତ୍ରୀ
- ହେଳା କଲେ ଭେଳା ବୁଡ଼ିବ
- ଭାକ୍ସିନ ଲାଗି ଗବେଷଣା ଚାଲିଛି
- ଟିକା ଆସିବା ଯାଏ ସାବଧାନତା ଜରୁରୀ

ଭାରତରେ ଏବେ ପାର୍ବଣ ଋତୁ। ପୂଜା ପାର୍ବଣରେ କରୋନା ଭାଇରସ୍ ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା ରହିଥିବାରୁ ଏହି ସମୟରେ ସମସ୍ତଙ୍କୁ ସର୍ବାଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ସାମାନ୍ୟ ଅବହେଳା ମଧ୍ୟ ପାର୍ବଣର ଖୁସି ଓ ଉଲ୍ଲାସକୁ ଉଜାଡ଼ି ଦେଇପାରେ। ତେଣୁ ଲକ୍‌ଡାଉନ୍ ଶେଷ ହୋଇଥିଲେ ବି କରୋନା ଯାଇନାହିଁ। ଏହି କଥାକୁ ମନେ ରଖିବାକୁ ପଡ଼ିବ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସତର୍କ କରାଇଦେଇଛନ୍ତି।

କୋଭିଡ୍-୧୯ ଆସିବା ପରେ ମହାମାରୀକୁ ନେଇ ପ୍ରଧାନମନ୍ତ୍ରୀ ସପ୍ତମ ଥର ପାଇଁ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ସନ୍ଧ୍ୟା ୬ଟାରେ ଏକ ଟେଲିଭିଜନ୍ ☞ପୃଷ୍ଠା-୪

# ସାବଧାନ ନ ହେଲେ ହଇରାଣ ହେବା

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**



ନବୀନ ପଟ୍ଟନାୟକ

**ଓଡ଼ିଶାବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

ଆଗକୁ ପାର୍ବଣ ସାଙ୍ଗକୁ ଶୀତଦିନ ଆସୁଛି। ସଚେତନ ନ ରହିଲେ ପରିସ୍ଥିତି ପୁଣି ବିଗିଡ଼ିଯିବ। କେରଳ ଓ ପାଶ୍ଚାତ୍ୟ ଦେଶ ଭଳି ପୁଣି ସଂକ୍ରମଣ ବଢ଼ିଯିବ। ଆମେ ଓ ଆମ ପରିବାର ହଇରାଣ ହେବେ। ପାର୍ବଣରେ ସର୍ବସାଧାରଣ ସ୍ଥାନରେ ଭିଡ଼ କରିବା ନାହିଁ। ଘରେ ରହି ମା'ଙ୍କ ଆରାଧନା କରିବା। ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରଖିବା ଓ ହାତ ଧୋଇବା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଏଭଳି ଆହ୍ୱାନ ଦେଇଛନ୍ତି।

ମଙ୍ଗଳବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟବାସୀଙ୍କୁ ସମ୍ବୋଧନ କରି କହିଛନ୍ତି, ବିଶେଷଜ୍ଞମାନଙ୍କ ଅନୁସାରେ ଶୀତ ଋତୁରେ କରୋନା ଆହୁରି ଭୟଙ୍କର ରୂପ ନେବ। ଆମେ ସାବଧାନ ରହିଲେ ସଂକ୍ରମଣ ବଢ଼ିବ ନାହିଁ। ଏପରି କି ସଂକ୍ରମଣ ଯେଭଳି ବଢ଼ିବ ନାହିଁ ସେଥିପାଇଁ ମା'ଙ୍କ ନିକଟରେ ଶପଥ ନେଇ କାମ କରିବା ହେବ। ଗତ ୭ ମାସ ହେବ ଓଡ଼ିଶା କରୋନା ☞ପୃଷ୍ଠା-୪

# ଶୀତ ପାଇଁ ମୌସୁମୀ ବାଧକ

**ଭୁବନେଶ୍ୱର,୨୦।୧୦(ବ୍ୟୁରୋ)**

- ୩ ମାସରେ ୧୦ ଲଘୁଚାପ
- ୨୬ରେ ପୁଣି ଆସିବ
- ଫସଲକୁ ବର୍ଷା ବିପଦ, ଅର୍ଥନୀତି ପ୍ରଭାବିତ
- ବିପଦ ଆଣୁଛି ଦକ୍ଷିଣ ଚାଇନା ସାଗର ବାତ୍ୟା

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ସକ୍ରିୟ ରହିଛି। ନଭେମ୍ବର ପହିଲା ପୂର୍ବରୁ ଏହା ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା କ୍ଷୀଣ। ଅକ୍ଟୋବରରେ ଲଗାତର ଲଘୁଚାପ ଯୋଗୁ ମୌସୁମୀ ଅଧିକ ବଳବାନ ହୋଇଛି। ବିଭିନ୍ନ ପ୍ରାନ୍ତରେ ତୁହାକୁ ତୁହା ବର୍ଷା ଲାଗିରହିଛି। ଚଳିତବର୍ଷ ମୌସୁମୀ ପ୍ରତ୍ୟାବର୍ତ୍ତନ ସମସ୍ତ ରେକର୍ଡକୁ ଭାଙ୍ଗିବାକୁ ଯାଉଛି। ଅକ୍ଟୋବର ୨୬ରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏଥିଯୋଗୁ ଅକ୍ଟୋବର ୨୯ ଯାଏ ଉପକୂଳ ସମେତ ଦକ୍ଷିଣ ଓଡ଼ିଶାର ଅନେକ ଜିଲାରେ ବର୍ଷା ହୋଇପାରେ। ବାୟୁମଣ୍ଡଳର ଆର୍ଦ୍ରତା ୪୦ ପ୍ରତିଶତକୁ ଖସି ଆସିଲେ ମୌସୁମୀ ପ୍ରତ୍ୟାହାର ଘୋଷଣା କରାଯାଇଥାଏ। ରାଜ୍ୟରେ ଶୀତର ଆଗମନ ହୋଇଥାଏ। ତେବେ ଏବେ ସୁଦ୍ଧା ବାୟୁମଣ୍ଡଳର ଆର୍ଦ୍ରତା ୮୦ରୁ ୯୦ ପ୍ରତିଶତ ମଧ୍ୟରେ ରହୁଛି, ଯାହାକି ବର୍ଷା ପାଇଁ ପାଗ ଅନୁକୂଳ ରଖୁଛି।

ସାଧାରଣତଃ ଅକ୍ଟୋବର ଦ୍ୱିତୀୟ ସପ୍ତାହ ଅର୍ଥାତ୍ ୧୫ରୁ ୧୭ ତାରିଖ ମଧ୍ୟରେ ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ପାଣିପାଗ ବିଭାଗ ପକ୍ଷରୁ ଘୋଷଣା କରାଯାଇଥାଏ। ଏହି ସମୟରେ ବାତ୍ୟାର ଆଶଙ୍କା ରହିଥାଏ। ଅକ୍ଟୋବରରୁ ନଭେମ୍ବର ୭ ପର୍ଯ୍ୟନ୍ତ ଓଡ଼ିଶାକୁ ବାତ୍ୟା ଭୟ ରହିଥାଏ। ମୌସୁମୀ ଫେରିବା ବିଳମ୍ବ ହେଉଥିବାରୁ ନଭେମ୍ବରରେ ମଧ୍ୟ ବାତ୍ୟା ଆଶଙ୍କା ସହ ଶୀତ ଉପରେ ପ୍ରଭାବ ପଡ଼ିପାରେ। ପାଣିପାଗ ବିଶେଷଜ୍ଞଙ୍କ କହିବା ହେଲା, ଦକ୍ଷିଣ ଚାଇନା ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଡିପ୍ରେଶନରେ ପରିଣତ ହୋଇ ଦକ୍ଷିଣ ପଶ୍ଚିମ ଦିଗକୁ ଗତି କରୁଛି। ଏଥିଯୋଗୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ବାରମ୍ବାର ଲଘୁଚାପ ସୃଷ୍ଟି ହେବା ସହ ରାଜ୍ୟର ଜଳବାୟୁକୁ ପ୍ରଭାବିତ କରୁଛି। ନଭେମ୍ବରରୁ ରାଜ୍ୟରେ ଶୀତ ଋତୁ ଅନୁଭୂତ ହୋଇଥାଏ। କିନ୍ତୁ ଏହି ବର୍ଷ ଡିସେମ୍ବରରେ ମଧ୍ୟ ସେତେଟା ଶୀତ ଅନୁଭୂତ ହେବ ନାହିଁ ବୋଲି ଅନୁମାନ କରାଯାଇଛି।

ଅନ୍ୟପକ୍ଷରେ ରାଜ୍ୟ ଅର୍ଥନୀତି ମଧ୍ୟ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। କୃଷି ରାଜ୍ୟ ଅର୍ଥ ବ୍ୟବସ୍ଥାର ପ୍ରମୁଖ ଅଂଶ। ଜୁଲାଇରେ ନିଅଣ୍ଟିଆ ବର୍ଷା ଯୋଗୁ ଧାନ ରୁଆ ବେଉଷଣ ବିଳମ୍ବ ହୋଇଥିଲା। ଅଗଷ୍ଟରେ ପ୍ରବଳ ବର୍ଷା ଉପକୂଳବର୍ତ୍ତୀ ଜିଲାଗୁଡିକର ଧାନ ଫସଲକୁ ଧୋଇନେଲା। ଲଗାତର ଲଘୁଚାପ ଚାଷୀଙ୍କ ପାଇଁ ବିପଦ ସୃଷ୍ଟି କରିଚାଲିଛି। ଅଗଷ୍ଟରୁ ଅକ୍ଟୋବର ମଧ୍ୟରେ ରାଜ୍ୟରେ ୧୦ଟି ଲଘୁଚାପ ସୃଷ୍ଟି ହୋଇଛି। ଅଗଷ୍ଟରେ ୫ଟି, ସେପ୍ଟେମ୍ବରରେ ଗୋଟିଏ ଏବଂ ଅକ୍ଟୋବରରେ ଏ ପର୍ଯ୍ୟନ୍ତ ୪ଟି ଲଘୁଚାପ ସୃଷ୍ଟି ହୋଇ ସାରିଲାଣି। ଅଗଷ୍ଟରେ ପ୍ରବଳ ବର୍ଷା ଯୋଗୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, କଟକ ଜିଲାରେ ବନ୍ୟା ଧାନ ଫସଲକୁ କ୍ଷତିଗ୍ରସ୍ତ କରିଛି। ଲଗାତର ଲଘୁଚାପ ଯୋଗୁ କେବଳ ଧାନ ନୁହେଁ, ତୈଳବୀଜ ଓ ପନିପରିବା ଫସଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହି କାରଣରୁ କାର୍ତ୍ତିକ ମାସ ନ ହେଉଣୁ ପନିପରିବା ଦର ଆକାଶ ଛୁଆଁ ରହିଛି। ଚଳିତବର୍ଷ କରୋନା ଯୋଗୁ ଶିଳ୍ପ ଓ ଅନ୍ୟାନ୍ୟ ବ୍ୟବସାୟ ମାନ୍ଦା ରହିଛି। ଚାଷ କାର୍ଯ୍ୟକୁ ସରକାର ଲକ୍‌ଡାଉନ କଟକଣାରୁ କୋହଳ ☞ପୃଷ୍ଠା-୪






# କାର୍ତ୍ତିକରେ ମିଳିବ ଅବଢ଼ା

**ପୁରୀ ଅଫିସ,୨୦।୧୦**

ଆସନ୍ତା ନଭେମ୍ବର ପହିଲାରୁ ଧର୍ମମାସ କାର୍ତ୍ତିକ ଆରମ୍ଭ ହେଉଛି। ଏହି ପବିତ୍ର ମାସରେ ପୁରୀରେ ହଜାର ହଜାର ସଂଖ୍ୟାରେ ହବିଷିଆଳି ରହି କାର୍ତ୍ତିକ ବ୍ରତ ପାଳିଥାନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଗତ କିଛିବର୍ଷ ହେବ ପ୍ରାୟ ୩ ହଜାର ହବିଷିଆଳିଙ୍କୁ ମାଗଣାରେ ରହିବା, ଖାଇବା ଏବଂ ବ୍ରତ କରିବା ଲାଗି ସବୁ ପ୍ରକାର ସୁବିଧା ଯୋଗାଇ ଦିଆଯାଉଛି। କାର୍ତ୍ତିକ ମାସରେ ପ୍ରାୟ ସବୁ ହବିଷିଆଳି ମହାପ୍ରସାଦ ସେବନ କରିଥାନ୍ତି। କିନ୍ତୁ ଚଳିତବର୍ଷ ଚିତ୍ର ଭିନ୍ନ ରହିଛି। ମହାମାରୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

କ୍ୱାଡ୍




**୫ ଆତଙ୍କବାଦୀ ନିହତ**

ଦକ୍ଷିଣ କଶ୍ମୀରରେ ୨ ଦିନରେ ହୋଇଥିବା ୨ ଏନ୍‌କାଉଣ୍ଟରରେ ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ପୁଲ୍‌ୱାମାରେ ୩ ଓ ଶୋପିଆନ୍‌ରେ ୨ ନିହତ ହୋଇଛନ୍ତି। ଖବର ପାଇ ସୁରକ୍ଷାକର୍ମୀମାନେ ଉକ୍ତ ଅଞ୍ଚଳକୁ ଘେରିଯାଇ ଅଭିଯାନ ଆରମ୍ଭ କରିଥିଲେ। ଆତଙ୍କବାଦୀ ପ୍ରଥମେ ଗୁଳିମାଡ଼ କରିବା ପରେ ଏହାର ଦୃଢ଼ ଜବାବ ଦିଆଯାଇଥିଲା। ଆତଙ୍କବାଦୀଙ୍କଠାରୁ ଅସ୍ତ୍ରଶସ୍ତ୍ର ଜବତ କରିବା ସହ ସୁରକ୍ଷାକର୍ମୀମାନେ ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି।

# ନିର୍ଣ୍ଣାୟକ ହେବେ ଭାରତୀୟ ବଂଶୋଦ୍ଭବ



**ଆମେରିକା ରାଷ୍ଟ୍ରପତି ନିର୍ବାଚନ**

- ୯ ଝୁଲା ରାଜ୍ୟରେ ୧.୪ ନିୟୁତ ଭାରତୀୟ-ଆମେରିକୀୟ ଭୋଟର
- ଏହି ସମୁଦାୟ ଉପରେ ଟ୍ରମ୍ପ ଓ ବିଡେନ୍‌ଙ୍କ ନଜର


ଡୋନାଲ୍ଡ ଟ୍ରମ୍ପ    ଜୋ ବିଡେନ୍

**ୱାଶିଂଟନ/ନୂଆଦିଲ୍ଲୀ,୨୦।୧୦**

୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ୯ ଝୁଲା ରାଜ୍ୟ ଉପରେ ନିର୍ଭର କରେ। ତେଣୁ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ ଓ ଡେମୋକ୍ରାଟ ଜୋ ବିଡେନଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣରେ ରାଜ୍ୟଗୁଡ଼ିକରେ ବସବାସ କରୁଥିବା ୧.୪ ନିୟୁତ ଭାରତୀୟ ବଂଶୋଦ୍ଭବଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। 'ଦି ଅବ୍‌ଜର୍ଭର ରିସର୍ଚ୍ଚ ଫାଉଣ୍ଡେଶନ' (ଓଆର୍‌ଏଫ୍) ପକ୍ଷରୁ ଜାରି ଏକ ସଦ୍ୟ ରିପୋର୍ଟରୁ ଏହି ବିଷୟ ଜଣାପଡ଼ିଛି।

'ୟୁଏସ୍ ଇଲେକ୍ସନ ୨୦୨୦: ଦି ବ୍ୟାଟେଲଗ୍ରାଉଣ୍ଡ ଷ୍ଟେଟ୍ସ' ଶୀର୍ଷକ ରିପୋର୍ଟରେ ଥିଙ୍କଟ୍ୟାଙ୍କ ଓଆର୍‌ଏଫ୍ ଉଲ୍ଲେଖ କରିଛି ଯେ, ଆମେରିକାରେ ରଣକ୍ଷେତ୍ର ରାଜ୍ୟଗୁଡ଼ିକ ନଭେମ୍ବର ୩ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ନିର୍ଦ୍ଧାରଣ କରିବେ। ଏହି ରାଜ୍ୟଗୁଡ଼ିକ ଡେମୋକ୍ରାଟ୍ସ କିମ୍ବା ରିପବ୍ଲିକାନ୍‌ଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରି ନ ଥାଆନ୍ତି କି କୌଣସି ପକ୍ଷ ଆଡ଼କୁ ଢଳନ୍ତି ନାହିଁ। ଏହି ୯ ରାଜ୍ୟ ହେଲା ଆରିଜୋନା, ଫ୍ଲୋରିଡା, ଜର୍ଜିଆ, ମିଶିଗାନ, ନର୍ଥ କାରୋଲିନା, ଓହିଓ, ପେନ୍‌ସିଲଭାନିଆ, ଟେକ୍ସାସ୍ ଓ ୱିସ୍କୋନ୍‌ସିନ। ଏଗୁଡ଼ିକ ହାତରେ ୧୭୩ଟି ଇଲେକ୍ଟୋରାଲ ଭୋଟ ରହିଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ମୋଟ ୫୩୮ ଇଲେକ୍ଟୋରାଲ କଲେଜ ଭୋଟ ରହିଥିବାବେଳେ ଜଣେ ପ୍ରାର୍ଥୀଙ୍କୁ ବିଜୟୀ ହେବା ପାଇଁ ୨୭୦ ଖଣ୍ଡ ଭୋଟ ଆବଶ୍ୟକ ହୋଇଥାଏ। ତେଣୁ ଏହି ରାଜ୍ୟଗୁଡ଼ିକ ଉପରେ ଉଭୟ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ ଓ ଡେମୋକ୍ରାଟ ନୋମିନି ଜୋ ବିଡେନ୍ ଗୁରୁତ୍ୱ ଦେଉଛନ୍ତି।

## କରୋନା ମୁକାବିଲା, ରାଜନୈତିକ ବିବାଦ ବଡ଼ ପ୍ରସଙ୍ଗ

ରିପୋର୍ଟରେ ବିଶେଷକରି ରଣକ୍ଷେତ୍ର ରାଜ୍ୟ ଓ ସେଗୁଡ଼ିକର ଅର୍ଥନୀତି ଉପରେ କୋଭିଡ୍-୧୯ ଭୂତାଣୁର ପ୍ରଭାବ ଏବଂ ମହାମାରୀ ସମୟରେ ରାଜନୈତିକ ବିବାଦ ସମ୍ପର୍କରେ ଅବତାରଣା କରାଯାଇଛି। ଏହାବାଦ ଉପରୋକ୍ତ ରାଜ୍ୟଗୁଡ଼ିକରେ ଭାରତୀୟ-ଆମେରିକୀୟ ସମୁଦାୟର ପ୍ରଭାବ ସମ୍ପର୍କରେ କୁହାଯାଇଛି। ଆମେରିକାର ଅନେକ ଭାଗରେ ଭାରତୀୟ ବଂଶୋଦ୍ଭବ ସମୁଦାୟର ଉପସ୍ଥିତି ଓ ବ୍ୟାପକ ପ୍ରଭାବ ସେମାନଙ୍କୁ ଏକ ନିର୍ଣ୍ଣାୟକ ରାଜନୈତିକ ଶକ୍ତିରେ ପରିଣତ କରିଛି। ଭାରତୀୟ ସମୁଦାୟ ଆମେରିକା ଜନସଂଖ୍ୟାର ମାତ୍ର ୨% ହୋଇଥିଲେ ସୁଦ୍ଧା ସେମାନେ ଉଚ୍ଚଶିକ୍ଷିତ, ଦକ୍ଷତାସମ୍ପନ୍ନ ଓ ସମୃଦ୍ଧ। ଏହି ସମୁଦାୟ ଏକଦା ଡେମୋକ୍ରାଟିକ୍ ପାର୍ଟି ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବାବେଳେ ବର୍ତ୍ତମାନ ରିପବ୍ଲିକାନ୍ ପାର୍ଟି ଆଡ଼କୁ ମୁହାଁଉଥିବା ଏଥିରେ ଦର୍ଶାଇଛି। ୯ ରଣକ୍ଷେତ୍ର ରାଜ୍ୟରେ ପ୍ରାୟ ୧.୪ ନିୟୁତ ଭାରତୀୟ ବଂଶୋଦ୍ଭବ ଭୋଟର ଅଛନ୍ତି। ତନ୍ମଧ୍ୟରୁ ୱିସ୍କୋନ୍‌ସିନରେ ରିପବ୍ଲିକାନ୍ ୨୦୧୬ ନିର୍ବାଚନ ବେଳେ ମାତ୍ର ୨୧,୦୦୦ ଭୋଟ ବ୍ୟବଧାନରେ ଜିତିଥିଲେ। ଏହି ରାଜ୍ୟରେ ୩୭,୦୦୦ ଭାରତୀୟ-ଆମେରିକୀୟ ବସବାସ କରନ୍ତି। ମହାମାରୀ କରୋନା ଚଳିତବର୍ଷ ଆମେରିକୀୟ ନିର୍ବାଚନରେ ଅନିଶ୍ଚିତତା ସୃଷ୍ଟି କରିଛି। ଏପ୍ରିଲ୍‌ରେ ୱିସ୍କୋନ୍‌ସିନ ପ୍ରାଇମେରିଜ୍‌ରେ ହୋଇଥିବା ବିଶୃଙ୍ଖଳା ନଭେମ୍ବର ନିର୍ବାଚନ ବେଳେ ମଧ୍ୟ ବଳବତ୍ତର ରହିପାରେ। ବିଶ୍ଳେଷକଙ୍କ ମତରେ ମତଦାନ କେନ୍ଦ୍ରଗୁଡ଼ିକରେ ଲମ୍ବା ଧାଡ଼ି ଲାଗିରହିବା ସହ ଫଳାଫଳ ଆସିବାରେ ବିଳମ୍ବ ହୋଇପାରେ। ରଣକ୍ଷେତ୍ର ରାଜ୍ୟଗୁଡ଼ିକରେ କରୋନା ଭାଇରସ୍ ସଂକ୍ରମଣ ସର୍ବାଧିକ ବୃଦ୍ଧି ପାଇଛି। ସେପ୍ଟେମ୍ବର ୩୦ ସୁଦ୍ଧା ଦେଶର ସବୁଠୁ ଅଧିକ ମୃତ୍ୟୁ ଘଟିଥିବା ୧୦ଟି ରାଜ୍ୟ ମଧ୍ୟରେ ଟେକ୍ସାସ୍ (୧୬,୧୩୨), ଫ୍ଲୋରିଡା (୧୪,୩୧୭), ପେନ୍‌ସିଲଭାନିଆ (୮,୨୨୪), ମିଶିଗାନ (୭,୦୮୩) ଓ ଜର୍ଜିଆ (୭,୦୨୧) ରହିଥିଲା। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ବର୍ତ୍ତମାନ ମାତ୍ର ୩୮% ନାଗରିକ କରୋନା ମୁକାବିଲା କ୍ଷେତ୍ରରେ ଟ୍ରମ୍ପଙ୍କ ଉଦ୍ୟମକୁ ଉଚିତ ବୋଲି ସମର୍ଥନ କରିଛନ୍ତି, ଯାହାକି ମାର୍ଚ୍ଚ ତୁଳନାରେ ବହୁତ କମ୍।

# ୩୧% ପ୍ରାର୍ଥୀଙ୍କ ନାଁରେ ଆପରାଧିକ ମାମଲା

**ନୂଆଦିଲ୍ଲୀ, ୨୦।୧୦**

ବିହାର ବିଧାନସଭା ନିର୍ବାଚନ ଲାଗି ୨୮ରେ ପ୍ରଥମ ପର୍ଯ୍ୟାୟ ଭୋଟ୍‌ଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ପ୍ରାର୍ଥୀ ହୋଇଥିବା ୧,୦୬୪ ଜଣଙ୍କ ମଧ୍ୟରୁ ୩୧% (୩୨୮)ଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ (ଏଡିଆର୍) ରିପୋର୍ଟରେ ଦର୍ଶାଯାଇଛି। ଏମାନଙ୍କ ମଧ୍ୟରୁ ୨୩% (୨୨୪) ପ୍ରାର୍ଥୀଙ୍କ ବିରୋଧରେ ସଙ୍ଗିନ ମାମଲା ରହିଛି, ଯେଉଁଥିରେ ୫ ବର୍ଷ ଜେଲ ସହ ଜାମିନ ମିଳି ନ ଥାଏ। ସେହିପରି ୩୫% ଅର୍ଥାତ୍ ୩୭୫ ଜଣ ପ୍ରାର୍ଥୀ କୋଟିପତି ଥିବାବେଳେ ୫ ଜଣଙ୍କ ପାଖରେ କୌଣସି ସମ୍ପତ୍ତି ନ ଥିବା ଦର୍ଶାଯାଇଛି।

ଆର୍‌ଜେଡିର ୪୧ ପ୍ରାର୍ଥୀଙ୍କ ମଧ୍ୟରୁ ୩୦ (୭୩%) ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବାବେଳେ ୨୨ (୫୪%)ଙ୍କ ବିରୋଧରେ ସଙ୍ଗିନ ମାମଲା ରହିଥିବା ସତ୍ୟପାଠରେ ଦର୍ଶାଯାଇଛି। ସେହିଭଳି ଭାଜପାର ୨୯ ପ୍ରାର୍ଥୀଙ୍କ ମଧ୍ୟରୁ ୨୧ (୭୨%) ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବାବେଳେ ୧୩ (୪୫%) ଜଣଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା ଅଛି। ଏଲ୍‌ଜେପିର ୪୧ ପ୍ରାର୍ଥୀଙ୍କ ମଧ୍ୟରୁ ୨୪ (୫୯%)ଙ୍କ ବିରୋଧରେ ଆପରାଧିକ ମାମଲା ଓ ୨୦ (୪୯%) ପ୍ରାର୍ଥୀଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା ରହିଛି। କଂଗ୍ରେସର ୨୧ ପ୍ରାର୍ଥୀଙ୍କ ମଧ୍ୟରୁ ୧୨ (୫୭%) ଜଣ, ଜେଡିୟୁର ୩୫ ପ୍ରାର୍ଥୀଙ୍କ ମଧ୍ୟରୁ ୧୫ (୪୩%) ଜଣ ବିଏସ୍‌ପିର ୨୬ ପ୍ରାର୍ଥୀଙ୍କ ମଧ୍ୟରୁ ୫ (୧୯%) ଜଣ ପ୍ରାର୍ଥୀଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା ରହିଛି। ୨୯ ପ୍ରାର୍ଥୀଙ୍କ ବିରୋଧରେ ମହିଳା ବିରୋଧୀ ହିଂସା ମାମଲା, ୩ ଜଣଙ୍କ ବିରୋଧରେ ବଳାତ୍କାର ମାମଲା ରହିଛି। ଏଥିସହ ୨୧ ଜଣଙ୍କ ବିରୋଧରେ ହତ୍ୟା ମାମଲା ଓ ୬୨ ପ୍ରାର୍ଥୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରହିଥିବା ଦର୍ଶାଯାଇଛି। ମୋଟ ୧,୦୬୪ ପ୍ରାର୍ଥୀଙ୍କ ମଧ୍ୟରେ ୩୭୫ (୩୫%) କୋଟିପତି ଥିବାବେଳେ ଆର୍‌ଜେଡିରୁ ୩୯, ଜେଡିୟୁରୁ ୩୧, ଭାଜପାରୁ ୨୪, ଏଲ୍‌ଜେପିରୁ ୩୦, କଂଗ୍ରେସରୁ ୧୪ ଓ ବିଏସ୍‌ପିରୁ ୧୨ କୋଟିପତି ଥିବା ପ୍ରକାଶ।

**ପ୍ରଥମ ପର୍ଯ୍ୟାୟ ବିହାର ଭୋଟ୍**

ADR
Association for Democratic Reforms

# କୃଷି ଆଇନ ବିରୋଧରେ ପଞ୍ଜାବରେ ବିଲ୍ ପାସ୍

**ଚଣ୍ଡିଗଡ଼, ୨୦।୧୦**

- ବିଧାନସଭାରେ ବିଲ୍‌କୁ ଏସ୍‌ଏଡି, ଏଏପିର ସମର୍ଥନ
- ଭାଜପା ବିଧାୟକ ଯୋଗଦେଲେନି

କେନ୍ଦ୍ରର କୃଷି ଆଇନକୁ ବିରୋଧକରି ପଞ୍ଜାବ ବିଧାନସଭାରେ ସର୍ବସମ୍ମତିକ୍ରମେ ୪ଟି ବିଲ୍ ପାସ୍ ହୋଇଛି। ଗୃହରେ ଏନେଇ ପ୍ରାୟ ୫ ଘଣ୍ଟାକାଳ ଆଲୋଚନା କରାଯାଇଥିଲା। ଏଥିରେ ଭାଜପା ବିଧାୟକମାନେ ଅଂଶଗ୍ରହଣ କରି ନ ଥିଲେ। କଂଗ୍ରେସ ସରକାରଙ୍କ ଦ୍ୱାରା ଆଗତ ବିଲ୍‌କୁ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି), ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଓ ଲୋକ ଇନ୍‌ସାଫ୍‌ର ବିଧାୟକମାନେ ସମର୍ଥନ କରିଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ବିଧାନସଭାରେ ଏହି ବିଲ୍‌କୁ ସର୍ବସମ୍ମତିକ୍ରମେ ସମର୍ଥନ କରିବା ଲାଗି ଅନୁରୋଧ କରିଥିଲେ। କେନ୍ଦ୍ର ସରକାର କୃଷି ବିଲ୍ କୃଷକଙ୍କ ଆୟ ବୃଦ୍ଧିକରିବା ସହ ମଧ୍ୟସ୍ଥଙ୍କ ହସ୍ତକ୍ଷେପରୁ ମୁକ୍ତ ହୋଇପାରିବ ବୋଲି କହିଥିଲେ। ହେଲେ ଏହା କୃଷକ ବିରୋଧୀ ବୋଲି ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଥିଲେ। କୃଷି ଓ କୃଷକଙ୍କ ହିତ ସହ ସାଲିସ୍ କରାଯିବ ନାହିଁ ବୋଲି ମତ ଦେଇଥିଲେ। ପ୍ରକାଶଥାଉ କି, କେନ୍ଦ୍ରର କୃଷି ଆଇନକୁ ପଞ୍ଜାବ, ହରିୟାଣା ସମେତ ଦେଶର କୃଷକମାନେ ବିରୋଧ କରିବା ସହ ବିକ୍ଷୋଭ କରିଆସୁଛନ୍ତି।

# ଆଇଏସ୍‌ର ଷଡ଼ଯନ୍ତ୍ର, ଜେହାଦ ଆହ୍ୱାନ

**ନୂଆଦିଲ୍ଲୀ, ୨୦।୧୦:** ଭାରତ ବିରୋଧରେ ଆତଙ୍କବାଦୀ ସଙ୍ଗଠନ ଆଇଏସ୍ (ଇସ୍‌ଲାମିକ୍ ଷ୍ଟେଟ୍) ଷଡ଼ଯନ୍ତ୍ର ଚଳାଇଛି। ବାବ୍ରି ମସ୍‌ଜିଦ ଭଙ୍ଗ ଘଟଣାର ପ୍ରତିଶୋଧ ନେବା ଲାଗି ଏହି ଆତଙ୍କବାଦୀ ସଙ୍ଗଠନ ଡିଜିଟାଲ ମାଗାଜିନ 'ଭଏସ୍ ଅଫ୍ ହିନ୍ଦ୍' ଜରିଆରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଅନୁଗାମୀମାନଙ୍କୁ ଜେହାଦ ହେବା ଲାଗି ଅନୁପ୍ରାଣିତ କରୁଥିବା ଜଣାପଡ଼ିଛି। ଏଭଳି ଭୟଙ୍କର ଘଟଣା ସମ୍ପର୍କରେ ସୁରକ୍ଷା ସଂସ୍ଥା ଅବଗତ କରିବା ପରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଉଛି। ଜାତୀୟ ସୁରକ୍ଷା ପ୍ରତି ଏହା ମସ୍ତ ବଡ଼ ବିପଦ ସୃଷ୍ଟିକରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।




ମାଗାଜିନରେ ସିଏଏକୁ ବିରୋଧ କରିବା ସହ ଲୋକମାନଙ୍କୁ ବିକ୍ଷୋଭ ଲାଗି ଅନୁପ୍ରାଣିତ କରୁଛି। ବିକ୍ଷୋଭକାରୀଙ୍କ ସହ ଆତଙ୍କବାଦୀ ସଙ୍ଗଠନ ରହିଥିବା ଦର୍ଶାଯାଇଛି। ଗୁପ୍ତ ଟେଲିଗ୍ରାମ ଚ୍ୟାନେଲ ଓ ୱେବ୍ ଜରିଆରେ ଲୋକଙ୍କ ମନରେ ଘୃଣାଭାବ ଜାଗ୍ରତ କରାଯାଉଛି। କୋର୍ଟ ନିର୍ଦ୍ଦେଶକୁ ଗ୍ରହଣ ନ କରିବା ଲାଗି ପରାମର୍ଶ ଦିଆଯାଇଛି। ଏହି ମାଗାଜିନର ୯ମ ସଂସ୍କରଣ ପ୍ରକାଶ କରାଯାଇ ବାବ୍ରି ମସ୍‌ଜିଦ୍ ଭଙ୍ଗ ବିରୋଧରେ ପ୍ରତିଶୋଧ ନେବାକୁ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଆହ୍ୱାନ ଦିଆଯାଇଛି। ମାଗାଜିନରେ ମସ୍‌ଜିଦ ଭଙ୍ଗର ଚିତ୍ର ମଧ୍ୟ ପ୍ରକାଶ ପାଇଛି। ସିଏଏକୁ ବିରୋଧ କରି ବିଭିନ୍ନ ମିଥ୍ୟା ପ୍ରଚାର ଏଥିରେ ପ୍ରକାଶ ପାଇଛି। ମାଗାଜିନର ପୂର୍ବ ସଂସ୍କରଣରେ ମଧ୍ୟ ଲୋକଙ୍କୁ ଉତ୍ତେଜିତ କରିବା ଓ ଭାରତ ବିରୋଧରେ ସ୍ୱର ଉଠାଇବା ଲାଗି ଉତ୍ସାହିତ କରାଯାଇଥିଲା।

## ଫୁରସତ୍

# ଶୁଟିଂ ଲାଗି ଇଟାଲୀରେ ପୂଜା

**ମୁମ୍ବାଇ:** ଅଭିନେତ୍ରୀ ପୂଜା ହେଗ୍‌ଡେ ବେଶ୍ ସଫଳ। ଆଗାମୀ ଫିଲ୍ମ 'ରାଧେଶ୍ୟାମ'ର ଶୁଟିଂ ପାଇଁ ଏବେ ଇଟାଲିରେ ଅଛନ୍ତି ବୋଲି ଇନ୍‌ଷ୍ଟାରେ ପୂଜା ଶେୟାର କରିଛନ୍ତି। ଏହି ଫିଲ୍ମରେ ଲିଡ୍ ରୋଲରେ ବାହୁବଳୀ ଷ୍ଟାର ପ୍ରଭାସ ଓ ଅଭିନେତ୍ରୀ ପୂଜାଙ୍କୁ ଦେଖିବାକୁ ମିଳିବ। ସେଠାରେ ଶୁଟିଂରେ ଲାଗି ପଡ଼ିଛନ୍ତି ପୂଜା, ପ୍ରଭାସ। ଯଥାଶୀଘ୍ର ଶୁଟିଂ ସାରିବାକୁ ଉଭୟ ଉଦ୍ୟମ କରୁଛନ୍ତି। କରୋନା ପାଇଁ ପୂଜା କୌଣସି ହୋଟେଲରେ ନୁହେଁ ବରଂ ଏକ ଫାର୍ମ ହାଉସ୍‌ରେ ରହୁଛନ୍ତି। ୨୦୨୧ ଦଶହରା ଅବସରରେ 'ରାଧେଶ୍ୟାମ' ରିଲିଜ ହେବ ବୋଲି ଜଣାପଡ଼ିଛି। ଏହି ଫିଲ୍ମର ନିର୍ଦ୍ଦେଶନା ରାଧାକ୍ରିଷ୍ଣ କୁମାର ଦେଉଥିଲା ବେଳେ ଭୂଷଣ କୁମାର ଏହାର ପ୍ରଯୋଜକ ଅଛନ୍ତି। ଫିଲ୍ମଟି ଏକାସାଙ୍ଗରେ ଉଭୟ ତେଲୁଗୁ ଏବଂ ହିନ୍ଦୀ ଭାଷାରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମର ପ୍ରାୟତଃ ସିନ୍ ହାଇଦ୍ରାବାଦ, ଇଟାଲୀ ଏବଂ ଜର୍ଜିଆରେ ଶୁଟିଂ ହୋଇଛି।


ପୂଜା ହେଗ୍‌ଡେ

# ଡାକ୍ତର ବେଶରେ ମା' ଦୁର୍ଗା

**କୋଲକାତା:** ଏବର୍ଷ କଟକଣାରେ ପାଳନ ହେଉଛି ଦଶହରା। ଅଧିକାଂଶ ସ୍ଥାନରେ କୋଭିଡ୍ ଥିମ୍‌ରେ ତିଆରି ହୋଇଛି ମା' ଦୁର୍ଗାଙ୍କ ମୂର୍ତ୍ତି। ତେବେ କୋଲକାତାର ଏକ ପୂଜା ମଣ୍ଡପରେ ଏଥର ଦୁର୍ଗାଙ୍କୁ ଆବାହନ କରାଯାଇଛି ଡାକ୍ତରଙ୍କ ରୂପରେ, ଆଉ ସେ ବିନାଶ କରୁଛନ୍ତି କରୋନା ରୂପକ ରାକ୍ଷସକୁ। କୋଲକାତାରେ ଏଭଳି ଏକ ଦୁର୍ଗାଙ୍କ ଡାକ୍ତର ବେଶଥିବା ମୂର୍ତ୍ତି ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଦେବୀ ଦୁର୍ଗା ଡାକ୍ତରଙ୍କ ଭଳି ଏକ ଧଳା କୋଟ୍ ପିନ୍ଧିଛନ୍ତି ଏବଂ ବେକରେ ତାଙ୍କର ଷ୍ଟେଥୋ ମଧ୍ୟ ରହିଛି। ଦୁଷ୍ଟ ଶକ୍ତିକୁ ବିନାଶ କରିବା ପାଇଁ ଧରାପୃଷ୍ଠକୁ ପ୍ରତିବର୍ଷ ଆସୁଥିବା ମାଆ ଏଥର କରୋନା ଭଳି ଏକ ନକାରାତ୍ମକ ଶକ୍ତିକୁ ନଷ୍ଟ କରିବେ।



DSPL - 83

ହସିଲା ସୂର୍ଯ୍ୟ ଆୟୋଡିନ୍ ଲୁଣ
ଚକମକ ବୁଦ୍ଧି, ଚକମକ ଗୁଣ

ଗର୍ଭବତୀ ମା' ପାଇଁ ଆୟୋଡିନ୍ ଲୁଣ
ଗର୍ଭ ଅବସ୍ଥାରେ ପ୍ରତିଦିନ ଆୟୋଡିନ୍ ଲୁଣ ଖାଇଲେ ଜନ୍ମ ହେବାକୁ ଥିବା ଶିଶୁର ମାନସିକ ଓ ଶାରିରୀକ ଅଭିବୃଦ୍ଧି ହୋଇଥାଏ ।

ବଢୁଥିବା ଶିଶୁପାଇଁ ଆୟୋଡିନ୍ ଲୁଣ
ପ୍ରତିଦିନ ଖାଦ୍ୟରେ ଆୟୋଡିନ୍ ଲୁଣ ବ୍ୟବହାର କଲେ ପିଲାଙ୍କର ଉପଯୁକ୍ତ ମାନସିକ ଓ ବୌଦ୍ଧିକ ବିକାଶ ହୋଇଥାଏ ।

ପ୍ରତିଦିନ ଖାଦ୍ୟରେ ଆୟୋଡିନ୍‌ଯୁକ୍ତ ଲୁଣ ପିଲାଙ୍କ ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ।

ଆପଣମାନେ ନିୟମିତ "ହସିଲା ସୂର୍ଯ୍ୟ" ଚିହ୍ନ ଥିବା ଆୟୋଡିନ୍ ଲୁଣ ବ୍ୟବହାର କରନ୍ତୁ ଓ ଏକ ସୁସ୍ଥ ସମାଜ ଗଠନରେ ସାମିଲ୍ ହୁଅନ୍ତୁ ।

ସର୍ବଦା କରୋନା ସମ୍ବନ୍ଧୀୟ ସତର୍କତା ନିଶ୍ଚୟ ପାଳନ କରନ୍ତୁ ।
- ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ ।
- ମାସ୍କ ସଠିକ୍ ଭାବରେ ବ୍ୟବହାର କରନ୍ତୁ ।
- ଶାରିରୀକ ଦୂରତା ବଜାୟ ରଖନ୍ତୁ ।
- ଜନଗହଳି ସ୍ଥାନଠାରୁ ଦୂରେଇ ରୁହନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha http://www.health.odisha.gov.in/ @HFWOdisha
OIPR-10003/13/0028/2021

DSPL-85

MESSAGE ON
POLICE COMMEMORATION DAY



It gives me a great sense of pride as the 61st Police Commemoration Day is being observed on October 21, 2020 in all Police establishment across the country. Odisha Police remembers and pays homage to the gallant warriors of police forces who have laid down their lives to the call of duty.

The sacrifices of our martyrs are priceless and eternal. Each act is of exceptional valour and complete devotion to duty. Odisha Police is proud of its many such brave hearts. I congratulate the police personnel of the State for being at the frontline in the battle against the novel corona virus.

I am sure the observance of the Day will further boost the morale of our police forces and they continue to perform their duties with utmost diligence.

I wish the observance all Success.

(Ganeshi Lal)
Hon'ble Governor of Odisha

OIPR-12029/13/0017/2021

DSPL-85

ପୋଲିସ ଶହୀଦ ସ୍ମୃତି ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଓଡ଼ିଶା ପୋଲିସ ପକ୍ଷରୁ ୬୧ତମ ପୋଲିସ ଶହୀଦ ସ୍ମୃତି ଦିବସ ଅକ୍ଟୋବର ୨୧, ୨୦୨୦ ଦିନ ପାଳନ କରାଯାଉଥିବା ଖୁସିର କଥା । ଦେଶ ପାଇଁ ସର୍ବୋଚ୍ଚ ତ୍ୟାଗ ସ୍ୱୀକାର କରିଥିବା ବୀର ପୋଲିସମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧୯୬୦ ମସିହାରୁ ପାଳନ କରାଯାଇଆସୁଥିବା ଏହି ଦିବସ ଆମ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ଦିବସ ।

ଦେଶର ଅଖଣ୍ଡତା ତଥା ଶାନ୍ତି ରକ୍ଷା ସହିତ ସେବା କ୍ଷେତ୍ରରେ ଓଡ଼ିଶା ପୋଲିସ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି । ବିଶେଷ କରି ଏ ବର୍ଷ କୋଭିଡ ରୋଗୀମାନଙ୍କୁ ପ୍ଲାଜମା ଦାନ କରି ଆମର ପୋଲିସ ବାହିନୀ ସର୍ବାଗ୍ରେ ରହି ଆଦର୍ଶ ସୃଷ୍ଟି କରିଛି । ଏହା ଅତ୍ୟନ୍ତ ପ୍ରଶଂସନୀୟ କାର୍ଯ୍ୟ ।

ଏହି ଅବସରରେ ମୁଁ ଶହୀଦ ପୋଲିସମାନଙ୍କ ଅମର ଆତ୍ମା ପ୍ରତି ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ପ୍ରକାଶ କରୁଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

OIPR-12029/13/0017/2021

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୦୮,୫୫,୬୭୦ | ୧୧,୨୫,୯୫୧ | ୩,୦୪,୭୯,୯୦୨ |
| ଭାରତ | ୭୬,୪୪,୯୭୯ | ୧,୧୫,୮୭୯ | ୬୭,୮୪,୭୪୨ |
| ଓଡ଼ିଶା | ୨,୭୨,୨୫୦ | ୧୧୬୮(+୫୩) | ୨,୫୨,୧୯୭ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ହାତୀ ନେଲା ୩ ଜୀବନ

ବାରିପଦା ଅଫିସ/ ଚିତ୍ରଡା/ ଆଠମଲ୍ଲିକ, ୨୦।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଓ ଅନୁଗୋଳ ଜିଲାରେ ମଙ୍ଗଳବାର ହାତୀ ଆକ୍ରମଣରେ ୩ଜଣଙ୍କ ଜୀବନ ଯାଇଛି। ମୟୂରଭଞ୍ଜ ରାସଗୋବିନ୍ଦପୁର ରେଞ୍ଜ ମୋରଡା ବ୍ଲକ ଅଞ୍ଚଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣଙ୍କ ଅବସ୍ଥା ଗୁରୁତର ରହିଛି। ମୃତକମାନେ ହେଲେ ମୋରଡା ପଳାଶମୁଣ୍ଡୁଳୀ ଗ୍ରାମର ସୁଭଦ୍ରା ରଣା(୬୫) ଓ ଗୁଡୁପଳାସିଆର ପ୍ରମିଳା ମହାନ୍ତ(୪୫)। ଗୁରୁତର ଥିବା ଇନ୍ଦ୍ରଜିତ ମହାନ୍ତଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନୁଗୋଳ ଜିଲାର ମୃତ ବ୍ୟକ୍ତି ହେଲେ ଆଠମଲ୍ଲିକ ବ୍ଲକ କମଳପୁର ଗ୍ରାମର ଭାସ୍କର ଭୋକ୍ତା(୬୦)।

ସୂଚନା ଅନୁଯାୟୀ, ରବିବାର ଭୋର ସମୟରେ ପଳାଶମୁଣ୍ଡୁଳୀର ସୁଭଦ୍ରା ଫୁଲ ତୋଳିବାକୁ ଯାଇ ହାତୀ ହାବୁଡରେ ପଡିଥିଲେ। ହାତୀଟି ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ପଶ୍ଚିମବଙ୍ଗ ଆଡକୁ ଯାଉଥିବା ଉକ୍ତ ହାତୀ ଗୁଡୁପଳାସିଆ ଗାଁର ପ୍ରମିଳା ଓ ଇନ୍ଦ୍ରଜିତ୍‌ଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରମିଳାଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ବନ କର୍ମଚାରୀମାନେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ସେହିପରି ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ସଦର ରେଞ୍ଜ କମଳପୁର ଖେସେରା ଜଙ୍ଗଲ ନିକଟ ଚାରିଘରିଆ ନାଳୀ ଜମିରେ ହାତୀ ପଶିଥିବା ଖବରପାଇ ସେଠାକୁ ଯାଇଥିବା ଭାସ୍କର ଭୋକ୍ତାଙ୍କୁ ହାତୀ ଦଳି ଦେଇଛି। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଆଠମଲ୍ଲିକ ଡିଏଫ୍‌ଓ ଆନନ୍ଦ ଏସ୍‌ଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ୍ ଗୌରୀଶଙ୍କର ଦାଶ, ରେଞ୍ଜ ଅଫିସର କୈଳାସ ସାହୁ ପୋଲିସ ସହ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଆଠମଲ୍ଲିକ ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ ବଘାରଙ୍କ ଉପସ୍ଥିତିରେ ବନ ବିଭାଗ ପକ୍ଷରୁ ମୃତ ଭାସ୍କରଙ୍କ ସ୍ତ୍ରୀ ଭଗବତୀଙ୍କୁ ୪୦ ହଜାର ଟଙ୍କାର ପ୍ରାଥମିକ ସହାୟତା ଚେକ ମାଧ୍ୟମରେ ପ୍ରଦାନ କରାଯାଇଛି।

# ନୟାଗଡ଼ରେ ନକଲି ଟଙ୍କା କାରଖାନା ଠାବ

- ୧.୨୫ ଲକ୍ଷ ଜବତ
- ବାଇକ୍ କିଣା ବେଳେ ଧରାପଡ଼ିଲେ ଆଇନଜୀବୀ

ନୟାଗଡ଼ ଅଫିସ,୨୦।୧୦

ନୟାଗଡ଼ ସହରର ଅମରେନ୍ଦ୍ର ବଜାରରେ ଚାଲିଥିଲା ନକଲି ଟଙ୍କା ଛାପା କାରଖାନା। ବାଇକ୍ କିଣିବାବେଳେ ୧ ଲକ୍ଷ ୨୫ ହଜାର ନକଲି ୫୦୦ ଟଙ୍କିଆ ଜବତ ପରେ ଏହା ଦୃଷ୍ଟିକୁ ଆସିଛି। ଥାନାଠାରୁ ପ୍ରାୟ ୫୦୦ ମିଟର ଦୂରରେ ନକଲି ଟଙ୍କା ଛପାଯାଉଥିଲେ ମଧ୍ୟ ଟେର ନ ପାଇବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନକଲି ଟଙ୍କା ଛପାଇବା ଓ ବାଇକ୍ କିଣିବା ବେଳେ ଏହା ଦେବା ଅଭିଯୋଗରେ ଟାଉନ ଥାନା ପୋଲିସ ଓକିଲ ଖଣ୍ଡପଡ଼ା ଥାନା କୋସକା ଫାଣ୍ଡି ଶରଧାପୁର ଗାଁର ଦିବ୍ୟରଞ୍ଜନ ହୋତାଙ୍କୁ ଗିରଫ କରିଛି। ଏହି ଘଟଣାରେ ଅନ୍ୟ ଜଣଙ୍କୁ ପୋଲିସ ଅଟକ ରଖିଛି। ପୋଲିସ ଉକ୍ତ କାରଖାନା ଉପରେ ଚଢ଼ାଉ କରି ନଷ୍ଟ ହୋଇଥିବା କିଛି ୫୦୦ ଓ ୨ ହଜାର ଟଙ୍କିଆ ନୋଟ ଜବତ କରିଛି। ଏହାସହ କମ୍ପ୍ୟୁଟର, ପ୍ରିଣ୍ଟର ଓ ବିଭିନ୍ନ ସରଞ୍ଜାମ ଜବତ କରିଛି। ନକଲି ଟଙ୍କା ଜବତ ଓ ଛାପା କାରଖାନା ଠାବ ପରେ ବଜାରରେ ନକଲି ଟଙ୍କା ବୁଲୁଥିବା ଚର୍ଚ୍ଚା ହେଉଛି। ଆଇଆଇସି ଜୟଦୀପ ମହାନ୍ତିଙ୍କ ସୂଚନା ଅନୁସାରେ ଓକିଲ ଦିବ୍ୟରଞ୍ଜନ ଏକ ବାଇକ୍ କିଣିବାକୁ ମଙ୍ଗଳବାର ଶୋ'ରୁମ୍‌କୁ ଯାଇଥିଲେ। ସେଠାରେ ବାଇକ୍ ବାବଦକୁ ସେ ୧ ଲକ୍ଷ ୩୦ ହଜାର ଟଙ୍କା ଦେଇଥିଲେ। ତେବେ ଏଥିରୁ ୫ ହଜାର ଟଙ୍କାକୁ ଛାଡିଦେଲେ ଅବଶିଷ୍ଟ ୧ ଲକ୍ଷ ୨୫ ହଜାର ଟଙ୍କା ନକଲି ଥିଲା। ଏ ନେଇ ଶୋ'ରୁମ୍ କର୍ତ୍ତୃପକ୍ଷ ଅବଗତ ହେବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସି ନକଲି ଟଙ୍କା ଜବତ କରିବା ସହ ଓକିଲଙ୍କୁ ଗିରଫ କରିଥିଲା। ଏ ନେଇ ଦଫା ୪୮୯ ବି ଓ ୪୮୯ ସିରେ ମାମଲା (ନଂ.୧୬୬/୨୦) ରୁଜୁ ହୋଇଛି। ଦିବ୍ୟରଞ୍ଜନ ୬ବର୍ଷ ହେଲା ଅମରେନ୍ଦ୍ର ବଜାରରେ ଘରଭଡ଼ା ନେଇ ରହିଆସୁଥିଲେ।



ଜବତ ନକଲି ଟଙ୍କା ।

# ୭ ଟିଫିନ ବୋମା ଉଦ୍ଧାର କଲେ ବିଏସ୍‌ଏଫ୍ ଯବାନ

ଚିତ୍ରକୋଣ୍ଡା,୨୦।୧୦(ଡି.ଏନ.ଏ.): ମାଲାକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳରୁ ୭ ଟିଫିନ୍ ବୋମା ଜବତ ହୋଇଛି। କୋମ୍ବିଂ ଅପରେଶନ ବେଳେ ବିଏସ୍‌ଏଫ୍ ଯବାନମାନେ ଏହାକୁ ଠାବ କରିଥିଲେ। ପରେ ଏହାକୁ ବୋମା ନିଷ୍କ୍ରିୟକାରୀ ଟିମ୍ ପହଞ୍ଚି ନିଷ୍କ୍ରିୟ କରି ଦେଇଛନ୍ତି। ଫଳରେ ଏକ ବଡଧରଣର ବିପଦ ଟଳିଯାଇଛି। ଖବରରୁ ଜଣାପଡିଛି ମଙ୍ଗଳବାର ବିଏସ୍‌ଏଫ୍ ଯବାନମାନେ ସ୍ୱାଭିମାନ ଅଞ୍ଚଳକୁ କୋମ୍ବିଂ ଅପରେଶନ କରିବାକୁ ଯାଉଥିଲେ। ପଣସପୁଟ ପଞ୍ଚାୟତର ଗୋରାସେତୁ ଗ୍ରାମ ନିକଟସ୍ଥ ସୁଟିଗନ୍ଧି ପୁରୁଣା ବ୍ରିଜଠାରେ ଯବାନମାନେ ସର୍ଚ୍ଚଯନ୍ତ୍ର ମାଧ୍ୟମରେ ଟିଫିନ ବୋମା ଖଞ୍ଜାଯାଇଥିବା ଜାଣିପାରିଥିଲେ। ସେମାନେ ବିଏସ୍‌ଏଫ୍ କମାଣ୍ଡାଣ୍ଟ ଓ ଏସ୍‌ପିଙ୍କୁ ଜଣାଇଥିଲେ।





STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

OPEN FOR SPOT ADMISSION
LIMITED SEATS ARE VACANT

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English as one of the subject (Minimum 50% marks) | 25 Years as on 1st July 2020 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Years | 10+2 pass or equivalent | |
| 3. Diploma In Food & Beverage Service | 1½ Years | 10+2 pass or equivalent | |
| 4. Diploma In Food Production | 1½ Years | 10+2 pass or equivalent | |
| 5. Diploma In Housekeeping | 1½ Years | 10+2 pass or equivalent | |
| 6. Craftsmanship Certificate Course In Food Production | 1½ Years | 10th pass | |

Candidates sponsored by the Industry or already working in the Industry, the maximum age limit is 30 years (further relaxable up to 3 years for SC/ST) (Only for Diploma & Certificate Course).

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9348849484, 6370180040, 9437140772


# ପୂର୍ବତନ ବିଧାୟକ ଗୁରୁପଦ ନନ୍ଦଙ୍କ ପରଲୋକ



କଟକ ଅଫିସ,୨୦।୧୦– ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଗୁରୁପଦ ନନ୍ଦଙ୍କର ମଙ୍ଗଳବାର କଟକର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ କିଛିଦିନ ତଳେ କରୋନାରେ ଆକ୍ରାନ୍ତ ହେବାରୁ ତାଙ୍କୁ ଜଗତ୍‌ପୁରସ୍ଥିତ ଘରୋଇ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମରଶରୀରକୁ ଜନ୍ମମାଟି ସାଲେପୁର ବ୍ଲକ ବଳରାମପୁର ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ରୋମିଓ ମୁଖାଗ୍ନି ଦେଇଥିଲେ। ୧୯୪୬ ଏପ୍ରିଲ ୮ରେ ଗୁରୁପଦ ବଳରାମପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୧୯୬୯ରେ ଛାତ୍ରନେତା ଭାବେ ସେ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ ୟୁନିୟନ ନାମରେ ଏକ ସଙ୍ଗଠନ ଗଠନ କରିଥିଲେ। ପରେ ୧୯୭୨ରେ କଂଗ୍ରେସରେ ଯୋଗଦେଇଥିଲେ। ତାଙ୍କୁ ରାଜ୍ୟ ଯୁବ କଂଗ୍ରେସର ସଭାପତି ଦାୟିତ୍ୱ ଦିଆଯାଇଥିଲା। ତାଙ୍କର ନେତୃତ୍ୱକୁ ଦେଖି ୧୯୮୦ରେ ତାଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ମିଳିଥିଲା। ରାଉରକେଲା ବିଧାନସଭା ଆସନରୁ ସେ ନିର୍ବାଚିତ ହୋଇଥିଲେ। ସରକାରୀ ଦଳର ମୁଖ୍ୟ ସଚେତକ ଥିଲେ। ପିସିସି ଉପସଭାପତି ଓ ପରେ କଟକ ଜିଲା ସଭାପତି ଥିଲେ।




**ଆଜିର ମନ୍ତବ୍ୟ**

"ସଂସ୍ଥାଗୁଡ଼ିକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରିବା କେନ୍ଦ୍ର ସରକାରଙ୍କ ପ୍ରବୃତ୍ତି।
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ତନ୍ଵି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## କାର୍ତ୍ତିକରେ ମିଳିବ...

କରୋନା ପାଇଁ ସରକାର ଏଥର ହବିଷିଆଳି ଯୋଜନାରେ କାହାକୁ ରଖୁନାହାନ୍ତି। କିନ୍ତୁ ବହୁ ସଂଖ୍ୟକ ହବିଷିଆଳି ବ୍ୟକ୍ତିଗତ ଭାବେ ଆସି ଶ୍ରୀକ୍ଷେତ୍ରରେ ରହି ହବିଷ କରିବେ। ମାତ୍ର କାର୍ତ୍ତିକ ମାସରେ ଶ୍ରୀମନ୍ଦିର ଭିତରକୁ ଭକ୍ତଙ୍କୁ

### ନିଯୋଗ ପକ୍ଷରୁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା

- ଶ୍ରୀମନ୍ଦିର ଉତ୍ତର, ଦକ୍ଷିଣ ଦ୍ୱାରରେ କାଉଣ୍ଟର ଖୋଲିବ
- କୋଭିଡ୍ କଟକଣା ମାନି ଭକ୍ତ ଅବଢ଼ା ପାଇପାରିବେ

ଛଡ଼ାଯିବା ସମ୍ଭାବନା ପ୍ରାୟତଃ ନାହିଁ। ତେଣୁ ଶ୍ରଦ୍ଧାଳୁ ଏବଂ ହବିଷିଆଳିମାନେ କିପରି ଶୃଙ୍ଖଳିତ ଭାବେ ମହାପ୍ରସାଦ ପାଇପାରିବେ ସେଥିଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସୁଆର ମହାସୁଆର ନିଯୋଗ ପକ୍ଷରୁ ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହିତ ଆଲୋଚନା ହୋଇଛି। କାର୍ତ୍ତିକ ମାସରେ ମହାପ୍ରସାଦ ଯୋଗାଇଦେବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି

ପ୍ରଥମ ପୃଷ୍ଠାରୁ...

ମଙ୍ଗଳବାର ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀ କହିଛନ୍ତି।

ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସମ୍ପାଦକ ପ୍ରତିହାରୀ କହିଛନ୍ତି, ସାଧାରଣତଃ କାର୍ତ୍ତିକ ମାସରେ ପୁରୀ ସହରର ପ୍ରାୟ ପ୍ରତି ଘରେ ମହାପ୍ରସାଦ ସେବନ କରାଯାଇଥାଏ। ବାହାରୁ ଆସୁଥିବା ହବିଷିଆଳି ଓ ଭକ୍ତ ଅବଢ଼ା ପାଇବା ସହିତ ଘରକୁ ନେଇଥାନ୍ତି। ଯେହେତୁ ଏ ବର୍ଷ କରୋନା କଟକଣା ପାଇଁ ଶ୍ରଦ୍ଧାଳୁଙ୍କୁ ମନ୍ଦିରକୁ ଛଡ଼ାଯିବ ନାହିଁ ତେଣୁ ମହାପ୍ରସାଦ କିପରି ପାଇପାରିବେ ସେଥିଲାଗି ବ୍ୟବସ୍ଥା କରିବା ଲାଗି ନିଯୋଗ ପକ୍ଷରୁ ମୁଖ୍ୟ ପ୍ରଶାସକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରଥଯାତ୍ରା ବେଳେ ଯେପରି ଗୁଣ୍ଡିଚା ମନ୍ଦିର ନିକଟରେ ଶେଡ୍ କରାଯାଇଥିଲା ସେହିଭଳି ଶ୍ରୀମନ୍ଦିର ଉତ୍ତର ଓ ଦକ୍ଷିଣ ଦ୍ୱାରରେ ବ୍ୟବସ୍ଥା କରିବା ଲାଗି ପ୍ରସ୍ତାବ ଦିଆଯାଇଥିଲା। ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଏଥିରେ ସହମତି ପ୍ରକାଶ କରିଛନ୍ତି। ୪/୫ ଦିନ ମଧ୍ୟରେ ଟେଷ୍ଟ କରାଯିବ। ଭକ୍ତମାନେ କୋଭିଡ୍ ଗାଇଡ୍‌ଲାଇନ ମାନି କାଉଣ୍ଟରରୁ ଟିକେଟ୍ କରି ମହାପ୍ରସାଦ ପାଇପାରିବେ ବୋଲି ପ୍ରତିହାରୀ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ପଚାରିବାରେ କହିଛନ୍ତି, ମୁଖ୍ୟ ପ୍ରଶାସକଙ୍କ ସହିତ ସୁଆର ମହାସୁଆର ନିଯୋଗ ଆଲୋଚନା କରିବା ପରେ ହୁଏତ ଏଭଳି କିଛି ନିଷ୍ପତ୍ତି ନିଆଯାଇଥିବ। କିନ୍ତୁ ଏ ସମ୍ପର୍କରେ ସେ ଅବଗତ ନ ଥିବା ଜେନା ପ୍ରକାଶ କରିଛନ୍ତି।

## ଶୀତ ପାଇଁ...

କରିଥିବାରୁ ଲୋକମାନେ କୃଷି କ୍ଷେତ୍ରରେ ଭଲ ଦି' ପଇସା ଲାଭ ପାଇବା ଆଶାରେ ଅଧିକ ନିବେଶ କରିଛନ୍ତି। ତେବେ ଲଗାତର ଲଘୁଚାପ ବର୍ଷା ସେହି ଆଶାକୁ ମଧ୍ୟ ଧୂଳିସାତ କରିଦେଉଛି। ବର୍ଷା ଉପକୂଳ ଜିଲାଗୁଡିକରେ ଧାନ ଫସଲକୁ ଉଜାଡି ଦେଉଛି। କେତେକ ଜିଲାରେ ଧାନ ଫସଲ ଥୋର ହୋଇଛି। ଏହି ସମୟରେ ଅଧିକ ବର୍ଷା କିମ୍ବା ପବନ ହେଲେ ତାହା ଅଗାଡିରେ ପରିଣତ ହେବା ସହ ସମ୍ପୂର୍ଣ୍ଣ ବରବାଦ ହୋଇଯିବ। ଆଉ ଏକ ଲଘୁଚାପ ଆଶଙ୍କା ଥିବାରୁ ଚାଷୀକୁଳ ଭୟଭୀତ ହୋଇଯାଇଛନ୍ତି।

## ଲକ୍‌ଡାଉନ୍ ସରିଛି,...

ବାର୍ତ୍ତାରେ ମୋଦି କହିଛନ୍ତି, ନିକଟରେ ଏପରି ଅନେକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ଲୋକେ ସତର୍କ ହେବା ଛାଡ଼ିଦେଇଥିବା ଦେଖିବାକୁ ମିଳିଛି। ମାସ୍କ ନ ପିନ୍ଧି ବାହାରେ ବୁଲିବା, ସାମାଜିକ ଦୂରତ୍ୱ ଅବଲମ୍ବନ ନ କରିବା ପରି ଅବହେଳା କରି ଆପଣ ନିଜ ତଥା ପରିବାରର ଶିଶୁ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ଜୀବନକୁ ବିପଦ ମୁହଁକୁ ଠେଲିଦେଉଛନ୍ତି। ୟୁରୋପ, ଆମେରିକା ଓ ଅନ୍ୟ କେତେକ ଦେଶରେ କରୋନା ସଂକ୍ରମଣ ହ୍ରାସ ପାଇବା ପରେ ଭୂତାଣୁ ପୁଣି ଥରେ ତା'ର ପ୍ରାଦୁର୍ଭାବ ଦେଖାଇଛି। ଏହାକୁ ଦୃଷ୍ଟିରେ ରଖି ଭାକ୍ସିନ ନ ଆସିବା ପର୍ଯ୍ୟନ୍ତ ଆମକୁ ସତର୍କ ହେବାକୁ ପଡ଼ିବ। ସନ୍ଥ କବୀର ଦାସଙ୍କ ବାଣୀ ଓ ରାମଚରିତ ମାନସ ଉପଦେଶର ଅବତାରଣା କରିବା ସହ ଅବହେଳା କଲେ ଭେଳା ବୁଡ଼ିବ ବୋଲି ମୋଦି ସତର୍କ କରାଇଛନ୍ତି। ସେ ଆହୁରି କହିଛନ୍ତି, କରୋନା ଟିକା ପ୍ରସ୍ତୁତି ପାଇଁ ବିଶ୍ୱର ଅନେକ ଦେଶ ଯୁଦ୍ଧକାଳୀନ ଭିତ୍ତିରେ କାମ କରୁଛନ୍ତି। ଆମ ବୈଜ୍ଞାନିକମାନେ ମଧ୍ୟ ଭାକ୍ସିନ ବିକଶିତ କରିବା ଦିଗରେ ଗବେଷଣାରତ। ଭାରତରେ ଟିକା ପ୍ରସ୍ତୁତି ବିଭିନ୍ନ ପର୍ଯ୍ୟାୟରେ ରହିଛି। ଏହି ଦିଗରେ ସଫଳତା ହାସଲ ପରେ ଭାକ୍ସିନକୁ କିପରି ପ୍ରତ୍ୟେକ ଭାରତୀୟଙ୍କ ନିକଟରେ ପହଞ୍ଚାଯିବ ସେନେଇ କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ କୋଭିଡ୍-୧୯ ସଂକ୍ରମଣ ଓ ଏହାର ମୁକାବିଲା କ୍ଷେତ୍ରରେ ଭାରତର ପ୍ରସ୍ତୁତି ନେଇ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଛନ୍ତି। ଭାରତରେ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ମୃତ୍ୟୁହାର ୮୩ ରହିଥିବାବେଳେ ଆମେରିକା, ବ୍ରାଜିଲ ଓ ସ୍ପେନ ଭଳି ଦେଶରେ ଏହି ସଂଖ୍ୟା ୬୦୦ରୁ ଅଧିକ। ଭାରତରେ କରୋନା ରୋଗୀଙ୍କ ପାଇଁ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ଶଯ୍ୟା ଉପଲବ୍ଧ ରହିଛି। ସେହିପରି ୧୨,୦୦୦ କ୍ୱାରାଣ୍ଟାଇନ୍ ସେଣ୍ଟର ଓ ପ୍ରାୟ ୨୦୦୦ କରୋନା ଭାଇରସ୍ ଟେଷ୍ଟିଂ ଲାବରେଟୋରି ମଧ୍ୟ ପ୍ରତିଷ୍ଠା କରାଯାଇଛି। ଦେଶରେ ଖୁବ୍‌ଶୀଘ୍ର ଟେଷ୍ଟ ସଂଖ୍ୟା ୧୦ କୋଟି ଟପିବ। ଯେତିକି ଅଧିକ ଟେଷ୍ଟ କରାଯାଇପାରିବ କୋଭିଡ୍-୧୯ ବିରୋଧରେ ଆମର ଲଢ଼େଇ ସେତିକି ଶକ୍ତିଶାଳୀ ହେବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହାସହ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ସକ୍ରିୟ ରହୁଥିବା ଲୋକେ ଅଧିକରୁ ଅଧିକ ସଚେତନା ସୃଷ୍ଟି କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ଦୁଇ ଗଜ ଦୂରତ୍ୱ ଅବଲମ୍ବନ ସହ ହାତ ଧୋଇବା ପାଇଁ ସେ ନିଜ ପରାମର୍ଶକୁ ପୁଣି ଦୋହରାଇଛନ୍ତି।

## ସାବଧାନ ନ ହେଲେ...

ବିରୋଧରେ ଲଢ଼େଇ ଜାରି ରଖିଛି। ଏଥିପାଇଁ ଓଡ଼ିଶାବାସୀଙ୍କୁ ଅନେକ କଷ୍ଟ, ତ୍ୟାଗ ସ୍ୱୀକାର କରିବାକୁ ପଡୁଛି। ବିଶେଷ କରି ପିଲା ଓ ବୟସ୍କ ଲୋକମାନଙ୍କୁ ଘରେ ରହିବାକୁ ପଡୁଛି। ପିଲାମାନେ ସ୍କୁଲ ସାଙ୍ଗ ସାଥୀ ଓ ଖେଳିବାର ମଜା ନେଇ ପାରୁନାହାନ୍ତି। ବୟସ୍କ ଲୋକ ଏବଂ ପିଲାମାନେ ଘରେ ରହିବା ଦ୍ୱାରା ଆମେ କରୋନା ବିରୋଧରେ ଲଢ଼େଇକୁ ଭଲ ଭାବେ ଲଢ଼ିପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକମାନଙ୍କ ତ୍ୟାଗ ବୃଥା ଯାଇ ନାହିଁ। ଓଡ଼ିଶା ଗତ ୬ ମାସ ମଧ୍ୟରେ କରୋନା ସଂକ୍ରମଣକୁ ରୋକିବାରେ ସଫଳ ହୋଇଛି। ଏଥିରେ ରାଜ୍ୟର ସବୁ ନାଗରିକଙ୍କ ସହଯୋଗ ରହିଛି। ମୋର ଅନୁରୋଧ ରକ୍ଷା କରି ଆପଣମାନେ ମାସ୍କ ପିନ୍ଧୁଛନ୍ତି, ହାତ ଧୋଉଛନ୍ତି ଏବଂ ସାମାଜିକ ଦୂରତ୍ୱ ମଧ୍ୟ ରକ୍ଷା କରୁଛନ୍ତି। ଅବଶ୍ୟ କେତେଜଣ ଟିକେ ଅମାନିଆ ହେଉଛନ୍ତି। ସେମାନେ ପରିସ୍ଥିତିକୁ ଠିକ୍ ଭାବେ ବୁଝିବା ଦରକାର। ଗତ ଦୁଇ ସପ୍ତାହ ହେଲା ରାଜ୍ୟରେ କୋଭିଡ୍ ପଜିଟିଭ ସଂଖ୍ୟା କମିବା ଆରମ୍ଭ କରିଛି। ସେପ୍ଟେମ୍ବରରେ ରାଜ୍ୟରେ ପଜିଟିଭ ସଂଖ୍ୟା ୪ ହଜାରରୁ ଅଧିକ ଥିବାବେଳେ ଏବେ ୨ହଜାର ତଳକୁ ଖସିଛି। ଆଗକୁ ଆହୁରି କମିବ। ଦୁଇମାସ ତଳେ ଗଞ୍ଜାମ ଓ ଗଜପତିରେ ଦୈନିକ ଶହ ଶହ କେସ୍ ବାହାରୁଥିଲା। ଲୋକଙ୍କ ସହଯୋଗ, ଗୋଷ୍ଠୀ ସହଭାଗିତା ଏବଂ କୋଭିଡ୍ ଯୋଦ୍ଧାଙ୍କ ପରିଶ୍ରମ ସଫଳ ହୋଇଛି। ଗଞ୍ଜାମ ଓ ଗଜପତିରେ ସଂକ୍ରମଣ ବହୁମାତ୍ରାରେ କମିଯାଇଛି। ସେମାନେ ଏବେ ଅନ୍ୟ ଜିଲା ପାଇଁ ପ୍ରେରଣା ହୋଇଛନ୍ତି। ଏଥିରେ ଆତ୍ମସନ୍ତୋଷ କରିବାର କିଛି ନାହିଁ। କରୋନା ଲକ୍ଷଣ ଅତ୍ୟନ୍ତ ଜଟିଳ। ଔଷଧ ଓ ଟିକା ନ ବାହାରିବା ଯାଏ ସାବଧାନ ରହିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବ୍ରିଟେନ, ଫ୍ରାନ୍ସ, ସ୍ପେନ ଭଳି ୟୁରୋପୀୟ ଦେଶରେ ମାର୍ଚ୍ଚ-ଏପ୍ରିଲରେ କରୋନା ଭୟଙ୍କର ରୂପ ନେଇଥିଲା। ଅନେକ ଲୋକ ଜୀବନ ହରାଇଥିଲେ। ତା' ପରେ କରୋନା ଟିକେ କମିଥିଲା। କିନ୍ତୁ ଏବେ ସେଠାରେ ପୁଣି ଥରେ ସଂକ୍ରମଣ ବହୁତ ବଢ଼ିଯାଇଛି। ଏହା ପୂର୍ବଠାରୁ ଆହୁରି ଭୟଙ୍କର ହୋଇଛି। ସେପ୍ଟେମ୍ବର ପହିଲାରେ ବ୍ରିଟେନରେ ଦୈନିକ ୧୨୦୦ରୁ ଅଧିକ ପଜିଟିଭ କେସ୍ ବାହାରୁଥିଲା। ୮ ଅକ୍ଟୋବରରେ ଏହା ୧୭ ହଜାରରୁ ଅଧିକ ହେଲାଣି। ସେହିପରି ଫ୍ରାନ୍ସରେ ଅଗଷ୍ଟ ୩୧ରେ ୩ ହଜାରରୁ ଅଧିକ ପଜିଟିଭ କେସ୍ ଥିବା ବେଳେ ଅକ୍ଟୋବର ୧୦ରେ ୨୬ ହଜାରରୁ ଅଧିକ ହେଲାଣି। ଭାରତ ଏବେ ଆମେରିକା ପରେ ବିଶ୍ୱରେ ଦୁଇ ନମ୍ବର ସ୍ଥାନରେ ରହିଛି। କେରଳ ବହୁତ ସୁନ୍ଦର ଭାବେ କରୋନା ସଂକ୍ରମଣକୁ ରୋକିଥିଲା। କିନ୍ତୁ ତାଙ୍କର ପ୍ରସିଦ୍ଧ ଓନାମ ପରବ ପରେ ଏବେ ସେଠାରେ ସଂକ୍ରମଣ ୩ ଗୁଣ ବଢ଼ିଯାଇଛି। ତେଣୁ ପାର୍ବଣରେ ସାବଧାନ ରହିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

## ୧୧ରୁ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ଦୁଇ ଦିନିଆ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବ। ଏ ନେଇ ମଙ୍ଗଳବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ବିଜ୍ଞପ୍ତି ପ୍ରକାଶିତ କରିଛି। ଆସନ୍ତା ୧୧ତାରିଖରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ସମସ୍ତ ଥିଓରି ପରୀକ୍ଷା ଏବଂ ୧୨ତାରିଖରେ ପ୍ରାକ୍ଟିକାଲ ପରୀକ୍ଷା ରହିଛି। ଥିଓରି ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ। ଛାତ୍ରୀଛାତ୍ରମାନେ ୯ଟା ୪୫ ସୁଦ୍ଧା ନିଜ ସିଟ୍‌ରେ ବସିବାକୁ କୁହାଯାଇଛି। ଯେଉଁ ଛାତ୍ରୀଛାତ୍ର ପ୍ରାକ୍ଟିକାଲରେ ପାସ୍ ହୋଇଛନ୍ତି, କିନ୍ତୁ ଥିଓରିରେ ଫେଲ୍ କିମ୍ବା ଦେଇପାରି ନାହାନ୍ତି, ସେମାନେ କେବଳ ଥିଓରି ପରୀକ୍ଷା ଦେବେ। ଯେଉଁ ଛାତ୍ରୀଛାତ୍ର ଥିଓରିରେ ପାସ୍ ହୋଇଥିବେ, କିନ୍ତୁ ପ୍ରାକ୍ଟିକାଲରେ ଫେଲ୍ କିମ୍ବା ଦେଇପାରି ନ ଥିବେ, ସେମାନଙ୍କୁ ଉଭୟ ଥିଓରି ଓ ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ ପଡ଼ିବ। ସେହିଭଳି ଯେଉଁ ଛାତ୍ରୀଛାତ୍ର ଉଭୟ ଥିଓରି ଓ ପ୍ରକ୍ଟିକାଲରେ ଫେଲ୍ ହୋଇଥିବେ କିମ୍ବା ଦେଇପାରି ନ ଥିବେ, ସେମାନଙ୍କୁ ମଧ୍ୟ ଉଭୟ ଥିଓରି ଓ ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ ପଡ଼ିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଆପଣଙ୍କ ପାଇଁ ଦିନଟି ବହୁତ ଭଲରେ ଭଲରେ ବିତିବ ଏବଂ ଯାହା ଚାହୁଁଛନ୍ତି ତାହା ପାଇବେ। ଶତ୍ରୁମାନେ ଚେଷ୍ଟାକରି ଥକିଯିବେ ସିନା କିଛି କ୍ଷତି କରିପାରିବେ ନାହିଁ। କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗର ହାତ ଆପଣଙ୍କ ପାଖକୁ ଲମ୍ବି ଆସିବ। ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ** – କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ସମର୍ଥନ କାମକୁ ଆଗକୁ ବଢାଇ ନେବାରେ ସାହାଯ୍ୟ କରିବ। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। କର୍ମକ୍ଷେତ୍ରରୁ ଫେରନ୍ତା ବାଟ ସମସ୍ୟାବହୁଳ ହୋଇପାରେ। ପାରିବାରିକ ସମସ୍ୟାଗ୍ରସ୍ତ କାରଣରୁ ମନ ଦୁଃଖରେ ରହିପାରନ୍ତି।

**ମିଥୁନ** – ସମସ୍ୟାବହୁଳ କର୍ମକ୍ଷେତ୍ର ରହିଥିଲେ ମଧ୍ୟେ ଅର୍ଥବଳରେ ଅସାଧ ସାଧନର ରାସ୍ତା ଉନ୍ମୁକ୍ତ ହେବ। ରେଷ୍ଟୁରାଣ୍ଟ, ମିଲ୍‌ସ୍‌ହୋଟେଲ, ଫାଷ୍ଟଫୁଡ ଛୋଟ ଦୋକାନୀ, ଆଜି ବିଶେଷ ଲାଭବାନ ହେବେ। ଗୃହ, ଭୂମି, ଗାଡିମୋଟର ସମ୍ପର୍କୀୟ ସମସ୍ୟା ଆସିବାର ଆଶଙ୍କା ରହିଛି।

**କର୍କଟ** – ପରିବାରରେ ଅଯଥା ବିରକ୍ତିବୋଧ ଓ ଲଘୁ କ୍ରୋଧ ପ୍ରକାଶ କରି ଆତ୍ମୀୟସ୍ୱଜନଙ୍କ ବିରାଗଭାଜନ ହେବେ। ଗତକାଲିର ନିଷ୍ପତ୍ତିକୁ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ତଥାପି ଆଲୋଚନା, ବ୍ୟବାସାୟ, ଯାତ୍ରା ପ୍ରଭୃତି ଯେକୌଣସି କ୍ଷେତ୍ରରେ ମଧ୍ୟ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**ସିଂହ** – କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ପ୍ରଗାଢ ଚେଷ୍ଟା କରିପାରନ୍ତି, ଅଧୁରା କାମକୁ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟ ସଚେତନତା ଅଭାବରୁ ସାମୟିକ ଅସୁସ୍ଥତା ଦେଖାଦେବାର ଆଶଙ୍କା ଦେଖାଦେଇପାରେ।

**କନ୍ୟା** – ଆଜି ଆପଣ ଏକାଧାରରେ ଅର୍ଥ, ସମ୍ମାନ, ବନ୍ଧୁମିଳନ ଓ ସାମାଜିକ ପ୍ରତିଷ୍ଠାର୍ଜନ କରିବେ। ବିଭିନ୍ନ ପ୍ରକାରର ପାରିବାରିକ ଦୁଶ୍ଚିନ୍ତାରେ ମନ ଆନ୍ଦୋଳିତ ରହିପାରେ। ଅଧିକାଂଶ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଧର୍ମାନୁଷ୍ଠାନ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି।

**ତୁଳା** – ଜମିଜମାକ୍ରୟବିକ୍ରୟ, ଗୃହ ପରିବର୍ତ୍ତନ, ସ୍ଥାନାନ୍ତର ତଥା ଅର୍ଥ ସମ୍ପର୍କୀୟ ଅନୁଚିନ୍ତା କରିବେ। ପାଖ,ପଡୋଶୀ/ସ୍ୱାମୀ/ସ୍ତ୍ରୀଙ୍କ ଆଲୋଚନା ପ୍ରଭୃତି ବିଷୟରେ ସମୟ ଅତିବାହିତ ହେବ। ଦିନଭରି କାର୍ଯ୍ୟବ୍ୟସ୍ତତା ଯୋଗୁ ସାମାନ୍ୟ ବିଶ୍ରାମ କିମ୍ବା ଲଘୁ ଭୋଜନର ଅବସର ପାଇବେ ନାହିଁ।

**ବିଛା** – ବିଭିନ୍ନ ପ୍ରକାରର ରୁଚିବିରୁଦ୍ଧ କାର୍ଯ୍ୟ ମାନସିକ ଅସ୍ଥିରତା ସୃଷ୍ଟି କରିବ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ଅଶାନ୍ତିର କାରଣ ହୋଇପାରେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ କିମ୍ବା ନିଜ ପରିସରରେ ବନ୍ଧୁବର୍ଗ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ।

**ଧନୁ** – ଆପଣଙ୍କ ଭୁଲ୍ ନିଷ୍ପତ୍ତି ଓ ବିବାଦୀୟ ମନ୍ତବ୍ୟ ପରିବେଶ ଓ ପରିସ୍ଥିତିକୁ ଗମ୍ଭୀର କରିଦେଇପାରେ। ପାଖ, ପଡୋଶୀଙ୍କ ଲଗାଯୋଗା କଥାରେ ପ୍ରଭାବିତ ହୋଇ ପରିବାରର ସଦସ୍ୟମାନେ ଆପଣଙ୍କୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଅତି ନିଜର ପ୍ରିୟ ବ୍ୟକ୍ତିଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ବିରୋଧ କଥା କହିବ।

**ମକର** – ଆଜିର ଯାତ୍ରା ସମୟରେ ସ୍ଥାନ, କାଳ, ପାତ୍ରାନୁସାରୀ କଥାର ବ୍ୟତିକ୍ରମ ଅଯଥା ବିବାଦର ସୂତ୍ରପାତ କରିବ। ଏଣେ ଦୁର୍ବଳ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ ତଥା ବ୍ୟବସାୟିକ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ।

**କୁମ୍ଭ** – ଭୁଲ୍ ବୁଝାମଣାରୁ ପାରିବାରିକ କଳହ, ବିତର୍କରୁ ଲୋକ ସମ୍ପର୍କ ହାନି ଓ ବନ୍ଧୁବର୍ଗଙ୍କ ସହ ସମ୍ପର୍କକୁ ତିକ୍ତ କରାଇବ। କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହୁଥିଲେ ମଧ୍ୟ କାମଟିକୁ ସମ୍ପନ୍ନ କରିପାରିବେ ନାହିଁ କିମ୍ବା ଛାଡି ପାରିବେ ନାହିଁ। ହଠାତ୍ ଯାତ୍ରା କରିବାକୁ ମନସ୍ଥକରି ଶେଷରେ ବାଟରୁ ଫେରି ଆସିବାକୁ ପଡିପାରେ।

**ମୀନ** – ବନ୍ଧୁମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜକୁ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଈର୍ଷା କରୁଥିବା ଲୋକମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ଆକସ୍ମିକ ଭାବେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ସ୍ୱାସ୍ଥ୍ୟ ଖରାପ ସହ ଋଣଭାର ବଢିଯାଉଥିବା କାରଣରୁ ଚିନ୍ତିତ ରହିବେ।

ଆଜି ଆଶ୍ୱିନ ଶୁଦ୍ଧ ଶୁକ୍ଳପକ୍ଷ ୫ମୀ ଯୁକ୍ତ ଷଷ୍ଠୀ ବୁଧବାର,ପୀଠେ ଷଷ୍ଠ୍ୟାଦି କଳ୍ପାରମ୍ଭ, ଅକ୍ଟୋବର ୨୧ ତାରିଖ, ରାଶିନକ୍ଷତ୍ର-ମୂଳା/ଧନୁ, କର୍କଟ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୪୭ମି. ଗତେ ଘ.୦୬.୩୨ମି. ମଧ୍ୟେ, ଘ.୦୭.୧୮ମି. ଗତେ ୦୮.୦୪ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୨.୩୯ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୦୫ମି.ଗତେ ଘ.୦୬.୫୫ମି.ମଧ୍ୟେ, ରାତ୍ରି ଘ.୦୮.୩୫ମି. ଗତେ ଘ.୦୩.୧୬ମି. ମଧ୍ୟେ, ଘ.୦୨.୦୭ମି. ଗତେ ଘ.୦୫.୪୭ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୬.୩୨ମି. ଗତେ ଘ.୦୭.୧୮ମି. ମଧ୍ୟେ ଦିବା ଘ.୦୧.୨୫ମି. ଗତେ ଘ.୦୩.୪୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୩୧ମି. ଗତେ ଘ ୧୨.୭୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




### BRIDE WANTED

ମାଡିବଂଶ ଜାତିର ପାତ୍ର ପାଇଁ ପାତ୍ରୀ ଆବଶ୍ୟକ। ମୋବାଇଲ-9937858319 D-18674

Patara, wanted suitable bride for fair boy 25yrs. 5'5", M.Tech, TCS Service. 9937577677 D-18687

Son age-45, Business needs Bride of appropriate age. Fresh, divorcee, widow (service preferable) caste-no-bar. Contact directly-9438677528. D-18651

ଭୁବନେଶ୍ୱରସ୍ଥିତ ୫୨ବର୍ଷ Businessman ଛାଡ଼ପତ୍ରପ୍ରାପ୍ତ ବ୍ରାହ୍ମଣ ପୁଅ ପାଇଁ ବ୍ରାହ୍ମଣ କିମ୍ବା ଅନ୍ୟ ଜାତିର (ଅବିବାହିତ/ ଛାଡ଼ପତ୍ରପ୍ରାପ୍ତ/ ବିଧବା) ଏବଂ ନିଃସନ୍ତାନ ପାତ୍ରୀ ଆବଶ୍ୟକ। Contact- 6371593992, 9437134350 D-18635

### GROOM WANTED

ବରପାତ୍ର ଆବଶ୍ୟକ। ୩୮ବର୍ଷ, 5'4", B.Sc, Staff Nurse ଭାବେ କାର୍ଯ୍ୟରତ ମାସିକ ଆୟ 48000/- (ଘରଜ୍ୱାଇଁ, ଛାଡ଼ପତ୍ରପ୍ରାପ୍ତ, ଅବସରପ୍ରାପ୍ତ/ ସବୁ ଜାତି ମାନ୍ୟ)। ଯୋଗାଯୋଗ: 6232277008 D-18682

ଝିଅର ବାହାଘର ପାଇଁ ବରପାତ୍ର ଖୋଜୁଛନ୍ତି କି? ସବୁଜାତିର ବରପାତ୍ର ପାଇଁ "AKANKSHYA MATRIMONY" 7978736177 D-68260

Wanted groom for fair B.Tech girl 23yrs. 5'3" IT Service. 9937577677 D-18688

Requires fresh candidate (Service, Business) for 43years, +3Arts, 5'4" beautiful homely Khandayat girl. 8908731617. D-18672

46ବର୍ଷର ବିଧବା ମହିଳା, BSNLରେ Accountant ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। ଅବିବାହିତ ବ୍ୟକ୍ତି ଗ୍ରହଣୀୟ ନୁହେଁ। 7656973285 D-68843




### SALE

Honda Activa 125 CC, 2017 model in excellent condition-9861364605 D-69927




### SALE

Bhubaneswar Sundarpada Kuhaରେ 1500sqft. plot 14,25000ରେ କିଣି ଘର ବନାନ୍ତୁ। 8018412115. D-69795

**Plot sale near AIIMS Hospital Bhubaneswar with 30' Road. 9439206202** D-69190

**540decimal commercial land available for sale on 100ft. road at Gothapatna Near ROTI land use for PetrolPump, Hospital and Appartment Purpose. Contact 8480548039** D-69633

**ଭୁବନେଶ୍ୱର NH-16 ର ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ମିଳୁଛି। 9348444368.** D-69180

Residential plot at Sundarpada, Patia, Pathergadia & lowcost Farmhouse available. 8328811411, 9437968618. D-69187

**BDA yellowzone commercial/ residential plot Pahal Jaganath Temple NH-16 30'road, (Ready for construction) sqft.1850/-, 2250/- 9040033905, 9556492580, 6370719477.** D-69167

Bhubaneswar Airport 7k.m ମୌଜା କୁହା Appartment/ Duplex ପାଖରେ 1500sqft. 14,25,000/- କିଣି ଘର କରନ୍ତୁ। Sasmita-6370476317 D-69188

**Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321.** D-69166

**Well developed 30'road, ଘରବାରୀ, boundary, ଇଲେକ୍ଟ୍ରିସିଟି ଥାଇ ୪ଟି ପ୍ଲଟ ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ sqft.650/- ବିକ୍ରିହେବ। Land owner-9437033320.** D-69181

**Ready to move flat for sale in a big lifestyle apartment near Airport, Sunderpada, Bhubaneswar. 9938569014, 9861433014.** D-18653

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348232008, 9776974912 D-69189

**30'Road residential gated community advanced boundarywall gharabari plot sale Gudiapokhari near KEC College. 7992736330, 9238902929** D-69191

3BHK flat resale 1600sqft. Patia, opposite RTO-2, 7k.m KIIT Square, 75Lac including parking. 7978584549 (Broker excuse) D-69796

**Two Bedroom flat with Drawing, Dinning, Kitchen and two Bathroom with individual Garage Sale at Tankapani Road near Rajarani Temple. Bank finance available. Call : 9438109040, 8144658008** D-18681

Only 5nos. of premium duplex 7BHK left near KIIT Jagannath Mandir. 9937095445 D-69567

**ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ Electricity boundary ରାସ୍ତାଥାଇ ପ୍ଲଟ ମିଳୁଅଛି। Direct owner-9090963952** D-69192

### PURCHASE

Land requires for plotting project in around, Bhubaneswar. 9937816565, 9937568585 D-18649




House at Nayapalli near DAV/Stewart School, family. 9438490107, 8895096862 D-69568

**Godown space available near Puri bypass area 18000/-, open space 15000/-. 9938125254** D-18598

Well furnished single room Balcony Puja room, Mausima Temple. 9338058332 D-69569




Newly open SPA centre smart therapist full body massage: 7846814019. D-59967

Newly open SPA centre smart therapist full body massage: 7205187702. D-59966

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69788

Swarna Spa gives Durga Puja offer @899 all type massages Ashok Nagar, 9556978408 D-69789

Refreshing your mind & body with best therapy at Lotus Spa. 8018234866 D-69565

Herbal full body massage by smart / expert therapist. Contact: 8338067247. D-69787

Newly open SPA centre smart therapist full body massage: 8114970372. D-59968

Get refreshment body massage by expert therapist contact for 7205084157. D-69791

Newly open full body massage SPA in Bhubaneswar. Contact: 7205058838. D-69792

Rejuvenate and Ayurvedic full body massage by smart therapist. 9348123330. D-69793




Agarbati, Paper plate, Silper ମେସିନ ଘରେ ବସାଇ ରୋଜଗାର କରନ୍ତୁ! 7077645763 D-18684

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**



ତନ୍ଵି
ଗ୍ରା: ରାଣୀପୁର, ବୀରମହାରାଜପୁର, ଜି:ସୁବର୍ଣ୍ଣପୁର
ବାପା: ସତ୍ୟବ୍ରତ, ମାଆ: ମିନାକ୍ଷୀ
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
-:ଶୁଭେଚ୍ଛା ସହ:-
ବଡ଼ବାପା: ସତ୍ୟମୋହନ, ବଡ଼ମା': ଅଞ୍ଜଳି, ଅଜା: ଶ୍ରୀବତ୍ସ, ଆଈ: ଅମୃତି; ଲିଜା, ଅଙ୍କିତ,ମାମୁ, ମାଇଁ ଓ ଅନ୍ୟ ପରିବାରବର୍ଗ।
ଧ-୧୮୬୭୭


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପିଜି ପ୍ରବେଶିକା ପରୀକ୍ଷା ସମୟ ସୀମା ସଂଶୋଧିତ

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ): କମନ୍ ପିଜି ପ୍ରବେଶିକା ପରୀକ୍ଷା ସମୟ ସୀମା (ଟାଇମ୍ ଲାଇନ)ରେ ସଂଶୋଧନ ହୋଇଛି। ନଭେମ୍ବର ୨ତାରିଖ ସୁଦ୍ଧା ଉତ୍କଳ ବିଶ୍ୱବିଦ୍ୟାଳୟ ସଂଯୋଜନାରେ ଓକାକ୍ ନିକଟରେ ଛାତ୍ରୀଛାତ୍ରଙ୍କ ପ୍ରବେଶିକା ପରୀକ୍ଷାଫଳ ଦାଖଲ କରାଯିବ। ନଭେମ୍ବର ୫ତାରିଖ ରାତି ୧୧.୪୫ ସୁଦ୍ଧା ଛାତ୍ରୀଛାତ୍ର ନିଜ କ୍ୟାରିଅର ମାର୍କ ସାମ୍ସ ପୋର୍ଟାଲରେ ଅପଲୋଡ୍ କରିବେ। ନଭେମ୍ବର ୧୦ରେ ରାଜ୍ୟବ୍ୟାପୀ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ନଭେମ୍ବର ୩୦ ସୁଦ୍ଧା ନାମଲେଖା ପ୍ରକ୍ରିୟା ଶେଷ ହେବ। ଏ ନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟର ପିଜି କାଉନ୍ସିଲ ଅଧକ୍ଷ, ପରୀକ୍ଷା ନିୟନ୍ତ୍ରକ ଏବଂ ଡିଗ୍ରୀ କଲେଜ ଅଧକ୍ଷଙ୍କୁ ପତ୍ର ଲେଖାଯାଇଛି।

### ସଂକ୍ଷେପରେ

## ବସ୍ ଓଲଟିବା ଘଟଣା: ୨୨ରେ ସ୍ୱତନ୍ତ୍ର ପରୀକ୍ଷା ଦେବେ ଛାତ୍ରୀଛାତ୍ର

ପାରଳାଖେମୁଣ୍ଡି,୨୦।୧୦(ସ୍ୱ.ପ୍ର.): ଗଜପତି ଜିଲା ଚାନ୍ଦିପୁଟରୁ ୪୫ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବସ୍ (ନଂ.ଓଆର୍୦୨ବିଏସ୍- ୦୨୬୮) ଗତ ୧୫ ତାରିଖ ସନ୍ଧ୍ୟାରେ ଓଜେଇଇ ପରୀକ୍ଷା ଦେବାକୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲା। ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟି ପାଲୁଖୋଳା ନିକଟରେ ରାତି ପ୍ରାୟ ସାଢେ ୯ଟାରେ ବସ୍‌ଟି ଭାରସାମ୍ୟ ହରାଇ ୨୦ଫୁଟ ତଳକୁ ଖସି ପଡିଥିଲା। ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବସ୍‌ରେ ଥିବା ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ଗଜପତି ଜିଲା ପ୍ରଶାସନ ଦୁର୍ଘଟଣାଗ୍ରସ୍ତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଓଜେଇଇ ଚେୟାରମ୍ୟାନଙ୍କୁ ସ୍ୱତନ୍ତ୍ର ପରୀକ୍ଷା କରିବାକୁ ଅନୁରୋଧ କରିଥିଲେ। ଜିଲାପାଳ ଅନୁପମ ସାହାଙ୍କ ଅନୁରୋଧକ୍ରମେ ଓଜେଇଇ ଚେୟାରମ୍ୟାନ ଆସନ୍ତା ୨୨ ତାରିଖରେ ପରୀକ୍ଷା କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି। ଜିଲାପାଳ ଦୁର୍ଘଟଣାର ଶିକାର ସମସ୍ତ ଛାତ୍ରୀଛାତ୍ରଙ୍କୁ ଜିଲା ନୋଡାଲ ଅଫିସର ତଥା ପଲିଟେକ୍‌ନିକ୍ ଅଧକ୍ଷଙ୍କୁ ମୋବାଇଲ ଫୋନ୍ ନଂ. ୮୭୬୩୬୮୭୮୪୮ରେ ଯୋଗାଯୋଗ କରି ନିର୍ଦ୍ଧାରିତ ତାରିଖରେ ପରୀକ୍ଷା ଦେବାକୁ ଅବଗତ କରାଇଛନ୍ତି।

# ମେକ୍ ଇନ୍ ଓଡ଼ିଶା ପାଇଁ ଏଫ୍‌ଆଇସିସିଆଇ ହେବ ପାର୍ଟନର



ଭିଡିଓ କନ୍‌ଫରେନ୍ସରେ ଇପିକଲ୍ ଓ ଏଫ୍‌ଆଇସିସିଆଇ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

- ଏଫ୍‌ଆଇସିସିଆଇ-ଇପିକଲ ବୁଝାମଣାପତ୍ର ସ୍ୱାକ୍ଷର
- କୋଭିଡ୍ ସତ୍ତ୍ୱେ ରାଜ୍ୟରେ ପୁଞ୍ଜିନିବେଶ ବଢ଼ିଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୦।୧୦(ବ୍ୟୁରୋ)**

ମେକ୍-ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣ ପାଇଁ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ(ଏଫ୍‌ଆଇସିସିଆଇ) ନ୍ୟାଶନାଲ ପାର୍ଟନର ହେବ। ଏନେଇ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଇପିକଲ ଏବଂ ଏଫ୍‌ଆଇସିସିଆଇ ମଧ୍ୟରେ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ଏମ୍‌ଓୟୁରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଇପିକଲ ଏମ୍‌ଡି ନୀତିନ୍ ଭାନୁଦାସ ଜାୱ୍ଲେ ଏବଂ ଏଫ୍‌ଆଇସିସି ପକ୍ଷରୁ ଡେପୁଟି ଜେନେରାଲ ସେକ୍ରେଟାରି ଅରୁଣ ଚାୱ୍ଲା ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲକ୍ଷ୍ୟ ହାସଲ କରିବାକୁ ସକାରାତ୍ମକ ନୀତି, ଦୃଢ଼ ଭିତ୍ତିଭୂମି, ଦକ୍ଷ ମାନବ ସମ୍ବଳ ଏବଂ ଫଳାଫଳ ହାସଲ କରି ପାରୁଥିବା ପ୍ରଶାସନିକ ବ୍ୟବସ୍ଥାର ଆବଶ୍ୟକ ରହିଛି। ରାଜ୍ୟରେ ଶିଳ୍ପ ଓ ପ୍ରଶାସନିକ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ୫-ଟି ଅଭିନବ ପ୍ରୟାସର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହି ବୁଝାମଣା ଦ୍ୱାରା ରାଜ୍ୟରେ ପରବର୍ତ୍ତୀ ଶିଳ୍ପାୟନର ଅଭିବୃଦ୍ଧି ଓ ବିକାଶ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଫ୍‌ଆଇସିସିଆଇ ସହିତ ହୋଇଥିବା ବୁଝାମଣାକୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିବା ସହ ୨୦୧୬ ଏବଂ ୨୦୧୮ରେ ହୋଇଥିବା ମେକ୍ - ଇନ୍ ଓଡ଼ିଶା କନ୍‌କ୍ଲେଭ ରାଜ୍ୟରେ ନୂତନ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ସହ ଶିଳ୍ପାୟନର ଭିତ୍ତିଭୂମିକୁ ବହୁମୁଖୀ କରି ପାରିଥିଲା। କୋଭିଡ୍ ମହାମାରୀ ସତ୍ତ୍ୱେ ଓଡ଼ିଶା ଡିଜିଟାଲ ଜ୍ଞାନ କୌଶଳ ବ୍ୟବହାର କରି ପୁଞ୍ଜିନିବେଶକାରୀଙ୍କ ନିକଟରେ ପହଞ୍ଚିବା ଲକ୍ଷ୍ୟରେ ସଫଳ ହୋଇପାରିଛି । ସେଥିଯୋଗୁ ୨୦୨୦ ଫେବୃୟାରୀ ସୁଦ୍ଧା ୨୪, ୩୦୦ କୋଟି ଟଙ୍କା ନୂତନ ପୁଞ୍ଜି ନିବେଶକୁ ଆକର୍ଷିତ କରିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୁଞ୍ଜିବିନିଯୋଗ ରାସ୍ତାରେ ଯେପରି କୌଣସି ସମସ୍ୟା ସୃଷ୍ଟି ନ ହେବ ସେଥିପାଇଁ ରାଜ୍ୟ ସରକାର ଏକ ମଜଭୁତ ସିଙ୍ଗଲୱିଣ୍ଡୋ ପ୍ରସ୍ତୁତ କରିଛନ୍ତି। ଶିଳ୍ପ ପ୍ରକଳ୍ପଗୁଡ଼ିକ ଯେପରି ତ୍ୱରାନ୍ୱିତ ହୋଇପାରିବ ସେ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଶିଳ୍ପମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଭଦ୍ରକରୁ ଭିଡିଓ କନ୍‌ଫରେନ୍ସ ଯୋଗେ ମେକ୍ - ଇନ୍ ଓଡ଼ିଶା କନ୍‌କ୍ଲେଭ ଯୋଗୁ ଓଡ଼ିଶାରେ ୬ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜିନିବେଶ ହୋଇପାରିଛି ବୋଲି କହିଥିଲେ। ହାଇଦ୍ରାବାଦରୁ ଭିଡିଓ କନ୍‌ଫରେନ୍ସରେ ଯୋଗ ଦେଇ ଏଫ୍‌ଆଇସିସିଆଇ ସଭାପତି ସଙ୍ଗୀତା ରେଡ୍ଡୀ କହିଥିଲେ, ଏଫ୍‌ଆଇସିସିଆଇ ସହ ଓଡ଼ିଶାର ଏକ ସ୍ୱତନ୍ତ୍ର ସମ୍ପର୍କ ରହିଛି। ମେକ୍ - ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ଜାତୀୟ ଅଂଶୀଦାର ହେବା ଏହି ଶିଳ୍ପ ସଂଗଠନ ପାଇଁ ସମ୍ମାନର ବିଷୟ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିଳ୍ପ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ ଏଫ୍‌ଆଇସିସିଆଇ ସେକ୍ରେଟାରି ଜେନେରାଲ ଦିଲୀପ ଚେନୋୟ ଧନ୍ୟବାଦ ଦେଇଥିଲେ। ଏମ୍‌ଓୟୁ ସ୍ୱାକ୍ଷର ବେଳେ ଉନ୍ନୟନ କମିଶନର ସୁରେଶ ମହାପାତ୍ର, କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର.କେ. ଶର୍ମା , ଏଫ୍‌ଆଇସିସିଆଇ ପକ୍ଷରୁ ମୋନିକା ନାୟାର ପଟ୍ଟନାୟକ ଯୋଗ ଦେଇଥିଲେ।

# ସଡ଼କ ଦୁର୍ଘଟଣା, ୬ ମୃତ


ଦୁର୍ଘଟଣା ପରେ ସମ୍ବଲପୁର ପଡ଼ିଆବାହଲ ଷ୍ଟେଟ୍‌ବ୍ୟାଙ୍କ ସମ୍ମୁଖରେ ଲୋକେ ରାସ୍ତା ଅବରୋଧ କରିଛନ୍ତି।

- ଟ୍ରେଲର ତଳେ ଗଲା ୩ ଜୀବନ
- କଣ୍ଟେନର ଚକା ତଳେ ଚାପି ହୋଇ ମା'ପୁଅ ମୃତ
- ପିକ୍‌ଅପ୍ ଭ୍ୟାନ୍ ଓଲଟି ମହିଳା ମୃତ, ୨୦ ଆହତ

**ବାରିପଦା ଅଫିସ/ ସମ୍ବଲପୁର/ ପଡିଆବାହାଲ/ ପାତ୍ରପୁର (ବ୍ୟୁରୋ/ଡି.ଏନ.ଏ.) ୨୦।୧୦**

ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟି ୬ ଜଣଙ୍କ ମୃତ୍ୟୁ ଘଟିଛି। ୨୦ଜଣ ଆହତ ହୋଇଛନ୍ତି। ଟ୍ରେଲର ଧକ୍କାରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ କଣ୍ଟେନର ଚକା ତଳେ ଚାପି ହୋଇ ମା'ପୁଅଙ୍କ ଜୀବନ ଯାଇଛି। ସେହିପରି କୁରେଇଶୁଣୀ ପୀଠରୁ ଦର୍ଶନ ସାରି ଫେରୁଥିବା ବେଳେ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ଜଣ ଆହତ ହୋଇଛନ୍ତି।ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ରରୁଆଁ ଥାନା ଅଧୀନ ୪୯ନମ୍ବର ଜାତୀୟ ରାଜପଥ ସିଙ୍ଗଡାଠାରେ ଟ୍ରେଲର ଚକ ତଳେ ଚାପି ହୋଇ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ଜିଲା ବାରିଆ ଥାନା ଅଧୀନ ଭଣ୍ଡା ଗ୍ରାମର ଗୁରୁଚରଣ ମୁଣ୍ଡା(୩୦), ଚୁଚୁନ ମୁଣ୍ଡା(୪୦) ଓ ସୁରସିଂ ମୁଣ୍ଡା(୬୦) । ଏହି ବ୍ୟକ୍ତିମାନେ ସ୍କୁଟିରେ କରଞ୍ଜିଆ ଡାକ୍ତରଖାନା ଯାଉଥିବା ବେଳେ ଏକ ଟ୍ରେଲର(ନଂ. ଜେଏଚ୍୦୫ଏଏ-୦୫୧୪) ସେମାନଙ୍କୁ ସମ୍ମୁଖ ପଟୁ ଧକ୍କା ଦେଇଥିଲା। ଫଳରେ ୩ ସ୍କୁଟି ଆରୋହୀ ଟ୍ରେଲର ତଳେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି କରଞ୍ଜିଆ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ସମ୍ବଲପୁର ଜିଲା ସଦର ଥାନା ଅଧୀନ ପଡିଆବାହାଲ ଷ୍ଟେଟବ୍ୟାଙ୍କ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ଏକ କଣ୍ଟେନର (ନଂ.ଏମଏଚ-୪୬-ଏଆର-୩୧୪୩) ଚକ ତଳେ ଜଣେ ମହିଳା ଓ ତାଙ୍କ ପୁଅଙ୍କ ଜୀବନ ଯାଇଛି। ସେମାନେ ହେଲେ ବଡତୁରାଙ୍ଗ ଗ୍ରାମର ଆହ୍ଲାଦିନ ମେହେର (୪୦) ଓ ତାଙ୍କ ୨ ବର୍ଷର ପୁଅ ପ୍ରିୟାଂଶ। ଆହ୍ଲାଦିନ ମଙ୍ଗଳବାର ପଡିଆବାହାଲ ସାପ୍ତାହିକ ବଜାରକୁ ପ୍ରିୟାଂଶୁଙ୍କୁ ଧରି ଭାଇ ଜିଉନ୍ତିଆ ବ୍ରତ ପାଇଁ ବିଭିନ୍ନ ସାମଗ୍ରୀ କିଣିବାକୁ ଯାଇଥିଲେ। କଣ୍ଟେନର ଆସୁଥିବା ଦେଖି ଦୁହେଁ ରାସ୍ତା କଡ଼ରେ ଅଟକି ଯାଇଥିଲେ। ହେଲେ ଦୁର୍ଭାଗ୍ୟବଶତଃ ଏକ ବାଇକ୍ ଆସି ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ମା' ପୁଅ କଣ୍ଟେନର ପଛ ଚକ ତଳେ ପଡି ଯାଇଥିଲେ। ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେହିପରି ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ତୁରୁବୁଡି ପଞ୍ଚାୟତ କଣ୍ଟାଖାଳି ଗ୍ରାମ ନିକଟରେ ମଙ୍ଗଳବାର ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତ ମହିଳାଙ୍କ ନାମ ପଙ୍କଜ ସାହୁ (୪୫)। ଆହତମାନଙ୍କୁ ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ଗ୍ରାମର କେତେଜଣ ମହିଳା ଓ ପୁରୁଷ ପିକ୍‌ଅପ୍ ଭ୍ୟାନ୍‌ରେ ନୂଆଗଡ଼ କୁରେଇଶୁଣୀଙ୍କ ପୀଠକୁ ଦର୍ଶନ କରିବାକୁ ଯାଇ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା ।

# ବିଦ୍ୟୁତ୍ ଦର ବୃଦ୍ଧିରେ ଯୁବକଂଗ୍ରେସର ପ୍ରତିବାଦ


ରାଜ୍ୟ ବିଦ୍ୟୁତ୍ ନିୟାମକ ବୋର୍ଡ ସମ୍ମୁଖରେ ଯୁବକଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ।

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ପ୍ରତିବାଦ ଚାଲିଛି। ମଙ୍ଗଳବାର ରାଜ୍ୟ ବିଦ୍ୟୁତ୍ ନିୟାମକ ବୋର୍ଡ ସମ୍ମୁଖରେ ଯୁବକଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଟିଭି ଓ କମ୍ପ୍ୟୁଟର ପୋଡ଼ି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କରୋନାରେ ଜୀବନ ଓ ଜୀବିକା ପାଇଁ ଲଢ଼େଇ କରୁଥିବା ରାଜ୍ୟବାସୀଙ୍କ ଉପରେ ବିଦ୍ୟୁତ୍ ଦର ବୃଦ୍ଧି ଏକ ଶକ୍ତ ଆଘାତ ଦେଇଛି। ଏ ପର୍ଯ୍ୟନ୍ତ ଦୋକାନୀ, କ୍ଷୁଦ୍ର ଓ ମଧ୍ୟମ ଧରଣର କଳକାରଖାନା ନିଜର ଆର୍ଥିକ ସ୍ଥିତିକୁ ସୁଧାରି ଅଣ୍ଟା ସଳଖି ପାରି ନ ଥିବା ପରିତାପର ବିଷୟ ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ଅବସରରେ ସ୍ମୃତିରଞ୍ଜନ କହିଛନ୍ତି, ପ୍ରବାସୀ ଶ୍ରମିକ ଗୁଜୁରାଣ ମେଣ୍ଟାଇବା ପାଇଁ ସକ୍ଷମ ହୋଇନାହାନ୍ତି। ବହୁ ବେକାର ଯୁବକ ନିଜ ପରିବାରର ଭାର ବହନ କରିବା ପାଇଁ ଅସମର୍ଥ । ଏଭଳି ସ୍ଥଳେ ଘରୋଇ କମ୍ପାନୀଙ୍କ ସ୍ୱାର୍ଥ ପାଇଁ ରାଜ୍ୟବାସୀଙ୍କ ଉପରେ ବିଦ୍ୟୁତ୍ ଦର ବୃଦ୍ଧିକୁ ଯୁବକଂଗ୍ରେସ ଦୃଢ଼ ବିରୋଧ କରୁଛି। ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନରେ ସ୍ୱାବଲମ୍ବୀ ଥିବାବେଳେ ଅନ୍ୟ ରାଜ୍ୟକୁ ମଧ୍ୟ ଯୋଗାଣ କରୁଛି। ସେହି ରାଜ୍ୟଗୁଡିକ ବିଦ୍ୟୁତ୍ ଦର ରିହାତି ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର କାହା ସ୍ୱାର୍ଥରେ ଦର ବୃଦ୍ଧି କରୁଛନ୍ତି ବୋଲି ସ୍ମୃତି ପ୍ରଶ୍ନ କରିଛନ୍ତି। ଆଗାମୀ ଦିନରେ ବିଜୁଳି ଦର ହ୍ରାସ ନ ହେଲେ ଯୁବକଂଗ୍ରେସ ଜିଲା ଓ ବ୍ଲକ ସ୍ତରରେ ଆନ୍ଦୋଳନକୁ ତୀବ୍ରତର କରିବା ସହ ଆଇନକୁ ହାତକୁ ନେବାକୁ ପଛଘଞ୍ଚା ଦେବନାହିଁ। ଅନ୍ୟପଟେ ୨୨ତାରିଖରେ ୧୫ ମିନିଟ୍ ବିଦ୍ୟୁତ୍ ବ୍ୟବହାର ବନ୍ଦ ରଖିବାକୁ ସେ ନିବେଦନ କରିଛନ୍ତି।

## କରୋନାକୁ ହରାଇଲେ ୯୦ ବର୍ଷୀୟ କ୍ୟାନ୍‌ସର ପୀଡ଼ିତ

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)- କରୋନାକୁ ହରାଇଛନ୍ତି ୯୦ ବର୍ଷୀୟ ମୁରଲୀଧର ଶତପଥୀ। ସେ ଗଳା କର୍କଟ ରୋଗରେ ପୀଡ଼ିତ ଥାଇ ମଧ୍ୟ କୋଭିଡ୍‌କୁ ପରାସ୍ତ କରିବାରେ ସଫଳ ହୋଇଛନ୍ତି। ଗତ ୧୦ତାରିଖରେ ସେ କରୋନାରେ ସଂକ୍ରମିତ ହେବାପରେ ତାଙ୍କୁ କ୍ୟାନ୍‌ସର ହସ୍ପିଟାଲ୍‌ରୁ ଭୁବନେଶ୍ୱରସ୍ଥିତ ଏକ କୋଭିଡ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର, ନର୍ସ ଓ ପାରାମେଡିକ୍ସମାନଙ୍କ ଉତ୍ତମ ଚିକିତ୍ସା, ଯତ୍ନ ଓ ସେବା ଶୁଶ୍ରୂଷା ଫଳରେ ସେ ସୁସ୍ଥ ହୋଇଛନ୍ତି।

## ୧,୯୦୪ ପଜିଟିଭ୍, ୧୬ ମୃତ

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ଗତ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୧,୯୦୪ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୨୨୧ଜଣ ରହିଥିବାବେଳେ ନୂଆପଡ଼ା ୧୨୮, କଟକ ୧୧୧, ଅନୁଗୋଳ ୧୦୯, କେନ୍ଦ୍ରାପଡ଼ା ୧୦୬, ସୁନ୍ଦରଗଡ଼ରୁ ୧୦୦ଜଣ ଅଛନ୍ତି। ଅନ୍ୟ ସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଶହେ ତଳକୁ ରହିଛି। ଗଜପତିରୁ ସର୍ବନିମ୍ନ ୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୭୨,୨୫୦ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଆଉ ୧୬ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ମୟୂରଭଞ୍ଜରୁ ସର୍ବାଧିକ ୪ଜଣ ଥିବାବେଳେ ଖୋର୍ଦ୍ଧା ଓ କଳାହାଣ୍ଡିରୁ ୩ଜଣ ଲେଖାଏ, ନୂଆପଡ଼ାରୁ ୨, କେନ୍ଦ୍ରାପଡ଼ା, କଟକ, ଭଦ୍ରକ ଓ ଝାରସୁଗୁଡ଼ାରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୧,୧୬୮କୁ ବୃଦ୍ଧି ପାଇଛି। ଖୋର୍ଦ୍ଧା ଜିଲାରେ ମୃତ୍ୟୁ ସଂଖ୍ୟା ୨୦୦ ଟପିଛି। ଅନ୍ୟପକ୍ଷରେ ରାଜ୍ୟରେ ଆରୋଗ୍ୟ ସଂଖ୍ୟା ଅଢ଼େଇ ଲକ୍ଷ ପାର୍ ହୋଇଛି। ମଙ୍ଗଳବାର କରୋନାରୁ ଆଉ ୨,୬୨୨ ଆକ୍ରାନ୍ତ ସୁସ୍ଥ ହେବା ପରେ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୨,୫୨,୧୯୭ରେ ପହଞ୍ଚିଛି।







ନାସ୍ତିକତା ହେଲା ଭଗବାନଙ୍କ ସମ୍ବନ୍ଧେ ଯେଉଁ ଊର୍ଦ୍ଧ୍ୱତମ ଉପଲବ୍ଧି – ତା'ର ଛାୟା ବା ଅନ୍ଧକାର ଦିଗ। ଆମେ ଭଗବାନଙ୍କର ଯାହା କିଛି ସଂଜ୍ଞା ଦେଉ ନା କାହିଁକି, ପ୍ରତୀକ ହିସାବରେ ସର୍ବଦା ତାହା ସତ୍ୟ ହେଲେ ବି, ଯଦି ଆମେ ତାକୁ ପୂର୍ଣ୍ଣସଂଜ୍ଞା ହିସାବରେ ଗ୍ରହଣକରୁ –ତାହା ମିଥ୍ୟା ହୋଇଯିବ। ନାସ୍ତିକ ଓ ଅଜ୍ଞେୟବାଦୀ ଆମର ଏଇ ଭୁଲଟିକୁ ସ୍ମରଣ କରାଇ ଦିଅନ୍ତି। –**ଶ୍ରୀଅରବିନ୍ଦ**

# କ୍ୱାଡ୍

ପୂର୍ବ ଲଦାଖଠାରେ ଭାରତ ଓ ଚାଇନା ଗତ ମେ'ରୁ ସାମ୍ନାସାମ୍ନି ହୋଇ ଚାଲିଛନ୍ତି। ଭାରତର ୨୦ ଯବାନଙ୍କ ପ୍ରାଣ ଯାଇଥିବା ବେଳେ ଚାଇନା ଅଦ୍ୟାବଧି ତା' ସୈନ୍ୟଙ୍କ ମୃତ୍ୟୁ ସଂଖ୍ୟା ପ୍ରକାଶ କରିନାହିଁ। ଇତିମଧ୍ୟରେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)ର ପ୍ରାୟ ୬୦,୦୦୦ ସୈନ୍ୟଙ୍କୁ ଚାଇନା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟରେ ମୁତୟନ କରି ବିପଦ ସୃଷ୍ଟି କରିଛି। ସୀମାରେ କ୍ଷେପଣାସ୍ତ୍ର ପରୀକ୍ଷା କରିବା ସହ ରାସ୍ତା ନିର୍ମାଣ କରି ଚାଲିଛି। ବେଜିଂର ଏଭଳି କାର୍ଯ୍ୟକଳାପ ଦେଖି ଭାରତ ନିଜକୁ ସୁରକ୍ଷିତ ରଖିବା ପାଇଁ ଅନ୍ୟ ୩ ଦେଶ ସହିତ ମେଣ୍ଟ ବାନ୍ଧିବାକୁ ବାଧ୍ୟ ହେଉଛି। ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ସହିତ ମିଶି ମାଲାବର ସମରାଭ୍ୟାସ କରିବାକୁ ଭାରତ ପଦକ୍ଷେପ ନେଇଛି। ସୂଚନାଯୋଗ୍ୟ ଯେ ଶେଷ ଥର ଲାଗି ଅଷ୍ଟ୍ରେଲିଆ ମାଲାବରଠାରେ ୨୦୦୭ରେ ସମରାଭ୍ୟାସ କରିଥିଲା।

ଚାଇନାର ବିସ୍ତାରବାଦୀ ପଦକ୍ଷେପକୁ ଏହି ଚାରି ଦେଶ ବା କ୍ୱାଡ୍ର ସମରାଭ୍ୟାସ ମେଳି ଏକ ଶକ୍ତିଶାଳୀ ବାର୍ତ୍ତା ଦେଇପାରେ ବୋଲି ଭାରତୀୟ ନେତୃତ୍ୱ ଅନୁମାନ କରୁଛି। କିନ୍ତୁ ଏକ ଉତ୍ପାଦକ ରାଷ୍ଟ୍ର ଭାବେ ଦୀର୍ଘବର୍ଷ ଧରି ପୃଥିବୀ ବଜାରକୁ ନିଜ ଦ୍ରବ୍ୟ ପଠାଇ ବେଜିଂ ଯେଉଁଭଳି ନିୟନ୍ତ୍ରଣ ରଖିପାରିଛି ଓ ସାମରିକ ଶକ୍ତିକୁ ବ୍ୟବସ୍ଥିତ କରିପାରିଛି, ସମ୍ଭବତଃ ଆମେରିକା ଭଳି ଶକ୍ତିଶାଳୀ ରାଷ୍ଟ୍ର ପକ୍ଷେ ସମ୍ଭବ ହୋଇପାରି ନାହିଁ। କେବଳ ସେତିକି ନୁହେଁ, ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଅନୁମାନ କରିଛି ଯେ, ଚାଇନା ଅର୍ଥନୀତି ଏବେ ଆମେରିକା ଅର୍ଥନୀତିଠାରୁ ବୃହତ୍ ହୋଇଗଲାଣି। ଏଭଳି ପ୍ରେକ୍ଷାପଟରେ ଭାରତ ପାଇଁ ବିପଦ ଅଧିକ ଘନୀଭୂତ ହୋଇଛି। ଆମର କୂଟନୈତିକ ଅପାରଗତା ଯୋଗୁ ପଡ଼ୋଶୀ ଦେଶ ଯଥା ନେପାଳ, ପାକିସ୍ତାନ ଏବଂ ଶ୍ରୀଲଙ୍କା ସମସ୍ତେ ଚାଇନା ଆଡ଼କୁ ଢଳିଗଲେଣି। ଏଭଳି ସ୍ଥିତିରେ ନୌସେନା ସମରାଭ୍ୟାସର ପ୍ରଭାବ ସ୍ଥଳସେନା ଯୁଦ୍ଧକୁ ବେଶି ପ୍ରଭାବିତ କରି ନ ପାରେ। ଏବର ଭାରତୀୟ ନେତୃତ୍ୱ କହୁଛନ୍ତି ଯେ, ୧୯୬୨ ବେଳର ଯୁଦ୍ଧ ସାମଗ୍ରୀ ଓ ସେନା ବଳଠାରୁ ଆଜିର ଭାରତୀୟ ସେନା ଅଧିକ ପାରଙ୍ଗମ ଓ ସୁସଜ୍ଜିତ। ତେଣୁ ଚାଇନା ଆଉ ଡରାଇପାରିବ ନାହିଁ। ଏହା କହୁଥିବା ବ୍ୟକ୍ତିମାନେ ମନେରଖିବା ଦରକାର ଯେ, ଚାଇନା ମଧ୍ୟ ସେତେବେଳର ରଣକୌଶଳ ଓ ସେନା ଭିତରେ ସୀମିତ ରହିନାହିଁ। ଯାହାକୁ ଥରେ ହରେଇ ଦିଆଯାଇପାରି ନାହିଁ, ତା'ର ବଳକୁ କଳିବା କଷ୍ଟକର। ଆଜି ମଧ୍ୟ ଭାରତୀୟ ଯବାନମାନେ ଭିଡିଓ ଜରିଆରେ ସେମାନଙ୍କୁ କିଭଳି ନିମ୍ନମାନର ଖାଦ୍ୟ ଓ ପୋଷାକ ଦିଆଯାଉଛି ଦେଖାଉଛନ୍ତି। ଏଥିସହିତ ଗତ ବର୍ଷଗୁଡ଼ିକରେ ଭାରତୀୟ ସ୍ଥଳ, ବାୟୁ ଓ ନୌସେନାରେ ନୂତନ ଅତ୍ୟାଧୁନିକ ଯୁଦ୍ଧ ସାମଗ୍ରୀ ସାମିଲ ହୋଇଥିବା ଖବର କାହା ପାଖରେ ନାହିଁ। ସେଥିପାଇଁ କେବଳ କଥାରେ କହିହେଉଛି ଯେ ୧୯୬୨ଠାରୁ ଆମେ ବହୁତ ଆଗକୁ ଗଲୁଣି। କିନ୍ତୁ ବାସ୍ତବରେ ଯୁଦ୍ଧ ଲଢ଼ି ଚାଇନାର ପିଏଲ୍ଏକୁ ସାମ୍ନା କରିବାରେ ଅନେକ ତଫାତ୍ ରହିଛି। ଆଜି ଲଢ଼େଇ ହେଲେ, ବ୍ରହ୍ମୋସ୍ କ୍ଷେପଣାସ୍ତ୍ର କେତେ ଦୂର ସହାୟକ ହେବ ତାହା ମଧ୍ୟ ପରୀକ୍ଷା କରିବା ପାଇଁ ସମୟ ବାକି ରହିଛି।

# ବାଣୀ ଶୁଣିଲୁ

ଅକ୍ଟୋବର ୨୦ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗକୁ ପାର୍ବଣ ଆସୁଥିବାରୁ ଲୋକମାନଙ୍କୁ କୋଭିଡ୍-୧୯ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଗତ ୭ ମାସ ମଧ୍ୟରେ ସପ୍ତମ ଥର ପାଇଁ ଟେଲିଭିଜନ ଜରିଆରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଲାବେଳେ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଇଥିବା ବିଷୟ ଉଲ୍ଲେଖ କରିଛନ୍ତି। ସେହିପରି ନବୀନ ପଟ୍ଟନାୟକ ଲୋକେ ଯେଉଁଭଳି ପୂର୍ବରୁ ସହଯୋଗ କରିଆସୁଥିଲେ ତାହାକୁ ବଜାୟ ରଖିବାକୁ ବାର୍ତ୍ତା ଦେଇଛନ୍ତି।

କରୋନା ମହାମାରୀ ପରିପ୍ରେକ୍ଷୀରେ ଦେଶ ଓ ରାଜ୍ୟର ଦୁଇ ନେତାଙ୍କ କଥାକୁ ସମସ୍ତେ ମାନିବା ଦରକାର। ତେବେ ଏଭଳି ବାଣୀ ଗଣମାଧ୍ୟମରୁ ଶୁଣି ଶୁଣି ଲୋକେ ମନେ ରଖିସାରିଲେଣି। ବାସ୍ତବରେ ଏସବୁ କଥା ଶୁଣେଇବା ପରିବର୍ତ୍ତେ ଚିକିତ୍ସା ବ୍ୟବସ୍ଥାକୁ କିଭଳି ଉନ୍ନତ କରାଯାଇଛି ତାହାର ରିପୋର୍ଟ ଦେଇଥିଲେ ଭଲ ହୋଇଥାଆନ୍ତା। ଅଦ୍ୟାବଧି ଏହି ଭୂତାଣୁକୁ ମାରିବା ଲାଗି ଔଷଧ ବାହାରି ନାହିଁ କି ଟିକା ଆସିନାହିଁ। ପ୍ରଧାନମନ୍ତ୍ରୀ କହୁଛନ୍ତି, ଟିକା ତିଆରି ପାଇଁ ଦେଶରେ ବୃହତ୍ ବ୍ୟବସ୍ଥା ରହିଛି। ଦେଖିବାକୁ ଗଲେ ସେହି ଟିକା ପ୍ରସ୍ତୁତ ଲାଗି କେଉଁଠାରୁ ଜ୍ଞାନକୌଶଳ ଆସିବ ତାହା କୁହାଯାଉ ନାହିଁ। ବରଂ ରୁଷିଆର ସ୍ପୁଟନିକ୍ ଟିକାକୁ ଭାରତର ଲୋକଙ୍କ ଉପରେ ପ୍ରୟୋଗ କରିବା ଲାଗି ଅନୁମତି ଦିଆଯାଇଛି। ସେହି ଟିକାକୁ ରୁଷିଆ ସରକାର ତା' ନିଜ ଦେଶବାସୀ ଉପରେ କାହିଁକି ପରୀକ୍ଷା କଲା ନାହିଁ, ତାହାର କୌଣସି ସ୍ପଷ୍ଟୀକରଣ ଆମ ସରକାର ଦେଉନାହିଁ। ବିଶ୍ୱ ପ୍ରେକ୍ଷାପଟରେ ଦେଖିଲେ ଏକଦା ଅନେକ ଔଷଧ ଓ ଟିକା ପରୀକ୍ଷା ଲାଗି ଆଫ୍ରିକୀୟ ମହାଦେଶର ଲୋକଙ୍କୁ ବଛାଯାଉଥିଲା। କିନ୍ତୁ ସେସବୁ ଦେଶରେ କଡ଼ା ଆଇନ ଅଣାଯିବା ପରେ ଭାରତୀୟଙ୍କୁ ଟାର୍ଗେଟ କରାଯାଇଛି। ଏଠାକାର ଅଶିକ୍ଷିତ ଓ ପଛୁଆ ଲୋକେ ଏହି ପ୍ରକ୍ରିୟାରେ ସାମିଲ ହୋଇଗଲେ ସେମାନଙ୍କଠାରେ କିଭଳି ପାର୍ଶ୍ୱ ପ୍ରତିକ୍ରିୟା ହେବ ତାହାକୁ ଜାଣି ନାହାନ୍ତି। ତେବେ ଲୋକେ ଯେତେବେଳେ ଟିକା ପାଇବେ ସେମାନଙ୍କ ଉପରେ ନଜର ରଖି ତାହାର ପ୍ରତିକ୍ରିୟା ଜାଣିବାକୁ ଚେଷ୍ଟା କରାଯିବ। କିନ୍ତୁ ସେତେବେଳକୁ ସେହି ପ୍ରକ୍ରିୟାରେ ଅନେକ ଜୀବନ ଚାଲିଯାଇଥିବ। ଫଳରେ କିଏ ଅନ୍ଧ ହେବେ ତ କିଏ କାଲା ପାଲଟିବେ କିମ୍ବା ଅନ୍ୟାନ୍ୟ ରୋଗ କାହାକୁ କାବୁ କରିପାରେ। ଏ ବିଷୟକୁ ନେତୃବୃନ୍ଦ ଧ୍ୟାନ ନ ଦେଇ ବାହାଦୁରି ନେବାକୁ ଆଗଭର ହେଉଛନ୍ତି। ସାଧାରଣତଃ କୌଣସି ଟିକା ପ୍ରସ୍ତୁତ କରିବା ସକାଶେ ଦୀର୍ଘବର୍ଷ ଲାଗିଯାଇଥାଏ। ତତ୍‌କ୍ଷଣାତ ଟିକା ବାହାର କରି ଲୋକଙ୍କୁ ଦେବା ଲାଗି ହେଉଥିବା ପ୍ରୟାସ ବିପଦ ଆଣିପାରେ ବୋଲି ଅନେକେ ଭାବୁଛନ୍ତି। ଆଜି ଭାରତର ସ୍ଥିତିକୁ ଦେଖିଲେ କୋଭିଡ୍-୧୯ ନିୟନ୍ତ୍ରଣ ମଧ୍ୟକୁ ଆସିପାରୁ ନାହିଁ। କିନ୍ତୁ ମାର୍ଚ୍ଚରେ ଯେତେବେଳେ କରୋନା ସେତେଟା ବ୍ୟାପି ନ ଥିଲା, କେନ୍ଦ୍ର ସରକାର ଲକ୍‌ଡାଉନ ଓ ପରେ ଶଟ୍‌ଡାଉନ ଘୋଷଣା କରି ଅର୍ଥନୀତିକୁ ବରବାଦ୍ କରିଦେଲେ। କେନ୍ଦ୍ରର ପଦାଙ୍କ ଅନୁସରଣ କରି କିଏ କେତେ କଡ଼ା ନିୟମ ଲାଗୁ କରିପାରିବେ ରାଜ୍ୟଗୁଡ଼ିକ ମଧ୍ୟରେ ବାଦ ଲାଗିଲା। ଆଜି ସମଗ୍ର ଦେଶବାସୀ ତାହାର କୁଫଳ ଭୋଗ କରୁଛନ୍ତି। ତେଣୁ କାହାରିଠାରୁ ବାଣୀ ଶୁଣିବାକୁ ଲୋକଙ୍କ ଧୈର୍ଯ୍ୟ ନାହିଁ। ବରଂ କିଭଳି ଚିକିତ୍ସା ବ୍ୟବସ୍ଥା କରାଯାଇ ରୋଗୀଙ୍କୁ ଆରୋଗ୍ୟ କରାଯାଇପାରୁଛି ତାହାର ସମୀକ୍ଷା କରାଯାଇ ଜନସାଧାରଣଙ୍କୁ ତଥ୍ୟ ଦିଆଯାଉ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 3 | 9 | | B | 6 | | | | 0 | C | | | | |
| | | 2 | | | | | | 0 | B | | 9 | | A | |
| | 6 | B | | 3 | | | | | | | | | | 0 |
| | E | | | | | | 8 | A | | | 7 | | | 2 |
| A | | | 4 | | 7 | | | | | 6 | | 8 | | B |
| | 5 | | E | | | | 0 | | 3 | 8 | 6 | | | |
| | | | | 6 | | 4 | | | 7 | | E | | C | 5 |
| 9 | | E | 5 | | | 2 | A | | 4 | | | 7 | | |
| | | | | | C | 3 | | | | | | | | |
| | | 0 | B | | A | | | D | | 5 | | | | 4 |
| 6 | C | | | | D | | | | | | | E | | A |
| | | | 8 | | | 1 | D | | | | C | B | 5 | |
| | 4 | | | | 2 | | | | | 0 | | 3 | | |
| | | | 7 | | | A | 5 | 9 | | | B | | 0 | |
| 8 | | D | | 1 | | 0 | 3 | | | 7 | | | 2 | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 7 | 3 | 6 | 5 | A | B | D | C | 4 | 2 | 8 | E | 9 | 0 |
| C | 5 | 9 | E | 2 | 4 | A | 0 | 1 | 6 | 3 | D | B | 8 | 7 |
| 8 | D | E | 3 | 1 | B | 7 | 2 | 6 | A | 0 | 9 | 5 | 4 | C |
| A | 0 | 2 | D | 9 | 7 | 8 | 4 | 5 | E | C | B | 1 | 6 | 3 |
| B | 4 | 6 | 0 | 8 | C | 9 | E | 3 | 5 | 1 | 7 | A | D | 2 |
| 9 | A | 7 | 8 | 3 | 5 | 2 | 1 | B | D | 6 | C | 4 | 0 | E |
| 0 | 8 | C | B | E | 1 | 5 | 9 | D | 3 | 4 | 2 | 7 | A | 6 |
| 4 | 1 | D | 7 | 6 | 0 | E | C | 8 | B | A | 5 | 3 | 2 | 9 |
| E | 2 | B | 4 | C | D | 3 | 6 | A | 9 | 7 | 0 | 8 | 1 | 5 |
| 6 | 3 | 5 | 9 | A | 2 | 4 | 7 | 0 | 1 | 8 | E | D | C | B |
| 5 | 9 | 8 | 1 | 4 | 3 | C | A | E | 0 | B | 6 | 2 | 7 | D |
| D | C | 0 | 2 | B | 6 | 1 | 5 | 4 | 7 | E | A | 9 | 3 | 8 |
| 7 | B | A | C | D | 8 | 0 | 3 | 9 | 2 | 5 | 1 | 6 | E | 4 |
| 3 | 6 | 1 | 5 | 7 | E | D | 8 | 2 | C | 9 | 4 | 0 | B | A |
| 2 | E | 4 | A | 0 | 9 | 6 | B | 7 | 8 | D | 3 | C | 5 | 1 |

ଗତକାଲିର ଉତ୍ତର

# ଅର୍ଥନୈତିକ ଭାରସାମ୍ୟରେ ଋଣ ଓ ସୁଧ



ଡ. ସତ୍ୟନାରାୟଣ ମିଶ୍ର

ଅର୍ଥନୀତି, ଜନତା, ରାଜନୀତି, ନିର୍ବାଚନ ଓ ଗଣତନ୍ତ୍ର ହେଉଛି ସ୍ୱାଧୀନତା ପରବର୍ତ୍ତୀ ସମୟର ଏକ ଏକ ବୃହତ୍ ସ୍ତମ୍ଭ। କିଛି ପାଇବାର ଆଶା ହେଉଛି ପ୍ରତ୍ୟେକ ମଣିଷର ଏକ ପ୍ରବୃତ୍ତି। ଭାରତର ସ୍ୱାଧୀନତା ପରେ ସ୍ୱାଧୀନତା ସଂଗ୍ରାମରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ଯୋଗଦାନ କରିଥିବା ବ୍ୟକ୍ତିବିଶେଷ ସମଷ୍ଟିଗତ ଭାବରେ ଗଣତନ୍ତ୍ରର ସୁରକ୍ଷା ନିମିତ୍ତ ନିର୍ବାଚନ ଭଳି ପଦ୍ଧତିକୁ ଆଦରି ନେଲେ କିଛି ଆଶା ଓ ଆକାଂକ୍ଷାକୁ ପାଥେୟ କରି। ତଦନୁଯାୟୀ ଗଣତନ୍ତ୍ରର ରକ୍ଷା କବଚ ବା ଜନତା ସେମାନଙ୍କର ଉପଯୁକ୍ତ ପ୍ରତିନିଧିଙ୍କୁ ନିର୍ବାଚନ ମାଧ୍ୟମରେ ଗଣତନ୍ତ୍ରର ବିଶାଳ କ୍ଷେତ୍ରକୁ ପ୍ରେରଣ କଲେ। ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସ୍ଥିତି ଓ ପରିସ୍ଥିତିକୁ ଅନୁଧ୍ୟାନ କରି ସେତେବେଳେ ନିର୍ବାଚିତ ପ୍ରତିନିଧିମାନେ ଜନତାଙ୍କ ନିକଟରେ ଉତ୍ତରଦାୟୀ ହୋଇ ରହୁଥିଲେ। ଅର୍ଥନୀତି, ଜନତା, ରାଜନୀତି, ନିର୍ବାଚନ ଓ ଗଣତନ୍ତ୍ର ବିକାଶକୁ ଆଖି ଆଗରେ ରଖି ଚତୁର୍ଦ୍ଦିଗକୁ ସଜାଗ ହୋଇ ରହୁଥିଲା। ନିର୍ବାଚନ ପ୍ରତିଶ୍ରୁତିରେ ରାଜନେତାମାନେ କେବଳ ଦେଶର ବିକାଶ ଉପରେ ଗୁରୁତ୍ୱ ଦେଉଥିଲେ, ଯାହା ଭାରତବର୍ଷର ଅର୍ଥ, ଆୟ ଓ ବ୍ୟୟ ଉପରେ ଆଧାରିତ ଥିଲା।

ସ୍ଥିତି ପରିସ୍ଥିତିର ସମୟ ସ୍ରୋତରେ ପରିବର୍ତ୍ତନର ସ୍ଲୋଗାନ ଦେଇ ଚାଲିଲେ ରାଜନୀତିର ପୁରୋଧାମାନେ ଓ ନିର୍ବାଚନରେ ଅଂଶ ଗ୍ରହଣ କରୁଥିବା ଜନତା ତାହାକୁ ପାଳନ କଲେ। ସମୟ କ୍ରମେ ଆରମ୍ଭ ହେଲା ନିଷ୍ଠା, ପବିତ୍ରତା ଓ ସାଧୁତା ପରିବର୍ତ୍ତେ ଯେନତେନ ପ୍ରକାରେଣ ଜନତାଙ୍କୁ ଆକୃଷ୍ଟ କରି ନିର୍ବାଚନରେ ବିଜୟ ଲାଭ କରିବା। ଜନତା ନିରୁପାୟ। ଭାରତରେ ଗଣତନ୍ତ୍ରରେ ରାଜନୈତିକ ମୂଲ୍ୟବୋଧ ହ୍ରାସ ପାଇବାରୁ ସଚେତନ ନାଗରିକ ଆଉ ନିର୍ବାଚନରେ ଭାଗ ନେବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି, ଏପରି କି ଅନେକେ ଭୋଟ ମଧ୍ୟ ଦେଉନାହାନ୍ତି। 'ଡାହୁକ ରାବ ଶୁଣି ନୀରବ ପିକ, ମୂଢ ସଭାରେ ଯଥା ମୂକ ଧାର୍ମିକ'। ଅଜ୍ଞ ମାନଙ୍କ ସଭାରେ ପଣ୍ଡିତ ବା ଜ୍ଞାନୀମାନଙ୍କର ଯେପରି ଗୁରୁତ୍ୱ ନ ଥାଏ, ଠିକ୍ ସେହିପରି ନିର୍ବାଚନରେ ସଚେତନ ନାଗରିକମାନେ ଆଉ ଅଂଶ ଗ୍ରହଣ କରିବାକୁ ପସନ୍ଦ ନାହାନ୍ତି। ସୁତରାଂ ଉକ୍ତ ସ୍ଥିତି ରାଜନୈତିକ ନେତା ଓ ଦଳକୁ ବେଶ୍ ସୁହାଉଛି । ସେମାନେ ଅଳ୍ପରେ ତୁଷ୍ଟିକରଣ ଯୋଜନା କରି ଭୋଟରଙ୍କୁ ଆକୃଷ୍ଟ କରି ଚାଲିଛନ୍ତି। ଦେଶରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଭିନ୍ନ ଭିନ୍ନ ତୁଷ୍ଟିକରଣ ଯୋଜନାମାନ ଘୋଷଣା କରି ଭୋଟ ଦେଉଥିବା ଜନତାଙ୍କର ପ୍ରିୟ ଭାଜନ ହେବାରେ ଲାଗିଛନ୍ତି।

ନିକଟରେ କେନ୍ଦ୍ର ବଜେଟ ୨୦୨୦-୨୧ରେ ଭାରତ ସରକାରଙ୍କର ଆୟ ବଜେଟ ଥିଲା ୨୨.୪୬ ଲକ୍ଷ କୋଟି ଟଙ୍କା ଓ ବ୍ୟୟ ହେଉଛି ୩୦.୪୨ ଲକ୍ଷ କୋଟି ଟଙ୍କା। ସେହିପରି ଭାରତ ସରକାରଙ୍କର ଆୟର ପ୍ରଥମ ମାଧ୍ୟମ ହେଉଛି ଋଣ, ଯାହା ୧ ଟଙ୍କାରୁ ୨୦ ପଇସା ଋଣ ଆସୁଥିବା ବେଳେ ଋଣକୁ ପରିଶୋଧ କରିବା ପାଇଁ କେବଳ ସୁଧ ଲାଗି ଭାରତ ସରକାରଙ୍କୁ ଦେବାକୁ ପଡୁଛି ୧ ଟଙ୍କାରୁ ୧୮ ପଇସା। ଆୟର ବୃହତ୍ ମାଧ୍ୟମ ହେଉଛି ଋଣ ପୁଣି ପରିଶୋଧ ପାଇଁ କେବଳ ସୁଧ (ମୂଳ ବ୍ୟତୀତ) ହେଉଛି ବୃହତ୍ ଅଂଶ, ୧୮ ପଇସା। ଏଥିରେ ଅର୍ଥନୀତିର ସ୍ଥିତି, ଦେଶର ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଆଦିର ବିକାଶ କେଉଁ ମାତ୍ରାରେ ହେବ ତାହା ଚିନ୍ତାର ବିଷୟ। ବଜେଟରେ ବିତ୍ତୀୟ ନିଅଣ୍ଟ ୩.୫ପ୍ରତିଶତ ଥିବା ବେଳେ ରାଜସ୍ୱ ନିଅଣ୍ଟ ୨.୭ପ୍ରତିଶତ ରହିଅଛି। ତେଣୁ ଏଭଳି ସ୍ଥିତିରେ ସରକାରଙ୍କର ତୁଷ୍ଟିକରଣ ଯୋଜନା ବଳବତ୍ତର ରହିଆସୁଥିବା ବେଳେ ଅର୍ଥନୀତିର ସ୍ଥିତି ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ବର୍ତ୍ତମାନ ୬୧ଟି ତୁଷ୍ଟିକରଣ ଯୋଜନା କାର୍ଯ୍ୟକାରୀ ହେଉଅଛି। ସେହିଭଳି ଓଡ଼ିଶାରେ ଜଣେ ମଣିଷର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ତୁଷ୍ଟିକରଣ ଯୋଜନା ଆରମ୍ଭ ହୋଇଛି। ଓଡ଼ିଶାରେ ୨୦୨୦-୨୧ ବଜେଟରେ ରାଜ୍ୟର ଅଭିବୃଦ୍ଧି ହାର କମି କମି ୬.୧୨ପ୍ରତିଶତରେ ରହିବ ବୋଲି ଆକଳନ କରାଯାଉଛି। ଏକ ସର୍ବେକ୍ଷଣରୁ ଜଣାଯାଏ ଯେ ୧୯୯୯-୨୦୦୦ରେ ଓଡିଶା ସରକାରଙ୍କର ଋଣ ବୋଝ ୧୮,୦୦୦ କୋଟି ଟଙ୍କା ଥିବା ବେଳେ ଚଳିତ ଆର୍ଥିକବର୍ଷ ଶେଷ ବେଳକୁ ଏହା ୧ ଲକ୍ଷ ୬ ହଜାର ୫୨୬ କୋଟି ୮୬ ଲକ୍ଷ ଟଙ୍କା ହେବ ବୋଲି ଅର୍ଥନୀତି ବିଶାରଦମାନେ ଅନୁମାନ କରୁଛନ୍ତି, ଯାହା ୨୦୧୯ ଡିସେମ୍ବର ସୁଦ୍ଧା ପ୍ରତ୍ୟେକ ଜନ୍ମିତ ବ୍ୟକ୍ତିର ଋଣ ଭାର ହେଉଛି ୧୮ ହଜାର ୪୯୭ ଟଙ୍କା। ଅର୍ଥନୀତିର ଭାରସାମ୍ୟକୁ ଦୃଷ୍ଟି ନ ଦେଇ କେବଳ ତୁଷ୍ଟିକରଣ ଯୋଜନା କଲେ ଉକ୍ତ ଋଣଭାରର ସୀମା କେଉଁଠି ପହଞ୍ଚିବ ତାହା କେବଳ ଭବିଷ୍ୟତ ହିଁ କହିବ।

ପରିତାପର ବିଷୟ ଏହା ଯେ ଉକ୍ତ ଶସ୍ତା ତୁଷ୍ଟିକରଣ ଯୋଜନା ହେତୁ ଶ୍ରମ ଓ ଶକ୍ତିର ବିନିଯୋଗ ହୋଇପାରୁ ନାହିଁ। ସମାଜରେ ବର୍ତ୍ତମାନ କର୍ମ କରିବାର ପ୍ରାବଲ୍ୟ ଲୋପ ହେବାକୁ ବସିଲାଣି। ସରକାରଙ୍କ ଅନୁକମ୍ପା ଓ ଦୟା ଅଭ୍ୟାସଗତ ହୋଇଗଲାଣି। ଗାଁରେ କିମ୍ବା ସହରରେ ଶ୍ରମ କରି ଅର୍ଥ ଉପାର୍ଜନ କରିବାର ପ୍ରୟାସ ଧୀରେ ଧୀରେ ଲୋପ ହୋଇ ଗଲାଣି। ଏହାଦ୍ୱାରା ଏକ ଦିଗରେ ଶ୍ରମ ଶକ୍ତିର ବିଲୋପ, ନିମ୍ନ ମାନସିକତା ଚତୁର୍ଦ୍ଦିଗରେ ବିରାଜମାନ କଲାଣି। ତୁଷ୍ଟିକରଣ ଯୋଜନାକୁ ଆଧାର କରି ଯୋଜନାର ଅପବ୍ୟବହାରକାରୀମାନେ ବେଶ୍ ଲାଭବାନ ହେଉଛନ୍ତି। ତେବେ ସରକାରଙ୍କର ଜନ କଲ୍ୟାଣ ଯୋଜନାକୁ କେବଳ ଉପଯୁକ୍ତ ହିତାଧିକାରୀଙ୍କୁ ଅର୍ପଣ କରିବା ଉଚିତ। କାରଣ ଯେତେବେଳେ ମଣିଷ ଅଳସୁଆ ହୁଏ, ସେତେବେଳେ ନକାରାତ୍ମକ ପ୍ରବୃତ୍ତିର ପ୍ରତିଷ୍ଠା ହୁଏ ଓ ସେଥିରୁ ବିଭିନ୍ନ ବ୍ୟଭିଚାର ସୃଷ୍ଟି ହୁଏ। ଏ ସମସ୍ତ ତୁଷ୍ଟିକରଣ ଯୋଜନା ଦ୍ୱାରା ସମାଜରେ ମାନବ ସମ୍ବଳର ଅଗ୍ରଗତି ହୋଇପାରୁ ନାହିଁ । ସମାଜରେ ତୁଷ୍ଟିକରଣ ଯୋଜନାରେ ଉପଭୋକ୍ତାମାନେ କର୍ମ କରିବା ପରିବର୍ତ୍ତେ କର୍ମ କାତର ହୋଇ ସରକାରଙ୍କର ଯୋଜନାକୁ ଅପେକ୍ଷା କରୁଛନ୍ତି। ତେବେ ଯୋଜନାଗୁଡିକର ଖର୍ଚ୍ଚ ହେଉଥିବା ଅର୍ଥ ଆସେ କୁଆଡୁ ? ଏହାର ସରଳ ଉତ୍ତର ହେଉଛି, ଏ ସମସ୍ତ ଯୋଜନାର ଅର୍ଥ କେବଳ ଜନତା ପଇଠ କରୁଥିବା କର ବା ଖଜଣାରୁ ହିଁ ଆସିଥାଏ। ବର୍ତ୍ତମାନ ସମାଜରେ ଦୁଇ ପ୍ରକାର ଶ୍ରେଣୀ ସୃଷ୍ଟି ହେବାକୁ ବସିଲାଣି। ଗୋଟିଏ ଶ୍ରେଣୀ ଶ୍ରମ ଶକ୍ତିର ଉପଯୋଗ କରି ଅର୍ଥ ଉପାର୍ଜନ କରି ସରକାରଙ୍କୁ କର ଦେଉଛନ୍ତି ଓ ଅନ୍ୟ ଗୋଟିଏ ଶ୍ରେଣୀ ଉକ୍ତ କରକୁ ସରକାରଙ୍କ ତୁଷ୍ଟିକରଣ ଯୋଜନା ଦ୍ୱାରା ଉପଭୋଗ କରୁଛନ୍ତି। କେନ୍ଦ୍ର ସରକାରଙ୍କର ଅର୍ଥନୈତିକ ସ୍ଥିତିକୁ ବିଶ୍ଳେଷଣ କଲେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖିବାକୁ ମିଳେ, ଯେଉଁଠି ବର୍ତ୍ତମାନ ସରକାରଙ୍କୁ ସମୁଦାୟ ବଜେଟର ୧୮ ଭାଗ କେବଳ ସୁଧ ପଇଠ କରିବାକୁ ପଡୁଛି। ଋଣ ଉପରେ ଭରସା କରୁଥିବା ଅର୍ଥନୀତି ବର୍ତ୍ତମାନ ଋଣର ସୁଧ ପରିଶୋଧ କରିବା ହେଉଛି ମୁଖ୍ୟ ଚିନ୍ତାର କାରଣ। ଚାର୍ବାକଙ୍କ ଦର୍ଶନକୁ ତର୍ଜମା କଲେ ମନେହୁଏ ଯେ 'ଯାବତ ଜୀବେତ ସୁଖ ଜୀବେତ ଋଣ କୃତ୍ୱା ଘୃତ ପିବେତ'। ଠିକ୍ ସେହିପରି ଋଣ କରି ତୁଷ୍ଟିକରଣ ଯୋଜନା କରିବା ପରିବର୍ତ୍ତେ ସେଥିରେ ବଡ ବଡ କଳ କାରଖାନା, ଶିଳ୍ପ ଇତ୍ୟାଦି ପ୍ରତିଷ୍ଠା କରି ଶ୍ରମ ଓ ଶକ୍ତିର ବିନିଯୋଗ କରାଯାଇପାରନ୍ତା। ସମୟୋପଯୋଗୀ ରୋଜଗାର କ୍ଷମତାକୁ ବୃଦ୍ଧି କରାଗଲେ ମାନବ ସମ୍ବଳର ବିକାଶ ହୋଇପାରନ୍ତା। ରୋଜଗାରର ପନ୍ଥା ପାଇପାରନ୍ତେ ଯୁବକମାନେ।

ଜନହିତକର ଯୋଜନା ସର୍ବାଦୌ ସ୍ୱାଗତ ଯୋଗ୍ୟ, ମାତ୍ର ଯୋଜନାରେ ଯଦି ମଣିଷ କର୍ମଠ ନ ହୋଇ କର୍ମ କାତର ହେଲା, ତା' ହେଲେ ସମୟ ଆସିବ ସମାଜରେ ଏକ ବିଦ୍ରୋହ ଦେଖାଦେବ ଆଉ ସେହି ବିଦ୍ରୋହର ଶିକାର ହେବେ କେବଳ ଜନତା। ଯେତେବେଳେ ସରକାରଙ୍କ ନିକଟରେ ସମ୍ବଳର ଘୋର ସଙ୍କଟ ଦେଖା ଦେବ ଓ ଋଣ ବୋଝରେ ସାଧାରଣ ଜନତା ଅଣ ନିଃଶ୍ୱାସୀ ହେବେ ସେତେବେଳେ ସରକାର ବାଧ୍ୟ ହୋଇ ତୁଷ୍ଟିକରଣ ଯୋଜନାଗୁଡ଼ିକୁ ପ୍ରତ୍ୟାହାର କରିବା ପାଇଁ ବାଧ୍ୟ ହେବେ। ସେତେବେଳେ ଦୟା, କରୁଣା ଓ କର୍ମ କାତରରେ ଅଭ୍ୟସ୍ତ ହୋଇଯାଇଥିବା ଜନତା କରିବେ କ'ଣ ? ତୁଷ୍ଟିକରଣ ଯୋଜନାରୁ ବଞ୍ଚିତ ଜନତା ଉଭୟେ ପ୍ରତ୍ୟକ୍ଷ ଓ ପରୋକ୍ଷ କର ଦେଇଥାନ୍ତି, ମାତ୍ର ପ୍ରକୃତ ତୁଷ୍ଟିକରଣ ଯୋଜନାର ଉପଭୋକ୍ତାମାନେ କେବଳ ପରୋକ୍ଷ କର ଦେଇଥାନ୍ତି। ଯେତେବେଳେ ଋଣ ବୋଝରେ ସମସ୍ତ ଜନତା ଆତଯାତ ହେବେ ଶେଷରେ ଋଣରୁ ଋଣକ୍ଷେତ୍ର ହୋଇଯିବ ସମାଜ। ତେଣୁ ତୁଷ୍ଟିକରଣରୁ କ୍ଷାନ୍ତ ହୋଇ ସୃଷ୍ଟିକରଣ ଚିରନ୍ତନ ରୋଜଗାରର ପନ୍ଥା ଓ କର୍ମ ନିୟୋଜନ କରିପାରିଲେ ଦେଶର ଉନ୍ନତି ହେବ ନଚେତ ଋଣ ଓ ସୁଧର ଅଙ୍କ କଷା ମଧ୍ୟରେ ଆମେ ସମସ୍ତେ ହଜିଯିବା।

ଅଭିଲେଖାଧିକାରୀ,ଜାତୀୟ ଅଭିଲେଖାଗାର,
ୟୁନିଟ-୪, ଭୁବନେଶ୍ୱର
ମୋ-୯୯୩୭୩୪୫୯୦୦

# କାହିଁକି କହିବି ମୁଁ ଶତାବ୍ଦୀର ଶ୍ରେଷ୍ଠ



ମୀରା ବେଉରା

ଥରେ ଜଣେ ବେପାରୀ ବେପାର କରିବା ପାଇଁ ଜେରୁଜେଲମ୍‌ରୁ ଜେରିକୋକୁ ଯାଉଥିଲା। ଦୁର୍ଭାଗ୍ୟବଶତଃ ସେ ଚୋର ଖଣ୍ଟଙ୍କ ହାବୁଡ଼ରେ ପଡ଼ିଗଲା। ସେମାନେ ତାକୁ ମରଣାନ୍ତକ ଆକ୍ରମଣ କରି ସବୁଧନ ଛଡ଼ାଇନେଇ ଦରମଲା ଅବସ୍ଥାରେ ଛାଡ଼ି ଚାଲିଗଲେ। ସେଇବାଟ ଦେଇ ଜଣେ ପାଦ୍ରୀ ଶିଷ୍ୟମାନଙ୍କୁ ନେଇ ଗଲେ ଓ ପୁଣି ସେହିବାଟେ ଜଣେ ଜମିଦାର ତାଙ୍କର ଲୋକମାନଙ୍କ ସହ ଗଲେ। ସମସ୍ତେ ସେହି ଦରମଲା ବେପାରୀକୁ ଦେଖି ମଧ୍ୟ ନ ଦେଖିଲାପରି ନିଜ ନିଜ ବାଟରେ ଚାଲିଗଲେ। କିନ୍ତୁ ଜଣେ ବେପାରୀ ଗଧପିଠିରେ ବସି ସେହି ବାଟ ଦେଇ ହାଟକୁ ଯାଉଥିବା ସମୟରେ ଦରମଲା ବେପାରୀକୁ ଦେଖି ତାକୁ ନିକଟସ୍ଥ ପାନ୍ଥଶାଳାକୁ ଆଣିଲେ। ପାନ୍ଥଶାଳାର ମାଲିକଙ୍କୁ କିଛି ଟଙ୍କା ଦେଇ ତା'ର ଯତ୍ନ ନେବା ପାଇଁ କହିଗଲେ ଏବଂ ହାଟରୁ ଫେରି ସୁସ୍ଥ ହୋଇଯାଇଥିବା ସେହି ଲୋକକୁ ନେଇ ତା' ଗ୍ରାମରେ ଛାଡ଼ି ଦେଇ ମାନବିକତାର ପରିଚୟ ଦେଲେ। ଏହି ଗପ କହିବାର ତାତ୍ପର୍ଯ୍ୟ ହେଉଛି, ଅନେକ ସମୟରେ ଏହି ମଣିଷ ମନରେ ବହୁତ ଅହଂକାର ଆସିଥାଏ। ମାନବିକତାଠାରୁ ସେ ଦୂରେଇଯାଏ, ଯାହା ଦେଖିବାକୁ ମିଳିଲା ପାଦ୍ରୀ ଓ ଜମିଦାରଙ୍କ ଠାରେ।

ପ୍ରକୃତରେ ଆଜିର ମଣିଷ କେତେ ସ୍ୱାର୍ଥପର ହୋଇଯାଇଛି। ପ୍ରାଗ୍ ଐତିହାସିକ ଯୁଗରୁ ଆଦିମ ମାନବରୁ ଆସି ଯନ୍ତ୍ରମଣିଷ ପାଲଟି ଯାଇଛି। ସେଦିନ ବରଂ ଭଲଥିଲା, ସେ ବଣରୁ ଫଳମୂଳ ଖାଇ ଗଛର ବଲ୍‌କଳ ପିନ୍ଧି ପର୍ବତ ଗୁମ୍ଫାରେ ବାସ କରୁଥିଲା, ନିଆଁର ବ୍ୟବହାର ମଧ୍ୟ ତାକୁ ଜଣା ନ ଥିଲା। ଧୀରେ ଧୀରେ ନିଆଁର ବ୍ୟବହାର ଶିଖି ଆଜି ଉନ୍ନତିର ଶିଢ଼ି ଚଢ଼ି ନିଜର ସୁରକ୍ଷା ପାଇଁ ଆଟମ୍ ବମ୍ ନିର୍ମାଣ କରୁଛି। ମାଟି ମନସ୍କ, ପ୍ରକୃତି ମନସ୍କ, ପଶୁପକ୍ଷୀ ମନସ୍କ, ମଣିଷ ମନସ୍କ ହୋଇଥିବା ମଣିଷଟି ଆଜି ହଠାତ୍ ହିଂସ୍ର ଜନ୍ତୁଠାରୁ ମଧ୍ୟ ଆହୁରି ଭୟଙ୍କର ହୋଇଯାଇଛି। ଦିନେ ମଣିଷ ବଣରୁ ପଶୁପକ୍ଷୀଙ୍କ ଦୌରାତ୍ମ୍ୟରୁ ନିଜକୁ ସୁରକ୍ଷା ଦେବାପାଇଁ ଦଳବଦ୍ଧ ବା ଗୋଷ୍ଠୀଗତ ଜୀବନ ବଞ୍ଚୁଥିଲା। ପ୍ରକୃତିର କୋଳରେ ଆଶ୍ରୟ ନେଉଥିଲା । ପ୍ରକୃତି ହିଁ ଥିଲା ତା'ର ବନ୍ଧୁ। ସେହି ପ୍ରକୃତିକୁ ପୂଜାକରି ଅପାର ଆନନ୍ଦ ଲାଭ କରୁଥିଲା। ସେହି ମଣିଷ ଆଜି ଅନେକ ବଦଳି ଯାଇଛି। ବଣର ପଶୁପକ୍ଷୀଙ୍କୁ ସେ ଇତସ୍ତତ କରିଦେଇଛି। ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ, ଐଶ୍ୱର୍ଯ୍ୟ ପାଇଁ ପ୍ରକୃତିକୁ ଧ୍ୱଂସ କରିବାରେ ଲାଗିଛି। ସବୁ ପାଇଛି ତଥାପି ତା' ମନରେ ଅନେକ ଦୁଃଖ, ବିଷାଦ, ବିଷଣ୍ଣତାର କଳାବାଦଲ ଛାଇ ହୋଇଯାଇଛି, ଯେଉଁଠୁ ସେ ମୁକୁଳି ପାରୁନି ଅନେକ ଚେଷ୍ଟା ସତ୍ତ୍ୱେ । ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଯେଉଁ ମଣିଷ ଦିନେ ଚନ୍ଦ୍ରପୃଷ୍ଠକୁ ଚନ୍ଦ୍ରାୟଣ ପ୍ରେରଣ କରିପାରୁଛି, ମଙ୍ଗଳ ଗ୍ରହରେ ଜୀବନ ସମ୍ଭବ କି ନା ଅନୁସନ୍ଧାନ ଚଳାଇ ରଖୁଛି, ନିଜର ସୁରକ୍ଷା ପାଇଁ ଅନେକ ମାରଣାସ୍ତ୍ର ନିର୍ମାଣ କରିପାରୁଛି, ସେହି ଲୋକ ଗୋଟିଏ ପରିବାର, ଗୋଟିଏ ଛାତତଳେ ଥିବା ଲୋକକୁ ଆନ୍ତରିକତାର ସହିତ ଭଲପାଇ ପାରୁନ। ତା'ର ବିଶ୍ୱାସରେ ନିତି ଭୂମିକମ୍ପ ସୃଷ୍ଟି ହେଉଛି। ସେ ନିଜକୁ ମଧ୍ୟ ଭରସି ପାରୁନି। ଅହରହ ପ୍ରଶ୍ନ କରୁଛି ନିଜକୁ 'କୋ ଅହମ୍..କୋ ଅହମ୍.. ମୁଁ କିଏ ?' ଏ ପୃଥିବୀକୁ ଏ ସମାଜକୁ ମୋର ଆସିବାର ଅଭିପ୍ରାୟ କ'ଣ ? ଆଜି ମଣିଷ ଚନ୍ଦ୍ରପୃଷ୍ଠରେ ବସତି ସ୍ଥାପନ ପାଇଁ ଅନୁସନ୍ଧାନ ପ୍ରୟାସ ଜାରି ରଖିଥିବା ସତ୍ତ୍ୱେ ନିଜ ପଡ଼ୋଶୀ ପାଖରେ ପହଞ୍ଚି ପାରୁନି। ମନ୍ଦିରରେ ଯାଇ ଘଣ୍ଟାଘଣ୍ଟା ପୂଜା କରିପାରୁଛି, ଉପବାସ ବ୍ରତ କରୁଛି ଅଥଚ ପଡ଼ୋଶୀ ଅସହାୟ ଅବସ୍ଥାରେ ଥିଲେ ତାଙ୍କ ମୁହଁରେ ହସ ଟିକିଏ ଆଙ୍କି ପାରୁନି, ସାହାଯ୍ୟ ସହଯୋଗ ତ ଦୂର କଥା ସତରେ ଆମେ କେମିତିକା ମଣିଷ ?

ହଜାର ହଜାର ମାଇଲ ଅତିକ୍ରମ କରି ଅନେକ ଅର୍ଥ ଖର୍ଚ୍ଚକରି ମନ୍ଦିର, ମସଜିଦ୍, ଗୁରୁଦ୍ୱାର, ଚର୍ଚ୍ଚକୁ ଯାଇ ମେଳି କରି ଏକାଠି ହୋଇ ପୂଜାର୍ଚ୍ଚନା କରିପାରୁଛି, ଅଥଚ ମୋ ପାଖ ପଡ଼ୋଶୀ ଯଦି ଭୟଙ୍କର ରୋଗର ଶିକାର ହୋଇ ମୃତ୍ୟୁବରଣ କରୁଛି ମୁଁ ତାକୁ ଚାରୋଟି କାନ୍ଧ ଯୋଗାଇ ପାରୁନି। ତା'ର ପରିବାରକୁ ସମବେଦନା ଜଣାଇବାରେ ମଧ୍ୟ କାର୍ପଣ୍ୟ ବୋଧ କରୁଛି। ମୋ ଭିତରେ ମାନବିକତା, ସମ୍ବେଦନଶୀଳତା, ସ୍ନେହ, ଭଲପାଇବା, ଦୟା, କ୍ଷମା ଧୀରେ ଧୀରେ ହଜି ହଜି ଯାଉଛି ମୋ ଅଜାଣତରେ। ଆଉ ମୁଁ ଦିନକୁ ଦିନ ହିଂସ୍ର ହୋଇ କପଟ, ଛଳନା, ବ୍ୟଭିଚାର, ହତ୍ୟା, ଲୁଣ୍ଠନ, ଯୁଦ୍ଧଖୋର ମନୋବୃତ୍ତି, ଆଧିପତ୍ୟ ମନୋବୃତ୍ତିକୁ ମୋ ଭିତରେ ବୃଦ୍ଧି କରାଇ ତାକୁ ଆପଣେଇ ନେଇଛି। ଆରିଷ୍ଟଟଲଙ୍କ ବାଣୀ, 'ମଣିଷ: ଗୋଟିଏ ସାମାଜିକ ପ୍ରାଣୀ' ଏହାକୁ ମୁଁ ମିଥ୍ୟା ବୋଲି କେବେଠୁ ମୋ ଜୀବନଚର୍ଯ୍ୟାରେ ପ୍ରମାଣିତ କରିସାରିଛି। ଆଉ ମୋ ଭିତରେ ଥିବା ମଣିଷ ପଣିଆଟେ ମୋତେ ନିଇତି ପଚାରୁଛି ମୁଁ ମଣିଷ କେତେ ସଇତାନ କେତେ ? ମୁଁ କେବେ ଥିଲି ମଣିଷ, ହେଲେ ବର୍ତ୍ତମାନ ମୋ'ଠାରୁ ଆଉ ସ୍ୱାର୍ଥପର ମଣିଷ କେହି ନ ଥିବେ।

ଦିନେ ଦିବାଲୋକରେ ଆମେରିକାର ଦାର୍ଶନିକ ଡିଓଜିନ୍‌ସ ଲଣ୍ଠନଟିଏ ଧରି ଖୋଜୁଥିଲେ ଏଇ ମଣିଷକୁ। ହେଲେ, ଆଜି ସେହି ମଣିଷ କାହାନ୍ତି। ସେଦିନ ସେ ସ୍ୱଷ୍ଟ ଦିବାଲୋକରେ ଖୋଜୁଥିବା ମଣିଷ ସବୁ ଗଲେ କୁଆଡ଼େ ? ଯୁଗ ବଦଳିଛି, ସମୟ ବଦଳିଛି, କିନ୍ତୁ ମଣିଷର ସେହି ମଣିଷପଣିଆଟା ଲୁଚିଯାଉଛି। ସେ ଆଦିମ ମାନବରୁ ଆଜି ଯନ୍ତ୍ର ମଣିଷ ପାଲଟିଥିଲେ ମଧ୍ୟ ଚେତନଶୀଳ ହୋଇପାରୁନି। ତା' ଭିତରେ ଈର୍ଷା, ହିଂସା, ପରଶ୍ରୀକାତରତା ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ସେ କାହାକୁ ଆପଣାର କରିପାରୁନି। ସମସ୍ତଙ୍କୁ ଘୃଣା ଓ ସନ୍ଦେହ ଦୃଷ୍ଟିରେ ଦେଖୁଛି। କାହାକୁ ଦେଖିଲେ ମନ ଖୋଲି ହସି ପାରୁନି, କାହାକୁ କୋଳାଗ୍ରତ କରିପାରୁନି। ସେ ନିଜକୁ ମଧ୍ୟ ଭଲପାଇ ପାରୁନି। ଦିନକୁ ଦିନ ସ୍ୱାର୍ଥପର ହୋଇ ସମଗ୍ର ବିଶ୍ୱକୁ ଧ୍ୱଂସ କରିବାକୁ ପଛାଉନାହିଁ। ଯଦି ମୁଁ ଶ୍ରେଷ୍ଠପ୍ରାଣୀ ମଣିଷ ହୋଇ କାହାର ଦୁଃଖରେ ଦୁଃଖୀ କାହାର ସୁଖରେ ସୁଖୀ ହୋଇପାରିଲିନି, କାହା ମୁହଁରେ ହସ ଟିକିଏ ଆଙ୍କି ପାରିଲିନି ତେବେ ମୁଁ କାହିଁକି କହିବି ଶତାବ୍ଦୀର ଶ୍ରେଷ୍ଠପ୍ରାଣୀ ମଣିଷ ବୋଲି। ନିଜକୁ ଭଲପାଇବା ସହ ଯଦି ଆମେ ଆମ ସମାଜ, ଆମ ରାଷ୍ଟ୍ର ଏବଂ ସମଗ୍ର ବିଶ୍ୱକୁ ଭଲପାଇପାରିବା 'ବସୁଧୈବକୁଟୁମ୍ବକମ୍' ନୀତିରେ, ଆଉ ଏ ପୃଥିବୀକୁ ଆସିବାର ଅଭିପ୍ରାୟକୁ ଖୋଜିବା ତେବେ ଆମେ ହେବା ଶତାବ୍ଦୀର ଶ୍ରେଷ୍ଠ ମଣିଷ, ଦିବ୍ୟ ମାନବ ଏବଂ ଆମ ଜୀବନ ହେବ ସାର୍ଥକ ଜୀବନ।

ରଘୁନାଥଜିଉ ମହାବିଦ୍ୟାଳୟ, ଦେଉଳସାହି,
କଟକ, ମୋ:୯୮୫୩୩୫୦୩୮୪

## ଏଇ ଭାରତରେ

ନିଷ୍ଠାପର ତଥା ନିରବଚ୍ଛିନ୍ନ ପ୍ରୟାସରେ ସମାଜର ବିକାଶ ସମ୍ଭବ, ଯାହା କରିଛନ୍ତି ମହାରାଷ୍ଟ୍ରର ଚଇତରାମ ପାୱାର। ସେ ଗୋଟିଏ ଗାଁକୁ ସମ୍ପୂର୍ଣ୍ଣ 'ସୋଲାର ଗାଁ' କରିପାରିଛନ୍ତି। ଏଥିପାଇଁ ଚଇତରାମଙ୍କୁ ଲାଗିଯାଇଛି ୧୫ ବର୍ଷ। ଧୁଲେ ସହରଠାରୁ ୧୦୦ କି.ମି. ଦୂରରେ ଅବସ୍ଥିତ ଏହ ଆଦିବାସୀ ଗାଁର ଲୋକସଂଖ୍ୟା ୧୦୦୦। ଏବେ ଗାଁର ସମସ୍ତଙ୍କ ଘରେ କୁକର୍‌ଠାରୁ ଆରମ୍ଭ କରି ସୋଲାର୍ ଲାଇଟ ବ୍ୟବସ୍ଥା ରହିଛି। ସୋଲାର ପମ୍ପ ବି ଚାଲୁଛି ସୌର ଶକ୍ତିରେ। ଏହି ଦୁର୍ଗମ ଗାଁରେ ପୂର୍ବରୁ ଦିନକୁ ୧୨ ଘଣ୍ଟା ପାୱାର କଟ୍ ହେଉଥିଲା। ଏହାଦ୍ୱାରା କୃଷି ବାଧାପ୍ରାପ୍ତ ହେଉଥିଲା। ତେବେ ସୋଲାର ପମ୍ପ ସୌର ଶକ୍ତିରେ ଚାଲୁଥିବାରୁ ଜଳସେଚନ ସମସ୍ୟା ଦୂର ହୋଇପାରିଛି। ଚଇତରାମ ଦୀର୍ଘ ୩୦ ବର୍ଷ ହେବ ନିଜକୁ ସମାଜସେବାରେ ଜଡିତ ରଖିଛନ୍ତି। ପାରମ୍ପରିକ ଶକ୍ତିର ବିକାଶ ଉପରେ ସେ ଅଧିକ ଗୁରୁତ୍ୱ ଦେଉଛନ୍ତି। ବନବାସୀ କଲ୍ୟାଣ ଆଶ୍ରମ ସଂଗଠନ ମାଧ୍ୟମରେ ସେ ଏହି କାର୍ଯ୍ୟକୁ ସଂଚାଳନ କରୁଛନ୍ତି। ଏହି କାର୍ଯ୍ୟ ଲାଗି ପ୍ରଧାନମନ୍ତ୍ରୀଙ୍କଠାରୁ 'ରୁରାଲ ଆଚିଭର' ପୁରସ୍କାର ଗ୍ରହଣ କରିଛନ୍ତି। କୃଷି , ଜଳ ସଂରକ୍ଷଣ, ବନୀକରଣ ପାଇଁ ବି ବିଭିନ୍ନ ଅଭିଯାନ ଚଳାଉଛନ୍ତି। ଏବେ ପାଖାପାଖି ଗାଁଗୁଡ଼ିକ ବାରିପଦା ଭଳି ସୋଲାର ଗାଁ ହେବା ଲାଗି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ଅକ୍ଟୋବର ୧୯୯୫**

- ଦୁର୍ନୀତି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ନାଟୋର ସେକ୍ରେଟାରୀ ଜେନେରାଲ ୱିଲି କ୍ଲେସ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।
- ଏଲ୍‌ଟିଟିଇ ଉଗ୍ରପନ୍ଥୀ କଲମ୍ବୋର ମୁଖ୍ୟ ତୈଳ ଭଣ୍ଡାର ଜାଳିଦେବା ସହ ଗୁଳି ମାରି ୨୦ ଜଣ ଜଗୁଆଳି ସୈନ୍ୟଙ୍କୁ ହତ୍ୟା କରିଛନ୍ତି।

## ଚିରନ୍ତନୀ

ତା' ବ୍ୟଥାରେ ବଥାଏ ଯେ
ମୋର ପ୍ରାଣ ମନ
ବାରତା ତାହାର ଚୁମ୍ବେ
ଅଧର ନୟନ। -(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୀତିରେ କେହି ଅପରାଜେୟ ନୁହନ୍ତି

ମହାଶୟ,

ଭାରତର ରାଜନୈତିକ ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏଠାରେ ଅତୀତରେ ଅନୁଷ୍ଠିତ ହୋଇଥିବା ନିର୍ବାଚନଗୁଡ଼ିକରେ ବହୁ ରଥୀ ମହାରଥୀ ଓ ପ୍ରଭାବଶାଳୀ ନେତାଙ୍କୁ ପରାଜୟ ବରଣ କରିବାକୁ ପଡ଼ିଛି। ଅନେକ ଦୃଢ଼ ଓ ସ୍ଥିର ସରକାରଗୁଡିକର ମଧ୍ୟ ପତନ ଘଟିଛି । ଭାରତର ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକର ଦୁଇଥର ଲୋକ ସଭା ନିର୍ବାଚନରେ ପରାଜିତ ହୋଇଥିଲେ। ଇନ୍ଦିରା ଗାନ୍ଧୀ ଓ ଅଟଳ ବିହାରୀ ବାଜପେୟୀଙ୍କ ପରି ଲୋକପ୍ରିୟ ଓ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଥିଲା। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଲୋକପ୍ରିୟ ଜନନାୟକ ବିଜୁ ପଟ୍ଟନାୟକ ମଧ୍ୟ ବିଧାନସଭା ନିର୍ବାଚନରେ ଏକାଥରେ ୪ଟି ଆସନରୁ ଲଢ଼ି ସବୁ ସ୍ଥାନରେ ପରାଜିତ ହୋଇଥିଲେ। ପଶ୍ଚିମବଙ୍ଗ, ତ୍ରିପୁରା, ଦିଲ୍ଲୀ ଓ ସିକିମ୍ ପରି କେତେକ ରାଜ୍ୟରେ ୧୫ରୁ ୨୫ ବର୍ଷ ପର୍ଯ୍ୟନ୍ତ କ୍ଷମତାରେ ରହିଥିବା ଦୃଢ଼ ଓ ସ୍ଥିର ସରକାରଙ୍କର ପତନ ଘଟିଛି। ୧୯୮୪ ନିର୍ବାଚନରେ କଂଗ୍ରେସ ଦଳ ୪୨୬ ଲୋକ ସଭା ଆସନରୁ ଜିତି ସର୍ବକାଳୀନ ରେକର୍ଡ ସ୍ଥାପନ କରିଥିବା ସତ୍ତ୍ୱେ ୨୦୧୪ ଲୋକ ସଭା ନିର୍ବାଚନରେ ଏହି ଦଳର ଆସନ ସଂଖ୍ୟା ୪୪କୁ ଖସି ଆସିଥିଲା। ୧୯୮୪ ଲୋକ ସଭା ନିର୍ବାଚନରେ ୨ଟି ଆସନରେ ଜିତିଥିବା ଭାଜପା ୨୦୧୯ ନିର୍ବାଚନରେ ଏକାକୀ ୩୦୩ ଆସନରେ ଜିତି ସରକାର ଗଢ଼ି ପାରିଲା। ଏଣୁ ପରିବର୍ତ୍ତନଶୀଳ ରାଜନୀତିରେ କେହି ଅପରାଜେୟ ନୁହନ୍ତି। କେହି ଯଦି ନିଜକୁ ଅପରାଜେୟ ବୋଲି ଭାବୁଥାନ୍ତି, ତାହା ସମ୍ପୂର୍ଣ୍ଣ ଭୁଲ୍ ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି,
ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଦୁର୍ଘଟଣାରେ ଯୁବକ ମୃତ

ଅତାବିରା,(ଡି.ଏନ.ଏ):-ବରଗଡ଼ ଜିଲା ଗୋଡ଼ଭଗା-ତୁରୁମ ରାସ୍ତାର ଗୋଡ଼ଭଗା ପୋଲିସ ଫାଣ୍ଡି ନିକଟରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ଏକ ବୋଲେରୋ (ନଂ.ଓଡ଼ି୦୩/୨୯୬୩) ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଅତାବିରା ଥାନା ପୁଟପୁଟପାଲିର ସୁଦାମ ଚୌଧୁରୀ(୨୩)। ଗୋଡ଼ଭଗା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି ।



## ସଂକ୍ଷେପରେ

### ମନ୍ତ୍ରୀଙ୍କୁ ନିବେଦନ ପରେ ରାଶନକାର୍ଡ ମିଳିଲା

ଜୁନାଗଡ,୨୦।୧୦(ଡି.ଏନ୍.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ୍ ଆଟିଗାଁର ଜ୍ୟୋତ୍ସ୍ନା ଦୀପ ନାମ୍ନୀ ଜଣେ ମହିଳାଙ୍କୁ ଜୁନାଗଡ ବିଧାୟକ ତଥା ରାଜ୍ୟ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ରାଶନ କାର୍ଡ ବ୍ୟବସ୍ଥା କରାଇଛନ୍ତି। ଗରିବ ଶ୍ରେଣୀର ଏହି ମହିଳା ଜଣକ ରାଶନ କାର୍ଡ ନ ଥିବାରୁ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହେଉଥିବା ହ୍ୱାଟ୍ସଆପ୍ ମାଧ୍ୟମରେ ମନ୍ତ୍ରୀଙ୍କୁ ଅଭିଯୋଗ କରିବା ସହ ରାଶନ କାର୍ଡଟିଏ ପାଇଁ ନିବେଦନ କରିଥିଲେ। ମନ୍ତ୍ରୀ ମିଶ୍ର ଏହା ଜାଣିବା ପରେ ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରିବା ସହ ରାଶନ କାର୍ଡର ବ୍ୟବସ୍ଥା କରାଇଛନ୍ତି। ମଙ୍ଗଳବାର ଜ୍ୟୋତ୍ସ୍ନାଙ୍କ ସ୍ୱାମୀ ଜିତେନ୍ଦ୍ର ଦୀପ ଚାଉଳ ପାଇଛନ୍ତି।

### ବୈଜୟନ୍ତ ପଣ୍ଡାଙ୍କ କୁଶପୁତ୍ତଳିକା ଦାହ

ଭବାନୀପାଟଣା,୨୦।୧୦(ଡି.ଏନ୍.ଏ.): ବୈଜୟନ୍ତ ପଣ୍ଡା ଓଡ଼ିଶାକୁ ପାକିସ୍ତାନ ସହ ତୁଳନା କରିବା ଘଟଣାକୁ ନେଇ ମଙ୍ଗଳବାର ପ୍ରୋଗ୍ରେସିଭ ୟୁଥ ଅଫ୍ କଳାହାଣ୍ଡି ସଙ୍ଗଠନ ତରଫରୁ ସ୍ଥାନୀୟ ଗାନ୍ଧୀ ଛକଠାରେ ତାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ସୋସିଆଲ ମିଡିଆରେ ସେ ଦେଇଥିବା ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ ଏବଂ ଏଥିପ୍ରତି ସର୍ବସାଧାରଣରେ ସେ କ୍ଷମା ମାଗନ୍ତୁ ବୋଲି ପ୍ରୋଗ୍ରେସିଭ ୟୁଥ୍ ଅଫ୍ କଳାହାଣ୍ଡି ପକ୍ଷରୁ ଦାବି କରାଯାଇଛି। ଏଥିରେ ସଙ୍ଗଠନ ସାଧାରଣ ସମ୍ପାଦକ ରୋମାଞ୍ଚଳ ମେହେର, ବଂଶୀଧର ସେଠୀ, ଚମାର ଗୋପାଲ, ରଫିକ୍ ନାଏକ ସାମିଲ ହୋଇଥିଲେ।

### ରେଢାଖୋଲରେ ଜିଲା ପ୍ରଶାସନର ସମୀକ୍ଷା ବୈଠକ

ରେଢାଖୋଲ,୨୦।୧୦ (ଡି.ଏନ.ଏ.) ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ସଭାଗୃହଠାରେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଗ୍ରାମୀଣ ଗୃହ ନିର୍ମାଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଓଡିଶା ଜୀବିକା ମିଶନର କାର୍ଯ୍ୟକାରିତା ଓ ଅଗ୍ରଗତି ନେଇ ଏଥିରେ ସମୀକ୍ଷା ହୋଇଛି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜକ ଶୋଭିତ କୁମାର ବିଶି, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରଞ୍ଜିତା ସାହୁ, ଡିପିଏମ୍ ପୁଷ୍ପଶ୍ରୀ ନାୟକ ପ୍ରମୁଖ ଯୋଗ ଦେଇ ସମୀକ୍ଷା କରିଥିଲେ। ବୈଠକରେ ଉପଜିଲାପାଳ ପଦ୍ମନାଭ ବେହେରା, ବିଡିଓ ପରିକ୍ଷିତ ସାହୁ, ବିଡିଓ ବିବେକାନନ୍ଦ ସାହୁ, ଜିପିଓ ପଞ୍ଚାନନ ବେହେରା, ଏପିଓ ଗୋପାଲ ପଟେଲ ଉପସ୍ଥିତ ରହି ରେଢାଖୋଲ ଉପଖଣ୍ଡରେ ଚାଲିଥିବା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ।

### ନାବାଳିକାଙ୍କୁ ବଳାତ୍କାର

ବୌଦ୍ଧ.୨୦।୧୦(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଞ୍ଚଳରେ ଜଣେ ନାବାଳିକା(୧୧)ଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ଗତ ରବିବାର ସକାଳ ୯ଟାରେ ନାବାଳିକା ଜଣକ ଗ୍ରାମ ନିକଟସ୍ଥ ନାଳକୁ ଗାଧୋଇବା ପାଇଁ ଯାଇଥିଲେ । ଏହି ସମୟରେ ଦୁଇଜଣ ଯୁବକ ନାବାଳିକାଙ୍କୁ ଟେକି ନେଇ ବଳାତ୍କାର କରିଥିଲେ । ଏପରି କି ତାଙ୍କୁ ମାଡ ମାରିବା ସହ କାହାକୁ କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ନେଇ ମଙ୍ଗଳବାର ନାବାଳିକାଙ୍କ ମାଆ ହରଭଙ୍ଗା ଥାନାରେ ଅଭିଯୋଗ କରିଛନ୍ତି । ୧୨୯/୨୦ରେ ମାମଲା ରୁଜୁ ହୋଇଛି ।

# ଚାଷୀ ଘେରିଲେ ଜିଲାପାଳ ଅଫିସ

ବରଗଡ଼ ଅଫିସ୍,୨୦।୧୦



ଜିଲାପାଳଙ୍କ ଅଫିସ ଆଗରେ ଚାଷୀଙ୍କ ବିକ୍ଷୋଭ ।

ବରଗଡ଼ ଜିଲାରେ ଗତ ୨୦୧୯-୨୦ ରବିଋତୁରେ କୁଆପଥର ବୃଷ୍ଟି (କରାମାଡ଼) ଯୋଗୁ ବ୍ୟାପକ ଫସଲକ୍ଷତି ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଫସଲକ୍ଷତିର ଇନ୍‌ପୁଟ ସବ୍‌ସିଡ଼ି ତଥା କ୍ଷତିପୂରଣ ସହାୟତା ମିଳିପାରି ନାହିଁ। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହାର ପ୍ରତିବାଦରେ ମଙ୍ଗଳବାର ଜିଲାର ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ପ୍ରଦୀପ କୁମାର ନନ୍ଦ ସ୍ମାରକପତ୍ର ଗ୍ରହଣ କରିଥିଲେ ।

ସୂଚନା ଅନୁଯାୟୀ, ୨୦୧୯-୨୦ ରବିଋତୁରେ ଜିଲାର ଗାଇସୀମା, ତୁମଗାଁ, ଖଣ୍ଡହଥା, ଖୁଣ୍ଟପାଲି, କୁମ୍ଭାରୀ, ରେମତା, ଜୁଲଟ୍, ବାଗବାଡ଼ି, ତୋରା, ଅଡ଼ଗାଁ, କନବାର, ତାଳଶ୍ରୀଗିଡ଼ା, କୁରୁଆଁ ଆଦି ପଞ୍ଚାୟତ ଅଞ୍ଚଳରେ କରାମାଡ଼ ହୋଇଥିଲା। ଏଥିରେ ସମ୍ପୃକ୍ତ ଅଞ୍ଚଳର ଧାନ ସମେତ ବିଭିନ୍ନ ଫସଲ ନଷ୍ଟ ହୋଇ ଯାଇଥିଲା। ସେତେବେଳେ ଜିଲାର ବିଭାଗୀୟ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରିଥିଲେ ଏବଂ ଜିଲା ମନିଟରିଂ କମିଟି ତଦ୍ ସଂକ୍ରାନ୍ତୀୟ ଆକଳନ ରିପୋର୍ଟ ସମ୍ପୃକ୍ତ ବିଭାଗକୁ ପଠାଇଥିଲେ। ତେବେ ସରକାରଙ୍କ ନିୟମାନୁସାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଅମଳ ଋତୁ ଭିତରେ ଇନପୁଟ୍ ସବ୍‌ସିଡ଼ି ପ୍ରଦାନ କରିବା କଥା। କିନ୍ତୁ ଇତିମଧ୍ୟରେ ଗତ ରବି ଫସଲକୁ ୫ମାସ ବିତିଯାଇ ଖରିଫ ଫସଲ ଶେଷ ହେବାକୁ ଆଉ କିଛିଦିନ ଥିଲେ ସୁଦ୍ଧା କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡ଼ି ଦିଆଯାଇନି। ବର୍ତ୍ତମାନ କରୋନା ସଙ୍କଟ ସମୟରେ ଚାଷୀଙ୍କ ପ୍ରତି ସରକାରଙ୍କ ଅଣଦେଖାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଚାଷୀନେତା ଲିଙ୍ଗରାଜ, ଶିବ ପ୍ରସାଦ ପ୍ରଧାନ, ସୁଶୀଲ କୁମାର ସାହୁ, ହର ବଣିଆ, ରମେଶ ମହାପାତ୍ର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ଆଖି ବୁଜିଲେ କରୋନା ଆକ୍ରାନ୍ତ ଖଡିଆଳ ଏନ୍‌ଏସି ଇଓ

ଖଡିଆଳ, ୨୦।୧୦



କରୋନା ଆକ୍ରାନ୍ତ ନୂଆପଡ଼ା ଜିଲା ଖଡିଆଳ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ)ପ୍ରଫୁଲ୍ଲ କୁମାର ସାହୁଙ୍କ ଭୁବନେଶ୍ୱରସ୍ଥିତ ଏକ କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଛି। ମାସେ ତଳେ ସେ କରୋନା ପଜିଟିଭ ଚିହ୍ନଟ ହେବାପରେ ନୂଆପଡା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରୁ ସୁସ୍ଥ ହୋଇ ଘରକୁ ମଧ ଫେରିଥିଲେ। ହେଲେ କିଛି ଦିନପରେ ପୁଣିଥରେ ଅସୁସ୍ଥ ହୋଇଥିଲେ। ତାଙ୍କୁ ପ୍ରଥମେ ନୂଆପଡା ଏବଂ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା।

## ହାତୀ ଉପଦ୍ରବ, ଧାନ ଫସଲ ନଷ୍ଟ

ରିଆମାଳ, ୨୦।୧୦(ଡି.ଏନ.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକର ବିଭିନ୍ନ ସ୍ଥାନରେ ଗତ କିଛି ହେବ ହାତୀ ଉପଦ୍ରବ ଦେଖାଦେଇଛି। ହାତୀପଲ ଧାନ ଚାଷ ଜମିରେ ପଶି ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ପଲସମା ରେଞ୍ଜ ଅଞ୍ଚଳରୁ ଆସଥିବା ହାତୀପଲରେ ୪ଟି ଦନ୍ତା, ୧୪ ମାଈ, ୨ଟି ଛୁଆ ହାତୀଙ୍କୁ ମିଶାଇ ୨୦ଟି ହାତୀ ୨ ଭାଗ ହୋଇ ଉପଦ୍ରବ ଚଳାଇଛନ୍ତି। ସେମାନେ ବର୍ତ୍ତମାନ ମହାସିନ୍ଧୁ ଓ ଡେଙ୍ଗସର୍ଗୀ ଗ୍ରାମର ଚାଷୀଙ୍କ ଧାନ ଫସଲ ଉଜାଡୁ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମହାସିନ୍ଧୁ ଗ୍ରାମର ମିଲୁ ସାହୁ, ନରୋତ୍ତମ ସାହୁ, ଚୁନା ସାହୁ, ରଥି ମାଝିଆରି, ବସନ୍ତ ମାଝିଆର ଓ ଡେଙ୍ଗସର୍ଗୀ ଗ୍ରାମର କରୁଣା କିସାନ, ଗଣେଶ୍ୱର ଦେହୁରୀ, ଡାକ୍ତର ଦେହୁରୀ, ଯଯାତୀ ମାଝୀ, ଭବୁନି ସାହୁ ପ୍ରଭୃତି ଚାଷୀଙ୍କ ଧାନ ଜମି ପ୍ରଭୃତ କ୍ଷତି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି।

## ମାଓବାଦୀ ପରିଚୟ ଦେଇ ଅର୍ଥ ଦାବି, ୩ ଗିରଫ

ବରଗଡ଼ ଅଫିସ୍/ପଦ୍ମପୁର,୨୦।୧୦

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଅଞ୍ଚଳରେ ମାଓବାଦୀ ପରିଚୟ ଦେଇ ଅର୍ଥଦାବି କରୁଥିବା ବେଳେ ପୋଲିସ ୩ଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଜାମପାଲି (ଚଣ୍ଡିଭଟା) ଗ୍ରାମର ଆକାଶ ବାଗ(୨୫), ଜଟେଶିରାର ସାନନ୍ଦ ସାହୁ(୨୫) ଏବଂ ଦିପେଶ ପ୍ରଧାନ(୨୦) । ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପଦ୍ମପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି । ଏ ନେଇ ଜଗଦଲପୁର ଥାନାରେ ଏକ ମାମଲା (ନଂ.୧୩୮/୨୦) ରୁଜୁ ହୋଇଛି। ପ୍ରକାଶ ଯେ, ଗତ ୧୩ତାରିଖରେ ଉକ୍ତ ଯୁବକମାନେ ନିଜକୁ ମାଓବାଦୀ ପରିଚୟ ଦେଇ ଲଉଡ଼ିଦର୍ହା ପ୍ୟାକ୍ସ ସମ୍ପାଦକ ରାଧେଶ୍ୟାମ ଖର୍ସେଲଙ୍କୁ ଫୋନ ଯୋଗେ ୫୦ହଜାର ଟଙ୍କା ଦେବାକୁ କହିଥିଲେ। ଟଙ୍କା ନ ଦେଲେ ମୁଣ୍ଡକାଟ୍ ହେବ ବୋଲି ମଧ୍ୟ ତାଙ୍କୁ ସେମାନେ ଧମକ ଦେଇଥିଲେ। ଏହାପରେ ପ୍ୟାକ୍ସ ସମ୍ପାଦକ ଖର୍ସେଲ ଜଗଦଲପୁର ଥାନାରେ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା ।



ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

## ୪୮ଘଣ୍ଟା ପରେ ମୃତଦେହ ମିଳିଲା

ନୂଆପଡା ଅଫିସ,୨୦।୧୦: ନୂଆପଡା ଜିଲାର ଦର୍ଶନୀୟ ସ୍ଥାନ ଗୋଧସ ଜଳପ୍ରପାତରେ ଜଣେ ଯୁବକ ଡେଇଁବାର ୨ ଦିନ ପରେ ଅଗ୍ନିଶମ ବିଭାଗ ଏବଂ ପୋଲିସର ମିଳିତ ଟିମ୍ ତାଙ୍କ ମୃତଦେହ ଉଦ୍ଧାର କରିଛି। ଏ ସଂକ୍ରାନ୍ତରେ ଧରମବନ୍ଧା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ରବିବାର ପଡୋଶୀ ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲାର ୧୦ଜଣ ଯୁବକ ଗୋଧସକୁ ଭୋଜି କରିବାକୁ ଆସିଥିଲେ। ମହେଶ ନାଗ (୨୫)ନ ଯୁବକ ସାଙ୍ଗମାନଙ୍କ ବାରଣ ସତ୍ତ୍ୱେ ୫ଶହ ଫୁଟ ଉଚ୍ଚରୁ ଡେଇଁଥିଲେ। ଖୋଜାଖୋଜି କରି ନ ପାଇବାରୁ ପୋଲିସକୁ ସାଙ୍ଗମାନେ ଜଣାଇଥିଲେ। ଧରମବନ୍ଧା ପୋଲିସ ଅଗ୍ନିଶମ ବିଭାଗ ସହାୟତାରେ ମୃତଦେହ ଉଦ୍ଧାର କରିଛି। ଯୁବକ ଜଣକ ଟିଟିଲାଗଡ ଥାନା ସେଗେନାମୁଣ୍ଡା ଗାଁର ବୋଲି ଜଣାପଡିଛି। ମୃତଦେହ ବ୍ୟବଚ୍ଛେଦ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦିଲୀପ କୁମାର ଲାକ୍ରା ସୂଚନା ଦେଇଛନ୍ତି। ବେନିଆଧସରେ ଖସିପଡିଥିବା ଅନ୍ୟ ଜଣେ ଯୁବକଙ୍କ ପତ୍ତା ମିଳିନି ବୋଲି ସବ୍‌ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ବିଶ୍ୱାଳ କହିଛନ୍ତି।


APPOINTMENT
A Construction Company needs District wise **MARKETING EXECUTIVES / AGENTS** for Building Construction Project Work.
**Call: 9777251369**

Multinational Company Requires Marketing Executive
Qualification- +2, Graduate or MBA. Experience between the Age from 19 years to 35 years preferred Ladies with sound health communication skills. Salary 10,000 to 30,000 PM for deserving candidate those interest Contact this Number & bring along with 2 passport size photo & Documents.
Jaydev Vihar - 9777544388

REQUIRED
Data Entry Operator
ଓଡିଶାରେ ଥିବା ସମସ୍ତ ଜିଲ୍ଲାରେ ଲେବର ଓ ଏଜୁକେଶନ ଡିର୍ପାଟମେଣ୍ଟ ରେ କଣ୍ଟ୍ରାକ୍ଚୁଆଲ, ଡାଟାଏଣ୍ଟ୍ରି ଅପରେଟର ଆବଶ୍ୟକତା ଅଛି ।
Qualification : +3 and Basic Computer, Word, Excel ରେ knowledge ଥିବା ଆବଶ୍ୟକ ।
9178912298, 9040666007

Recruitment for the Post of LIC Agent as an Insurance Advisor.
Join India's No.1 - LIC of India
Sushree Sangeeta Nayak (DO LIC)
Contact: 9337286709, 7653067426

ଅଣକୁଶଳୀ ଶ୍ରମିକ/ ହେଲ୍‌ପର ଆବଶ୍ୟକ
ବୟସ 20ରୁ 40 ବର୍ଷ - କାରଖାନା ଚେନ୍ନାଇରେ। ଦରମା 13000 (12 ଘଣ୍ଟିଆ ଶିଫ୍ଟ) । ମାଗଣା ରହିବା ସୁବିଧା ଓ ରିହାତିଯୁକ୍ତ ଭୋଜନ । ଚାକିରିରେ ଯୋଗ ଦେବାର 5 ଦିନ ପରେ 2ୟ ଶ୍ରେଣୀ ଟ୍ରେନ୍ ଟିକେଟ୍ ପଇସା ଫେରସ୍ତ କରିଦିଆଯିବ। ଅନ୍ୟ କୌଣସି ପରିବହନ ଖର୍ଚ୍ଚ ଦିଆଯିବ ନାହିଁ। ବାହାରିବା ଦିନ ଓ ଚେନ୍ନାଇରେ ପହଞ୍ଚିବା ପରେ 7708780455, 9940102896, 9790915809 କିମ୍ବା 9345585977 ରେ କଲ୍ କରନ୍ତୁ । ଚେନ୍ନାଇରୁ କାରଖାନା ପର୍ଯ୍ୟନ୍ତ ଆଣିବା ବ୍ୟବସ୍ଥା କରାଯିବ। ଦରମା ପ୍ରତି ପନ୍ଦର ଦିନରେ ଦିଆଯିବ।

ଆବଶ୍ୟକ
Bridge କାମ ପାଇଁ Experienced ଇଞ୍ଜିନିୟର, ସୁପରଭାଇଜର, ସାଇଟ୍ ଇନ୍‌ଚାର୍ଜ, ଷ୍ଟୋରକିପର, ଆକାଉଣ୍ଟାଣ୍ଟ, ରୋଷେୟା, ଇଲେକ୍ଟ୍ରିସିଆନ୍, ମେଶିନାରି ମ୍ୟାନେଜର ଏବଂ ଅଫିସିଆଲି ଷ୍ଟାଫ୍ ଆବଶ୍ୟକ ।
Ph.No.- 9937199625
9937786969

OFFICE OF THE CHAIRMAN, P.G. COUNCIL
SHRI JAGANNATH SANSKRIT VISHVAVIDYALAYA
Shri Vihar, Puri - 3, Odisha
No. 2142/PGC Dt.20.10.2020
ADMISSION NOTICE
(Extension Date)
In Continuation of the Admission Notice No. 2111/PGC Dt.30.09.2020, the last date of receipt of application forms for admission into various P.G. Courses is extended by Dt.05.11.2020 at 4.30 P.M. For details see the website i.e. **www.sjsv.nic.in**.
Sd./- Chairman, P.G. Council


## ବିନାଭକ୍ତରେ ପୂଜା ପାଇବେ ମା' ପାଟଖଣ୍ଡା

ଦେଓଗାଁ,୨୦।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ପରିସରରେ ଦଶହରା ପୂଜା ପରିଚାଳନାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂଜା କମିଟି, ସଚେତନ ନାଗରିକଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ଥାନା ଅଧିକାରୀ ରଞ୍ଜନ କୁମାର ବରିହା ବୈଠକର ସଂଯୋଜନା କରିଥିଲେ । ଚଳିତ ବର୍ଷ କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ପାର୍ବଣ ପାଳନ ପାଇଁ ବ୍ଲକର ୪୦ ପୂଜା କମିଟି ସଭାପତି ଓ କମିଟି କର୍ମକର୍ତ୍ତାଙ୍କୁ ଆହ୍ୱାନ କରାଯାଇଥିଲା । ସେହିପରି ଜରାସିଂହାରେ ହେବାକୁ ଥିବା ପାଟଖଣ୍ଡା ଯାତ୍ରା ମଧ୍ୟ ଏଥର ବିନାଭକ୍ତରେ ଅନୁଷ୍ଠିତ କରିବା ପାଇଁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଜରାସିଂହା ବିଏନ୍‌ଏଏ ଓ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା ହୋଇଥିବା ସୂଚନା ଦେଇଛନ୍ତି ଥାନାଧିକାରୀ । କେବଳ କେତେଜଣ ଦେହୁରି ଉପସ୍ଥିତ ରହି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିବେ। ଭକ୍ତମାନେ ନିଜ ଘର ସାମ୍ନାରେ ରହି ପାଟସିନ୍ଦୂରକୁ ସ୍ୱାଗତ କରିବେ। ପଶୁବଳି ସମ୍ପୂର୍ଣ୍ଣଭାବେ ନିଷେଧ କରାଯାଇଥିବା ସୂଚନା ଦିଆଯାଇଛି। ବୈଠକରେ ଏଏସ୍‌ଆଇ ବିଚିତ୍ରାନନ୍ଦ ପଧାନ, ବନ୍ଧପଡା ଫାଣ୍ଡି ଅଧିକାରୀ କମଳ ଲୋଚନ ମାଝି, ମେନ୍‌ରୋଡ ଦୁର୍ଗାପୂଜା କମିଟି ସଭାପତି ବିଶ୍ୱଜିତ ପାତ୍ର, କୁତୁର୍ଲା ସରପଞ୍ଚ ବଡ ପଧାନ, ବଡବନ୍ଧ ସରପଞ୍ଚ ଧ୍ରୁବଲେ ରାଉତ, ବିକାଶ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ ।


ODISHA ADARSHA VIDYALAYA SANGATHAN
N-1/9, NAYAPALLI, PO.- SAINIK SCHOOL, BHUBANESWAR - 751005
INDICATIVE ADVERTISEMENT NO. 01/2020
Recruitment to the posts of Principal and other Teaching posts in the Odisha Adarsha Vidyalaya Sangathan in the State of Odisha
**No. n-26:-** Odisha Adarsha Vidyalaya Sangathan (OAVs), under the School & Mass Education Department, Government of Odisha invites Online Applications from the prospective candidates for filling-up 737 posts of Principals and other Teaching posts of different disciplines in OAVs by direct recruitment. Interested candidates are required to apply online through website **www.oav.edu.in** at the link available on this website. The candidates should ensure that he/she fulfils the eligibility criteria and other terms & conditions stipulated in the detailed modalities before applying online for the posts. No other means / modes of submission of application will be accepted. Interested applicants are advised to visit the website regularly for futher instructions/ notice/ updates in this regard. The link will be activated on 22.10.2020 in the OAVS website.
**Sd./- State Project Director, OAVS**
OIPR-27029/11/0001/2021

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ କ୍ଷେତ୍ରରେ ଦୟାକରି ଲଗ୍‌ଇନ୍ କରନ୍ତୁ http://cgrs.ibps.in/
**ଅଂଶଗ୍ରହଣକାରୀ ସଂଗଠନଗୁଡ଼ିକରେ ୨୦୨୦-୨୧ର ଖାଲିପଦବୀଗୁଡ଼ିକରେ କ୍ଲର୍କ (ସିଆର୍‌ପି କ୍ଲର୍କ-X), ପ୍ରୋବେସନାରୀ ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନି (ସିଆର୍‌ପି ପିଓ/ଏମ୍‌ଟି-X) ତଥା ସିଆର୍‌ପି- ଆର୍‌ଆର୍‌ବିଏସ୍- IX ଅଧୀନରେ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକରେ ଅଫିସର୍ସ ସ୍କେଲ୍ । ଓ ଅଫିସ୍ ଆସିଷ୍ଟାଣ୍ଟ (ମଲ୍ଟିପର୍ପୋଜ୍) ପଦବୀରେ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା**
ଯଥାକ୍ରମେ ତା୦୧।୦୯।୨୦୨୦, ୦୪।୦୮।୨୦୨୦ ଏବଂ ୦୧।୦୭।୨୦୨୦ରିଖର ବିସ୍ତୃତ ବିଜ୍ଞାପନ କ୍ରମରେ ଏହି ପରିପୂରକ ବିଜ୍ଞାପନ ପ୍ରକାଶ କରାଯାଇ ସିଆର୍‌ପି-ପିଏସ୍‌ବି-X ଅଧୀନରେ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କରେ କ୍ଲରିକାଲ୍ କ୍ୟାଡର୍ ଓ ପ୍ରୋବେସନାରୀ ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନି ପଦବୀ ପାଇଁ ଅନ୍‌ଲାଇନ୍ ପରୀକ୍ଷା ଓ ସିଆର୍‌ପି- ଆର୍‌ଆର୍‌ବିଏସ୍-IX ଅଧୀନରେ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକରେ ଅଫିସର୍ ସ୍କେଲ୍ । ଏବଂ ଅଫିସ୍ ଆସିଷ୍ଟାଣ୍ଟ (ମଲ୍ଟିପର୍ପୋଜ୍) ପଦବୀ ନିମନ୍ତେ ଅନ୍‌ଲାଇନ୍ ପ୍ରିଲିମିନାରୀ ପରୀକ୍ଷା ଲାଗି ପଞ୍ଜୀକରଣ ୱିଣ୍ଡୋକୁ ଖୋଲିବା ଏବଂ ଦରଖାସ୍ତ ଆମନ୍ତ୍ରଣ କରିବା ପାଇଁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଷ୍ପତ୍ତି ନିଆଯାଇଛି । ପରିପୂରକ ବିଜ୍ଞାପନ ସଂକ୍ରାନ୍ତୀୟ ବିବରଣୀ ଆଇବିପିଏସ୍‌ର ପ୍ରାଧିକୃତ ୱେବ୍‌ସାଇଟ୍‌ରେ ଉପଲବ୍ଧ ।
ଯୋଗ୍ୟତା ମାନଦଣ୍ଡରେ କରାଯାଇଥିବା ଏକମାତ୍ର ପରିବର୍ତ୍ତନ ହେଉଛି, ଶିକ୍ଷାଗତ ଯୋଗ୍ୟତା ହାସଲ କରିବାର ଶେଷ ତାରିଖ ।
ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ପାଇଁ, ପ୍ରାର୍ଥୀମାନଙ୍କୁ ତା୦୧।୦୯।୨୦୨୦ରିଖ ସିଆର୍‌ପି କ୍ଲର୍କସ୍-X, ତା୦୪।୦୮।୨୦୨୦ରିଖର ସିଆର୍‌ପି ପିଓ/ଏମ୍‌ଟି-X ଏବଂ ତା୦୧।୦୭।୨୦୨୦ରିଖର ସିଆର୍‌ପି ଆର୍‌ଆର୍‌ବିଏସ୍- IXର ବିସ୍ତୃତ ବିଜ୍ଞାପନ ଦେଖିବା ପାଇଁ ଅନୁରୋଧ କରାଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ, ବିସ୍ତୃତ ଅଧିସୂଚନାକୁ ପଢ଼ିବା ଓ ସେଥିରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ବିବରଣୀ ତଥା ସଦ୍ୟତମ ସୂଚନା ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୨୧।୧୦।୨୦୨୦ — ନିର୍ଦ୍ଦେଶକ


## ଭିଜିଲାନ୍ସ ଜାଲରେ ପ୍ରାଣୀ ଚିକିତ୍ସକ

ସୋନପୁର/ଅମରପାଲି,୨୦।୧୦ (ନି.ପ୍ର./ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ସୁବଳୟା ପ୍ରାଣୀ ଚିକିତ୍ସା କେନ୍ଦ୍ରର ଚିକିତ୍ସକ ପ୍ରିୟବ୍ରତ ବେହେରାଙ୍କୁ ଭିଜିଲାନ୍ସ ଟିମ୍ ମଙ୍ଗଳବାର ଗିରଫ କରିଛି । ଡା. ବେହେରା ବୀରମହାରାଜପୁର ବ୍ଲକ ବଡଖମାର ଗ୍ରାମର ଗୋ ଚାଷୀ ଲକ୍ଷ୍ମଣ ମହାକୁଡଙ୍କ ଠାରୁ ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରା ପଡିଛନ୍ତି। ବେହେରାଙ୍କୁ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି। ପ୍ରକାଶ ଯେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମୋ ଗୁହାଳ ହିତାଧିକାରୀ ହେବା ପାଇଁ ଲକ୍ଷ୍ମଣ ବୀରମହାରାଜପୁର ବିଡିଓଙ୍କ ନିକଟରେ ଆବେଦନ କରିଥିଲେ । ଲକ୍ଷ୍ମଣଙ୍କର ଗୋରୁ ଅଛନ୍ତି କି ନାହିଁ ଯାଞ୍ଚ କରି ଯୋଗ୍ୟତା ପ୍ରମାଣ ପତ୍ର ଦେବା ପାଇଁ ବିଡିଓ ସୁବଳୟା ପ୍ରାଣୀ ଚିକିତ୍ସକଙ୍କୁ ଚିଠି କରିଥିଲେ । ତେବେ ପ୍ରାଣୀ ଚିକିତ୍ସାକେନ୍ଦ୍ରର ଡା. ବେହେରା ଏହି ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏ ନେଇ ଲକ୍ଷ୍ମଣ ସୁବର୍ଣ୍ଣପୁର ଭିଜିଲାନ୍ସ ବିଭାଗ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ପୂର୍ବ ଯୋଜନା ଅନୁସାରେ ମଙ୍ଗଳବାର ଲାଞ୍ଚ ଟଙ୍କା ଦେବା ପାଇଁ ଲକ୍ଷ୍ମଣ ଯାଇଥିଲେ । ବେହେରା ଲାଞ୍ଚ ଟଙ୍କା ଗ୍ରହଣ କରିବା ପରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ନେଇଥିଲା। ତାଙ୍କ ନିକଟରୁ ରାସାୟନିକ ପ୍ରଲେପ ଥିବା ୫ ହଜାର ଟଙ୍କା ଜବତ କରାଯାଇଛି । ଏହି ଘଟଣାରେ ସମ୍ବଲପୁର ଭିଜିଲାନ୍ସ ପି ଏସ୍ ନଂ ୨୭/୨୦ରେ ଏକ ମାମଲା ରୁଜୁ ହୋଇଛି । ବଲାଙ୍ଗୀର ଭିଜିଲାନ୍ସ ଡିଏସପି କାଦମ୍ବିନୀ ସାମଲ, ସମ୍ବଲପୁର ଡିଏସପି ଦାଶରଥୀ ସେଠୀ, ଇନ୍ସପେକ୍ଟର ସଦାନନ୍ଦ ପାଣି ଓ ତୁଷାରକାନ୍ତି ପାତ୍ର ଚଢାଉରେ ସାମିଲ ଥିଲେ ।


ODISHA STATE MEDICAL CORPORATION LIMITED
(A Government of Odisha Undertaking)
Office: Convent Square, In front of Ram Mandir, Bhubaneswar – 751001, Odisha
Website: www.osmcl.nic.in, e-mail: rec.osmcl@nic.in
ADVERTISEMENT FOR RECRUITMENT
No. 03 /OSMCL/HR/2020 Date: 19.10.2020
No. CAD-622: Odisha State Medical Corporation Ltd. (OSMCL), Bhubaneswar invites online applications from eligible candidates for filling up the following vacant posts of the Corporation. For details of the post like scale of pay, eligibility criteria selection modalities, general instructions / information, guideline for filling up of the online application form, mode etc., the applicants may visit the **"online recruitment"** section of OSMCL website - **www.osmcl.nic.in**.

| Sl. No. | Name of the Post | Total Nos. of Posts | Reservation Category | Scale of Pay (Pay Band) & Grade Pay |
|---|---|---|---|---|
| 1 | Asst. Manager – IT | 1 | UR - 1 | As per ORSP 2017: Rs 44,900/-, Level: 10 |
| 2 | Asst. Manager – Procurement (D & S) | 2 | UR - 1, ST - 1 | As per ORSP 2017: Rs 44,900/-, Level: 10 |
| 3 | Asst. Manager – Procurement (Equipment) | 2 | UR - 1, ST - 1 | As per ORSP 2017: Rs 44,900/-, Level: 10 |
| 4 | Asst. Manager – QA | 1 | UR - 1 | As per ORSP 2017: Rs 44,900/-, Level: 10 |
| 5 | Biomedical Engineer | 7 | UR - 3 (W-1) ST - 3 (W-1) SC - 1 | As per ORSP 2017: Rs 56,100/-, Level: 12 |

Interested applicants must fill up the online application form and upload the supporting documents in the "Online Recruitment" section of OSMCL website **www.osmcl.nic.in**. Submission of online application forms will close on **16.11.2020, 11.59 PM.**
After filling up of the online application form, applicants must download the application forms, sign the same and send them along with the supporting self-attested documents **only by Speed Post / Registered Post** to the following address:
**Odisha State Medical Corporation Ltd., In front of Ram Mandir, Convent Square, Bhubaneswar, Odisha-751001 on or before 27.11.2020, 5:30 PM.**
**Last date of receipt of applications and documents by speed post / registered post is 27.11.2020, 5:30 P.M**. Any application received by Speed Post / Registered Post after **27.11.2020, 5.30 P.M**. will be rejected.
Envelopes must be superscribed with the name of the post applied for along with the applicant's application number.
**Sd./- Managing Director, Odisha State Medical Corporation**
**OIPR-10112/11/0033/2021**

OFFICE OF THE TREASURY OFFICER
SPECIAL TREASURY NO.1, BHUBANESWAR
ADVERTISEMENT FOR ENGAGEMENT OF RETIRED GOVT EMPLOYEES AS O.S.D. IN THE OFFICE OF THE TREASURY OFFICER, SPECIAL TREASURY NO.I, BHUBANESWAR.
**No. S-16:-** Applications are invited by the undersigned from the interested retired **Senior Clerks/ Accountants** worked in the Treasury organisation, below the age of 65 years against whom neither any Departmental proceeding nor vigilance proceeding is pending, for engagement as O.S.D. in the vacant post in the office of the Treasury Officer, Special Treasury No.-I, Bhubaneswar for one year on monthly Remuneration of **Rs.13,000/-** (Rupees Thirteen thousand)only. The applicant is to submit the application along with the copies or testimonials in support of their **educational qualifications, date of birth, date of joining in Govt. Service, date of retirement, service records, present address and contact number by 9th Nov. 2020 through post/dropbox addressing to Treasury Officer, Special Treasury No.I, Bhubaneswar, Pin-751001.** The incomplete application or application received beyond stipulated date will be rejected without assigning any reason thereof.
The engagement is purely temporary and terminable at any time without assigning any reason thereof. The selection of suitable retired employee shall be made in accordance with provisions of **GA & PG Department Resolution No.23750/Gen dtd.27/08/2014.**
**Sd./- By order of the Treasury Officer, Special Treasury No.I, Bhubaneswar**
OIPR-05007/11/0001/2021

## ୨୫ ଶାଳଗଣ୍ଡି ଜବତ: ୭ ଗିରଫ

**ବଲାଙ୍ଗୀର ଅଫିସ** -ବଲାଙ୍ଗୀର ରେଞ୍ଜର ଉପରଝର ଗ୍ରାମ୍ୟ ଜଙ୍ଗଲରୁ ଗଛ କାଟୁଥିବା ବେଳେ ବନବିଭାଗମଙ୍ଗଳବାର ଚଢ଼ାଉ କରି ୨୫ଟି ଶାଳଗଣ୍ଡି ଓ କରତ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବ୍ରାହ୍ମଣୀପାଲିର ଭରତ ବଗାର, ବିଶ୍ୱାମିତ୍ର ଉଦୁରକୁଲିଆ, ରାତୁ ଉଦୁରକୁଲିଆ ଓ ରେଙ୍ଗାଲି ଗ୍ରାମର ନୀଳମଣି ପଧାନ। ଜଙ୍ଗଲରେ ଗଛ କାଟି କରତରେ ସାଇଜ୍ କରୁଥିବା ନେଇ ଡିଏଫ୍ଓ ସମୀର ଶତପଥିଙ୍କୁ ଖବର ମିଳିବା ପରେ ସେ ବନବିଭାଗ ଟିମ୍‌କୁ ଚଢ଼ାଉ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ବନବିଭାଗ ଟିମ୍ ଫେରୁଥିବାବେଳେ ସାଇକେଲରେ କଟାଗଛ ନେଉଥିବା ଅନ୍ୟ ୩ ଜଣଙ୍କୁ ଗିରଫ କରାଯାଇଛି।

**ସଂକ୍ଷେପରେ**

## ଦୁର୍ବୃତ୍ତଙ୍କ ଆକ୍ରମଣରେ ବ୍ୟବସାୟୀ ଗୁରୁତର

**ଲୋଇସିଂହା,୨୦।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହାର ବ୍ୟବସାୟୀ ସଉରିଆ ଅଗ୍ରୱାଲଙ୍କୁ ୪ଜଣ ଦୁର୍ବୃତ୍ତ ମାଡ ମାରି ଲହୁଲୁହାଣ କରିଥିବା ମଙ୍ଗଳବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ବ୍ୟବସାୟୀଙ୍କ ଅଭିଯୋଗକୁ ଭିତ୍ତିକରି ଲୋଇସିଂହା ଥାନାରେ ଏକ ମାମଲା(ନଂ.୨୮୭/୨୦) ରୁଜୁ ହୋଇଛି। ଲୋଇସିଂହା ବସ୍‌ଷ୍ଟାଣ୍ଡ ତଥା ଥାନା ସମ୍ମୁଖରେ ବ୍ୟବସାୟୀ ଅଗ୍ରୱାଲଙ୍କ କିରାନା ହୋଲ୍‌ସେଲର ଦୋକାନ ରହିଛି । ସୋମବାର ରାତି ପ୍ରାୟ ୯ ଟାରେ ଦୋକାନ ବନ୍ଦ କରି ସେ ବାଇକରେ ଘରକୁ ଯାଉଥିଲେ । ବସ୍ତି ରାସ୍ତାର ତ୍ରିଶୂଳ ବନ୍ଧଠାରେ ପୂର୍ବରୁ ଛକି ରହିଥିବା ଦୁଇଟି ବାଇକରେ ୪ ଜଣ ଯୁବକ ତାଙ୍କୁ ଅଟକାଇ ଠେଙ୍ଗା ଓ ବାଡିରେ ଆକ୍ରମଣ କରିଥିଲେ। ପରେ ସେ ଧରିଥିବା କିରାନା ସାମଗ୍ରୀ ଭରା ଏକ ବ୍ୟାଗକୁ ଲୁଟେରାମାନେ ଛଡାଇ ନେଇ ଫେରାର ହୋଇଯାଇଥିଲେ । ହେଲେ ସେମାନେ ରାସ୍ତା ଦେଖି ନ ଥିବାରୁ ବାଟବଣା ହୋଇ ପନେସରା ଗାଁକୁ ପଶି ଯାଇ ସୋନପୁର ରାସ୍ତା ବିଷୟରେ ପଚାରୁଥିବାବେଳେ ଲୁହୁରାପାଲିଠାରେ ପିଛା କରୁଥିବା ଲୋକେ ଓ ପୋଲିସ ହାବୁଡରେ ପଡିଥିଲେ । ଧରା ପଡିଯିବା ଭୟରେ ସେମାନେ ବ୍ୟବହାର କରୁଥିବା ଡିସକଭର ବାଇକ ଓ ସ୍କୁଟି ଛାଡି ଜମିରେ ପଶି ଖସି ପଳାଇଥିଲେ। ପୋଲିସ ଲୁଟେରା ଛାଡି ଯାଇଥିବା ବାଇକୁ ଜବତ କରିଥିବା ଆଇଆଇସି ଲଳିତା ଲାକ୍ରା କହିଛନ୍ତି।

## ରନ୍ଧା ବାର୍ହା ମାଂସ ଜବତ, ୬ ଗିରଫ

**ଲାଠୋର, ୨୦।୧୦ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବନ ବଭାଗ ସୋମବାର ବିଳମ୍ବିତ ରାତିରେ ପତ୍ରାପାଲି ଗ୍ରାମରୁ ରନ୍ଧା ବାର୍ହା ମାଂସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ୬ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗୋସେଇଁ ବାଗ, ଲାବନ୍ୟ ଲିଟି, ମଦନ ଶଗଡିଆ, ହୃଦାନନ୍ଦ ଶଗଡିଆ, ବାମନ ଶଗଡିଆ, ରୂପଧର ଶଗଡିଆ। ଚଢାଉ ବେଳେ ୫ ଜଣ ଫେରାର ହୋଇ ଯାଇଥିବା ନେଇ ବନବିଭାଗ ସୂଚନା ଦେଇଛି। ପତ୍ରାପାଲି ଗ୍ରାମର ଗୋସେଇଁ ବାଗଙ୍କ ବିଲରେ ଏକ ବାର୍ହା କାଟି ୧୧ଜଣ ବ୍ୟକ୍ତି ମାଂସ ଭାଗ କରି ନିଜ ଘରକୁ ନେଇଥିବା ସୂଚନା ଲାଠୋର ବନାଞ୍ଚଳ ଅଧିକାରୀ ପ୍ରଭାତୀ ସେଠ କୌଣସି ସୂତ୍ରରୁ ଖବର ପାଇଥିଲେ। ଫରେଷ୍ଟର ନବକିଶୋର ଦାସଙ୍କ ସହ ପାରା ଷ୍ଟାଫ ଏବଂ ଟଙ୍କପାଣି ଗ୍ରାମରକ୍ଷୀଙ୍କ ସହ ସଦଳବଳେ ଗୋସେଇଁଙ୍କ ଘରେ ପହଞ୍ଚି ତଦନ୍ତ କରିଥିଲେ। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଉପରୋକ୍ତ ୫ଜଣଙ୍କୁ ଗିରଫ କରାଯାଇଥିଲା। ପରେ ଗିରଫ ଅଭିଯୁକ୍ତ ଘରେ ଚଢାଉ କରାଯାଇ ରନ୍ଧା ଯାଇଥିବା ପ୍ରାୟ ୪ କିଲୋ ବାର୍ହା ମାଂସ ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତମାନଙ୍କୁ ଲାଠୋର ବନ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରାଯାଉଛି। ପଚରାଉଚୁରା ସମୟରେ ଲାବନ୍ୟ ଶଗଡିଆଙ୍କ କପାବାଡିରେ ପଡିଥିବା ଏକ ମୃତ ବାର୍ହାକୁ ଆମେ ଗୋସେଇଁଙ୍କ ବିଲରେ କାଟି ମାଂସ ଭାଗବଣ୍ଟା କରିଥିବା କହିଛନ୍ତି। ତଦନ୍ତ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବା ବୋଲି ଲାଠୋର ରେଞ୍ଜର କହିଛନ୍ତି।

# ଆଇ ସ୍କାନ୍ ପ୍ରକ୍ରିୟାକୁ ଚାଷୀଙ୍କ ବିରୋଧ

- ଆନ୍ଦୋଳନ ପାଇଁ ଚେତାବନୀ
- ପରିବର୍ତ୍ତନ କର,ନ ହେଲେ ପ୍ରସ୍ତୁତ ରୁହ
- ମୁଖ୍ୟମନ୍ତ୍ରୀଙ୍କୁ ଚାଷୀ ସଙ୍ଗଠନର ଦାବିପତ୍ର

**ସମ୍ବଲପୁର,୨୦।୧୦(ବ୍ୟୁରୋ)**

ଗତ ରବି ଧାନ ସଂଗ୍ରହ ସମୟରେ କରୋନା ସଂକ୍ରମଣ ଭୟରେ ଚାଷୀମାନେ ଆଇସ୍କାନ ପ୍ରକ୍ରିୟାକୁ ବାଦ ଦେବାକୁ ଦାବି କରିଥିଲେ । ହେଲେ ସେ ସମୟରେ ସରକାର ବିଳମ୍ବ ହୋଇଯାଇଛି କହି ଚାଷୀମାନଙ୍କୁ ଭୁଆଁ ବୁଲାଇଥିଲେ । ଆଗକୁ ଖରିଫ ଧାନ ସଂଗ୍ରହ ହେବ । ଆଇସ୍କାନ ପ୍ରକ୍ରିୟାକୁ ପରିବର୍ତ୍ତନ କରାଯାଉ ନ ହେଲେ ଚାଷୀଙ୍କ ଆକ୍ରୋଶର ଶିକାର ହେବାକୁ ସରକାର ପ୍ରସ୍ତୁତ ରହନ୍ତୁ। ଯଦି ଦାବି ପୂରଣ ନ ହୁଏ ଚାଷୀମାନେ ଆଇନ ଅମାନ୍ୟ ଆନ୍ଦୋଳନ କରିବେ ବୋଲି ଜିଲା କୃଷକ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କୃଷି, ଯୋଗାଣ, ସମବାୟ ବିଭାଗ ମନ୍ତ୍ରୀ, ସଚିବଙ୍କ ସମେତ ଜିଲାପ୍ରଶାସନକୁ ମଧ୍ୟ ଅବଗତ କରାଯାଇଛି ।

ଜିଲା ସଭାପତି ମୁରାରୀ ପ୍ରସାଦ ପୁରୋହିତଙ୍କ ସ୍ୱାକ୍ଷର ଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଧାନ ସଂଗ୍ରହ ପ୍ରକ୍ରିୟାରେ ଟିପଚିହ୍ନ ସହ ଚାଷୀଙ୍କ (ଆଇରିସ) ଆଇସ୍କେନର କରିବାର ନିୟମ ରହିଛି । ଆଇସ୍କେନ କଲେ କରୋନା ଭୂତାଣୁ ସଂକ୍ରମଣ ହେବାର ଭୟ ରହୁଛି । ଏବେ ରାଜ୍ୟରେ ପ୍ରାୟ ସ୍ଥାନରେ ଗୋଷ୍ଠୀ ସଂକ୍ରମଣ ବଢ଼ିଛି । ମାର୍କେଟରେ ଥିବା ଗୋଟିଏ ସ୍କାନ ମେଶିନ ବ୍ୟବହାର କରାଯାଇଥାଏ । ପ୍ରତ୍ୟେକ ଚାଷୀମାନଙ୍କ ଆଖିରେ ଲଗାଇ ତାହା ସ୍କେନ କରାଯିବ । ଯଦି କାହାକୁ କରୋନା ହୋଇଥାଏ ତା'ହେଲେ ତାହା ଅନ୍ୟ ଜଣକୁ ବ୍ୟାପିବାର ସମ୍ଭାବନା ରହିଛି। କରୋନା ଭୂତାଣୁ ଯେ କୌଣସି ବସ୍ତୁରେ ଅଧିକ ସମୟ ରହିପାରୁଛି । ଫଳରେ ଆଇସ୍କେନର ସୁପର ସ୍ପ୍ରେଡର ଭାବେ କାମ କରିବ । ଏଥିଯୋଗୁ ଚାଷୀଙ୍କ ଜୀବନ ପ୍ରତି ବିପଦ ରହୁଛି, ତେଣୁ ଏଦିଗରେ ପଦକ୍ଷେପ ଗ୍ରହଣ କରାଯାଉ। ରବି ଫସଲ ଜିଲାରେ ଅଳ୍ପ କେତେକ ସ୍ଥାନରେ ହୋଇଥାଏ । ହେଲେ ଖରିଫ ଫସଲ ଜିଲାର ସମସ୍ତ ବ୍ଲକରେ ହୋଇଛି । ଧାନ ସଂଗ୍ରହ ସମୟରେ ଚାଷୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ତେଣୁ ସରକାର ଆଗୁଆ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ କରୋନା ସଂକ୍ରମଣ ବଢ଼ିବାର ଆଶଙ୍କା ରହିଛି ବୋଲି ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି ।

## ଆଦିବାସୀ ପରିବାରକୁ ବାସନ୍ଦ ଅଭିଯୋଗ

**ବଲାଙ୍ଗୀର ଅଫିସ, ୨୦।୧୦: :** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧିନ ବିଁଅରପାଲି ଗାଁରେ ଦ୍ୱିତୀୟ ଥର ବିଞ୍ଝାଳ ଆଦିବାସୀ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି । ଗାଁର ଏକ ଆଦିବାସୀ ପରିବାରକୁ ଗୌନ୍ତିଆଙ୍କ ନିର୍ଦ୍ଦେଶରେ ଏପରି କରାଯାଇଥିବା ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ହୋଇଥିଲା । ଏ ନେଇ ଥାନାରେ ଅଭିଯୋଗ କରାଯାଇଥିଲା । ଏବେ ଦ୍ୱିତୀୟ ଥର ଏଭଳି ଅଭିଯୋଗ ଉଠିବା ପରେ ମଙ୍ଗଳବାର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଏ ନେଇ ଜିଲାପାଳ ଓ ଏସପିଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଗତ ୮ ଦିନ ହେଲା ଗାଁର ଆଦିବାସୀ ପରିବାରର ଯୁବକ କନ୍ଧ, ସ୍ୱତନ୍ତ୍ର କନ୍ଧ, ବିଦ୍ୟାଧର କନ୍ଧ, ଗଣତନ୍ତ୍ର କନ୍ଧ ଓ ତାଙ୍କ ପରିବାର ସଦସ୍ୟଙ୍କୁ ବାସନ୍ଦ କରାଯାଇଥିବା ଅଭିଯୋଗ କରାଯାଇଛି । ଏହି ଆଦିବାସୀ ପରିବାର ସହ ଗାଁର କୌଣସି ବ୍ୟକ୍ତି କଥାବାର୍ତ୍ତା ହେଲେ କିମ୍ବା ସମ୍ପର୍କ ରଖିଲେ ୧୦ ହଜାର ଟଙ୍କା ଜରିମାନା ଦେବାକୁ କୁହାଯାଇଥିବା ଅଭିଯୋଗ କରିଛନ୍ତି । ଏଭଳିକି ଆଦିବାସୀ ପରିବାରର ଯୁବକମାନଙ୍କ ସହ ଅନ୍ୟମାନେ ଫୁଟବଲ ଖେଳିବାକୁ ବାରଣ କରାଯାଇଥିବା ଅଭିଯୋଗ ହୋଇଛି। ଆଦିବାସୀ ପରିବାକୁ ସାମାଜିକ ବାସନ୍ଦ ଓ ଏକଘରକିଆ ଘଟଣାକୁ ନେଇ ଜିଲା ଆଦିବାସୀ ସଂଘ ସଭାପତି ବ୍ରଜ କିଶୋର ସିଂଭୋଇ, ଉପସଭାପତି ଶ୍ୟାମ ସୁନ୍ଦର ଭୋଇ, ଉପାଧ୍ୟକ୍ଷା ବନଲତା ମାଝି କ୍ଷୋଭ ପ୍ରକାଶ କରିବା ସହ ଏହି ଘଟଣାରେ ଜିଲାପାଳ ଏବଂ ଏସ୍‌ପି ହସ୍ତକ୍ଷେପ କରନ୍ତୁ ବୋଲି ଦାବି କରିଛନ୍ତି ।

## ତହସିଲ ଆଗରେ ଗ୍ରାମବାସୀଙ୍କ ବିକ୍ଷୋଭ



ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ଗୋଚର ଜମି ଜବରଦଖଲ ଉଚ୍ଛେଦ ଦାବି ଜୋର ଧରିଲା**

**ତରଭା,୨୦।୧୦(ଡି.ଏନ.ଏ.)**

ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ଦାବି କରି ତରଭା ବ୍ଲକ ପୁଆ ଗ୍ରାମବାସୀ ମଙ୍ଗଳବାର ତହସିଲ ଅଫିସ ସମ୍ମୁଖରେ ବଳଦେବ ବେଦବାକଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିରେ ଧର୍ମଲାଭ ମହାକୁର, ଅଶୋକଦାସ, ନୀଳମଣିପୂଜାହାରୀ, ସୂର୍ଯ୍ୟମଣି କର୍ଣ୍ଣଙ୍କ ସମେତ ଗ୍ରାମବାସୀ ସାମିଲ ଥିଲେ । ପରେ ତହସିଲଦାର ସୁବ୍ରତ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୁଆ ପଞ୍ଚାୟତରେ ଶତାଧିକ ଏକର ଗୋଚର ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। କେତେକ ଜମିରେ ନିର୍ମାଣ କାମ ହୋଇଛି। କଦଲୀପାଲି ଗ୍ରାମରେ ଏକ କମ୍ୟୁନିଟି ସେଣ୍ଟର ମଧ୍ୟ ନିର୍ମାଣ କରାଯାଇଛି । କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କର ଅଧିକ ପରିମାଣର ଜମି ଥାଇ ବି ଗୋଚର ଜମି ଅକ୍ତିଆର କରି ନିଜ ଅଧୀନରେ ରଖିଥିବା ଜଣାଯାଇଛି । ଯାହାକି ରାଜସ୍ୱ ବିଭାଗ ନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ବେଆଇନ । ଏ ନେଇ ପୁଆ ପଞ୍ଚାୟତବାସୀ ୨୦୧୭ ସେପ୍ଟେମ୍ବରରେ, ୨୦୨୦ ମାର୍ଚ୍ଚରେ ଏବଂ ଜୁଲାଇରେ ଧର୍ମଘଟ କରି ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କୁ ଅବଗତ କରାଇଥିଲେ। ଏହାପରେ ପ୍ରଶାସନିକ ଅଧିକାରୀମାନେ ଯାଇ ୧୫ଦିନ ମଧ୍ୟରେ ଜମି ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ମଙ୍ଗଳବାର ୫୦ ଜଣ ଗ୍ରାମବାସୀ କୋଭିଡ ନିୟମ ପାଳନ କରି ବିକ୍ଷୋଭ କରିବା ସହ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତହସିଲଦାର ବେହେରା ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭକାରୀମାନେ ଆନ୍ଦୋଳନରୁ ଓହରି ଯାଇଥିଲେ । ଯଦି ୧୫ ଦିନ ମଧ୍ୟରେ ଗୋଚର ଜମି ଜବରଦଖଲ ଉଚ୍ଛେଦ କରା ନ ଯାଏ ତାହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ବିକ୍ଷୋଭକାରୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

**ସମ୍ବଲପୁର,୨୦।୧୦(ବ୍ୟୁରୋ)**

ବିଭିନ୍ନ ଦାବି ନେଇ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ଜିଲାପାଳ, ମହାନଗର ନିଗମ କମିଶନର, ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ନିୟମିତ କରିବା, ୨୧ ହଜାରରୁ ଊର୍ଦ୍ଧ୍ୱ ଦରମା ପ୍ରଦାନ, ଅତିକମ୍‌ରେ ୧୦ହଜାର ଟଙ୍କା ପେନସନ ପ୍ରଦାନ କରିବା, ଅନ୍ୟ ରାଜ୍ୟରେ କରୋନା ଯୋଦ୍ଧାଙ୍କୁ ଯେଉଁଭଳି ସୁବିଧା ସୁଯୋଗ ଦିଆଯାଉଛି ତାହା ଲାଗୁ କରିବା , ଆଇସିଡିଏସକୁ ଘରୋଇ କରଣରୁ ବାଦ ଦେବା, ଅଙ୍ଗନୱାଡ଼ି କେନ୍ଦ୍ରରେ ଦିଆଯାଇଥିବା ଅଣ୍ଡା, ପନିପରିବା, ଡାଲି ଭଳି ସାମଗ୍ରୀର ଦର ବୃଦ୍ଧି କରିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା । ସଂଘ ଆବାହକ ପ୍ରଶାନ୍ତ ପାଢୀ, ସାଧାରଣ ସମ୍ପାଦିକା ପ୍ରଭାସିନୀ ପାଢୀ, ଜିଲା ସଭାନେତ୍ରୀ ଦୁସିଲା ଦୁରିଆ, କନକ ପ୍ରଧାନ, ଫଣୀ ରାଉଳ, ପ୍ରମିଳା ସିଂ, ଉର୍ମିଳା ବାଗ ପ୍ରମୁଖ ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ଉପସ୍ଥିତ ଥିଲେ ।

## ଆରଏସ୍‌ପି କର୍ମଚାରୀ ଆରଏସ୍‌ଏସ୍‌ରେ ମିଶିଲେ

**ରାଉରକେଲା ଅଫିସ,୨୦।୧୦:** ରାଉରକେଲା ଶ୍ରମିକ ସଂଘ(ଆର୍‌ଏସ୍‌ଏସ୍) ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବହୁ କନିଷ୍ଠ ଓ ବରିଷ୍ଠ ଆରଏସ୍‌ପି କର୍ମଚାରୀ ଏହି ସଂଗଠନରେ ଯୋଗ ଦେଇଛନ୍ତି। ଆଗକୁ ୟୁନିୟନ ନିର୍ବାଚନ ଥିବାବେଳେ ଏହା ସଂଗଠନ ମନୋବଳକୁ ସୁଦୃଢ଼ କରିଛି। ୟୁନିୟନ ଉପରେ ଭରସା ରଖି ନିସର୍ତ୍ତ ସମର୍ଥନ ଦେଇ ଏହି କର୍ମଚାରୀମାନେ ସାମିଲ ହୋଇଛନ୍ତି। ସଂଘରେ ମିଶିଥିବା କର୍ମଚାରୀମାନେ ହେଲେ ନରେଶ ମାନସିଂ, ନରେନ୍ଦ୍ର ନାୟକ, ପ୍ରତାପ ବାର୍ଲା, ରତନ ପୂର୍ତ୍ତି, ସୌଭାଗ୍ୟ ମିଶ୍ର, ଗଙ୍ଗାଧର ବେହେରା, ଆରଏନ ଯାଦବ, ଏସ୍‌କେ ପୁରୋହିତ, ଡି.କେ. ଦାସ, ପି.କେ. ଜେନା, ସଞ୍ଜୟ ମିଂଜ, ନରେନ୍ଦ୍ର ପାତ୍ର, ଏସ.କେ. ବେହେରା ଓ ଏସ.କେ. ସାହୁ। ୟୁନିୟନ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସଭାନେତ୍ରୀ ଡି.ଏସ. ପାନିକର, ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ମଣିଷ-ବନ୍ୟପ୍ରାଣୀ ସଂଘର୍ଷ: ଗଠନ ହେବ ଟାସ୍କଫୋର୍ସ

- ୬ ସପ୍ତାହରେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ଲାଗି ନିର୍ଦ୍ଦେଶ

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ମଣିଷ ଓ ବନ୍ୟପ୍ରାଣୀ ମଧ୍ୟରେ ସଂଘର୍ଷକୁ ହ୍ରାସ କରାଯିବା ଉଦ୍ଦେଶ୍ୟରେ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ଗଠନ କରାଯିବ। ଏ ନେଇ ମଙ୍ଗଳବାର ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି। ଏହି ଟାସ୍କଫୋର୍ସ ଆସନ୍ତା ୬ ସପ୍ତାହ ମଧ୍ୟରେ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିବ। ସରକାରଙ୍କ ବିଧିବଦ୍ଧ ମଞ୍ଜୁରୀ ମିଳିବା ପରେ ଏହି ମାଷ୍ଟରପ୍ଲାନ୍ ଅନୁଯାୟୀ ଅର୍ଥ ବରାଦ କରାଯିବ। ଏହାକୁ ବିନିଯୋଗ କରି ଆଗାମୀ ୩ବର୍ଷ ମଧ୍ୟରେ ମନୁଷ୍ୟ ଓ ବନ୍ୟପ୍ରାଣୀ ମଧ୍ୟରେ ସଂଘର୍ଷକୁ କମାଇବା ପାଇଁ ବହୁବିଧ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଆରୁଖ କହିଛନ୍ତି। ଏହି ରାଜ୍ୟସ୍ତରୀୟ ଟାସ୍କାଫୋର୍ସରେ ଅଧକ୍ଷଙ୍କୁ ମିଶାଇ ମୋଟ ୧୮ଜଣ ସଦସ୍ୟ ରହିବେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଓଡ଼ିଶା ଏହି ଟାସ୍କଫୋର୍ସର ଅଧକ୍ଷ ରହିବେ। ଦକ୍ଷିଣ-ପୂର୍ବ ରେଳପଥ, ପୂର୍ବତଟ ରେଳପଥର ପ୍ରତିନିଧି, ସେସୁ, ୱେସ୍କୋ, ନେସ୍କୋ ଏବଂ ସାଉଥ୍‌କୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଗଣ, ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀ (ରାସ୍ତା), ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଓଡ଼ିଶାର ମୁଖ୍ୟ ସାଧାରଣ ପରିଚାଳକ (ସିଜିଏମ୍(ଟି) ଆଣ୍ଡ ଆର୍‌ଓ), ଅନୁଗୋଳ, ରାଉରକେଲା, ଭୁବନେଶ୍ୱର ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ, ଓୟୁଏଟିର ଓଡ଼ିଶା ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟର ଅସ୍ତ୍ରୋପଚାର ଓ ରେଡିଓଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ଇନ୍ଦ୍ରମଣି ନାଥ, ଚନ୍ଦକା (ବନ୍ୟପ୍ରାଣୀ) ଡିଭିଜନ୍‌ର ଆଞ୍ଚଳିକ ବନଖଣ୍ଡ ଅଧିକାରୀ, ଅତିରିକ୍ତ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ), ପୂର୍ତ୍ତ ଏବଂ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଏହି ଟାସ୍କଫୋର୍ସର ସଦସ୍ୟ ରହିବେ। ଏହି କମିଟି ଚାହିଁଲେ ଅନ୍ୟ ଯେ କୌଣସି ବ୍ୟକ୍ତିଙ୍କୁ ଟାସ୍କଫୋର୍ସର ସଦସ୍ୟ ଭାବେ ନେଇପାରିବେ ଏବଂ ଯେ କୌଣସି ବ୍ୟକ୍ତି ବା ଅନୁଷ୍ଠାନର ପରାମର୍ଶ ମଧ୍ୟ ଲୋଡ଼ିପାରିବେ। ସୂଚନାଯୋଗ୍ୟ, ମନୁଷ୍ୟ ଓ ବନ୍ୟପ୍ରାଣୀ ସଂଘର୍ଷକୁ ଯଥାସମ୍ଭବ କମାଇବା ପାଇଁ ପଦକ୍ଷେପ ନେବା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇ ଆସୁଛନ୍ତି। କାମ୍ପା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଡିଏମ୍‌ଏଫ୍ ଆଦି ପାଣ୍ଠିରୁ ଏ ଦିଗରେ ଖର୍ଚ୍ଚ ହେଉଥିବା କାର୍ଯ୍ୟକ୍ରମ ଅଧିକ ଫଳପ୍ରଦ ହୋଇପାରିବ। ସେହିପରି ଟାସ୍କଫୋର୍ସ ପ୍ରସ୍ତୁତ ମାଷ୍ଟରପ୍ଲାନ୍ ଏ ସମ୍ବନ୍ଧୀୟ ପଦକ୍ଷେପ ପାଇଁ ଅର୍ଥ ବିନିଯୋଗ କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କୁହାଯାଇଛି।

## ଆକ୍ରମଣ, ଲୁଟ୍ ଘଟଣାରେ ୩ ଗିରଫ

**ବଲାଙ୍ଗୀର ଅଫିସ, ୨୦।୧୦**

ବଲାଙ୍ଗୀର ନିକଟ ଖୁଜେନପାଲି ରାସ୍ତାରେ ସଂଘଟିତ ଆକ୍ରମଣ ଓ ଲୁଟ୍ ଘଟଣାର ୩ଜଣଙ୍କୁ ସଦର ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୩ଟି ମୋବାଇଲ ଫୋନ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଜାଖମନ୍ ଗ୍ରାମର ଜ୍ୟେଷ୍ଠ ନାଗ(୨୫), ମେଘୁ ଓରଫ ସାରଥି ଜାଲ (୩୫) ଓ ରିଙ୍କୁ ଦୀପ (୨୧)। ଗତ ସେପ୍ଟେମ୍ବର ୨୦ ତାରିଖରେ ବଲାଙ୍ଗୀର କାମାକ୍ଷୀନଗରର ବରିଷ୍ଠ ନାଗରିକ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ ଓ ଯୁଗଳ କିଶୋର ଝା ଖୁଜେନ୍‌ପାଲି ଶିବମନ୍ଦିର ନିକଟରେ ନିର୍ମାଣାଧୀନ ଗାୟତ୍ରୀ ମନ୍ଦିର ତଦାରଖ କରିବା ପାଇଁ ଯାଇଥିଲେ । ସେଠାରୁ ଫେରୁଥିବାବେଳେ ତିନି ଅଭିଯୁକ୍ତ ଏକ ବାଇକ୍‌ରେ ଆସି ଆଚାର୍ଯ୍ୟ ଓ ଝାଙ୍କୁ ଆକ୍ରମଣ କରିଥିଲେ । ଉଭୟେ ବାଇକ୍‌ରୁ ପଡିଯିବା ପରେ ଅଭିଯୁକ୍ତମାନେ ସେମାନଙ୍କଠାରୁ ୩ଟି ମୋବାଇଲ ଓ ୧୫ ଶହ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା (ନଂ.୨୯୬/୨୦) ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ଉପରୋକ୍ତ ତିନିଜଣଙ୍କୁ ଗିରଫ କରିଛି । ସଦର ଥାନା ଆଇଆଇସି ତୋଫାନ ବାଗ୍ ଖବରଦାତା ସମ୍ମିଳନୀରେ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି ।

## ସୁବ୍ରତଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର

**ବୈଜ୍ଞାନିକଙ୍କୁ ସମ୍ମାନିତ କଲା ଓଡ଼ିଶା ବିଜ୍ଞାନ ଏକାଡେମୀ**

**ଭୁବନେଶ୍ୱର,୨୦।୧୦(ବ୍ୟୁରୋ)**

ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ୨୦୧୮ ମସିହା ଲାଗି ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ଲାଗି ପୁରସ୍କାର ପ୍ରଦାନ କରାଯାଇଛି। ଏହି ବର୍ଷ ଲାଗି ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ଡ. ସୁବ୍ରତ କୁମାର ଆଚାର୍ଯ୍ୟଙ୍କୁ ସମ୍ମାନଜନକ 'ବିଜୁ ପଟ୍ଟନାୟକ ପୁରସ୍କାର' ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ୨ଲକ୍ଷ ଟଙ୍କାର ଅର୍ଥରାଶି ସହ ପଦକ, ମାନପତ୍ର ଏବଂ ଉତ୍ତରୀୟ ପ୍ରଦାନ କରାଯାଇଛି। ଓର୍‌ସାକ୍ କମ୍ପ୍ଲେକ୍ସସ୍ଥିତ ଏଡୁସାଟ୍ ଷ୍ଟୁଡିଓରେ ମଙ୍ଗଳବାର ଏକାଡେମୀର ସଭାପତି ପ୍ରଫେସର ପ୍ରମୋଦ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବରେ ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର, ଓଡ଼ିଶା ଯୁବ ବୈଜ୍ଞାନିକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ। ଏହି ଅବସରରେ ପ୍ରଫେସର ଶଙ୍କର ପ୍ରସାଦ ପତି ଏବଂ ପ୍ରଫେସର ସୁଦର୍ଶନ ନନ୍ଦଙ୍କୁ ମାନପତ୍ର ଏବଂ ଉତ୍ତରୀୟ ଦେଇ ବରିଷ୍ଠ ବୈଜ୍ଞାନିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେହିଭଳି ୨୦୧୮ମସିହା ଲାଗି ଡା. ସଂଘମିତ୍ରା ପତି, ପ୍ରଫେସର ଡ. ପ୍ରମିଳା କୁମାରୀ ମିଶ୍ର, ପ୍ରଫେସର ଡ. ସଞ୍ଜୟ କୁମାର ଦାଶ ଏବଂ ଡ. ସ୍ୱରୂପ କୁମାର ପରିଡ଼ାଙ୍କୁ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ପ୍ରଦାନ କରାଯାଇଛି। ପୁରସ୍କାର ରାଶି ସ୍ୱରୂପ ପ୍ରତ୍ୟେକଙ୍କୁ ଏକ ଲକ୍ଷ ଟଙ୍କା, ପଦକ, ମାନପତ୍ର ଏବଂ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଡ. ସନ୍ଦୀପ କୁମାର ପଣ୍ଡା, ଡ, ସୁଧନ୍ୱା ପାତ୍ର, ଡ. ଶଙ୍କର୍ଷଣ ମହାପାତ୍ର ଏବଂ ଡ. କୌଶିକ ପରିଡ଼ାଙ୍କୁ 'ଓଡ଼ିଶା ଯୁବ ବୈଜ୍ଞାନିକ ପୁରସ୍କାର' ପ୍ରଦାନ କରାଯାଇଥିଲା। ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ସହ ମାନପତ୍ର ଏବଂ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସେହିପରି ଡ. ରାଜବଲ୍ଲଭ ମହାନ୍ତି ଏବଂ ଡ. ନରେନ୍ଦ୍ର ପ୍ରସାଦ ଦାସଙ୍କୁ 'ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁସ୍ତକ ପୁରସ୍କାର' ପ୍ରଦାନ କରାଯାଇଛି। ଏହି ଉତ୍ସବରେ ବିଜ୍ଞାନ ଓ ବୈଷୟିକ ବିଭାଗର ପ୍ରମୁଖ ଶାସନ ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

### ଜିଲ୍ଲାପାଳ କାର୍ଯ୍ୟାଳୟ, ସମ୍ବଲପୁର, ଓଡ଼ିଶା

ଇସ୍ତାହାର ସଂଖ୍ୟା: ୩୦୩ — ତାରିଖ: ୨୦।୧୦।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଅଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନଙ୍କୁ ଶିଶୁ କଲ୍ୟାଣ ସମିତି, ସମ୍ବଲପୁରର ନିର୍ଦ୍ଦେଶନାମା ଅନୁସାରେ ଶିଶୁଗୃହ ରୁକ୍ମଣୀଲାଠ ବାଳନିକେତନ, ଛଚାନପାଲି, ସମ୍ବଲପୁରରେ ସୁରକ୍ଷିତ ଭାବରେ ଥଇଥାନ କରାଯାଇଅଛି। ଉକ୍ତ ଶିଶୁମାନଙ୍କର ଯଦି କେହି ଜନ୍ମିତ ପିତାମାତା ତଥା ଆଇନଗତ ଅଭିଭାବକ ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶନ ହେବାର ୩୦ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର, ଫୋନ୍ ନମ୍ବର: ୦୬୬୩-୨୪୧୨୯୧୪, ଶିଶୁଗୃହ ପ୍ରବନ୍ଧକ, ରୁକ୍ମଣୀଲାଠ ବାଳନିକେତନ, ଛଚାନପାଲି, ସମ୍ବଲପୁର, ଫୋନ୍ ନମ୍ବର: ୮୮୪୭୮୩୨୦୫୫/୯୦୪୦୭୧୬୫୮୬ରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁମାନଙ୍କୁ ପୋଷ୍ୟ ସନ୍ତାନ ଅଧିନିୟମ ୨୦୧୭ ଅନୁଯାୟୀ ପୋଷ୍ୟ ଯୋଗ୍ୟ ବୋଲି ବିବେଚିତ କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | ବୟସ | ଉଦ୍ଧାର ସ୍ଥାନ | ବର୍ତ୍ତମାନ ଏହି ଶିଶୁମାନେ ରହୁଥିବା ଶିଶୁ ଯତ୍ନ ଅନୁଷ୍ଠାନର ନାମ | ଫଟୋ |
|---|---|---|---|---|---|---|
| ୧ | ଅଜଣା ଶିଶୁ କନ୍ୟା (ଭୂମି) | ଝିଅ | ୪ ସପ୍ତାହ | ଶିଶୁ ଝୁଲଣା କେନ୍ଦ୍ର, କୁଚିଣ୍ଡା ଉପଖଣ୍ଡ ହସ୍ପିଟାଲ, ଜିଲ୍ଲା: ସମ୍ବଲପୁର | ରୁକ୍ମିଣୀ ଲାଠ ବାଳନିକେତନ, ସମ୍ବଲପୁର |  |
| ୨ | ଅଜଣା ଶିଶୁ କନ୍ୟା (ପରିମିତା) | ଝିଅ | ୪ ସପ୍ତାହ | ଶିଶୁ ଝୁଲଣା କେନ୍ଦ୍ର, କୁଚିଣ୍ଡା ଉପଖଣ୍ଡ ହସ୍ପିଟାଲ, ଜିଲ୍ଲା: ସମ୍ବଲପୁର | ରୁକ୍ମିଣୀ ଲାଠ ବାଳନିକେତନ, ସମ୍ବଲପୁର |  |
| ୩ | ଅଜଣା ଶିଶୁ ପୁତ୍ର (ଅର୍ଣ୍ଣବ) | ପୁଅ | ୧ ସପ୍ତାହ | ଡଙ୍ଗାଯୋର ସାମ୍ନା ଶରତ ନାଏକ ଆମ୍ବ ବଗିଚା ପାଖ ଜଙ୍ଗଲରେ ଗ୍ରାମ: ବଳକିବାହାଲ, ପୋଷ୍ଟ: ଡଙ୍ଗାଯୋର, ଥାନା: ଗୋବିନ୍ଦପୁର, ଜିଲ୍ଲା: ସମ୍ବଲପୁର | ରୁକ୍ମିଣୀ ଲାଠ ବାଳନିକେତନ, ସମ୍ବଲପୁର |  |
| ୪ | ଅଜଣା ଶିଶୁ କନ୍ୟା (ଭୂମିସୁତା) | ଝିଅ | ୧ ସପ୍ତାହ | ଭାତୁପୁରା, ଥାନା: କୁଚିଣ୍ଡା, ଜିଲ୍ଲା: ସମ୍ବଲପୁର | ରୁକ୍ମିଣୀ ଲାଠ ବାଳନିକେତନ, ସମ୍ବଲପୁର |  |

By Order of the Collector, Sambalpur
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର

### ZILLA SWASTHYA SAMITI BALANGIR

(Department of Health & FW, Govt. of Odisha)

**Advt. No.: 3585** — **Date: 19.10.2020**

**No. E-315:-** Sealed tenders in prescribed format are invited from the registered Travel Agencies/Tour Operators/ Individuals/Private Organizations for providing vehicles on monthly hiring and on Tour basis for Office of the CDM & PHO, Balangir. Sealed tender documents should reach to the undersigned on or before **04.11.2020** till **5.00 P.M.**, by registered post/speed post/courier only. The tender documents received after the scheduled date & time and received without relevant documents will summarily be rejected. The details of tender documents are available in the district website (**www.balangir.nic.in**). The undersigned reserves the right to cancel any or all tender without assigning any reason thereof.

**Sd./- CDM&PHO, Balangir**
OIPR-10019/11/0003/2021

### GOVERNMENT OF ODISHA — No. A-249

## DEPARTMENT OF WATER RESOURCES
### OFFICE OF THE CHIEF ENGINEER & BASIN MANAGER
### SUBARNAREKHA & BUDHABALANGA BASIN

AT/P.O.: LAXMIPOSI, DIST.- MAYURBHANJ

**Government of Odisha "e" PROCUREMENT NOTICE**

**Bid Identification No. 06/20-21 of CEBM, SBB, Laxmiposi**

| | | |
|---|---|---|
| i. | Name of Work | Excavation of Paunsia Distributary and its Sub-Minors including Cement Concrete Lining, Service Road and Structure from RD 7212M to RD 8100M |
| ii. | Estimated Cost (Lakh) | Rs.881.48 lakh |
| iii. | Period of Completion | 18 (Eighteen) Calendar Months |
| iv. | Date & time of availability of Bid document in the Portal | 21.10.2020 at 10 A.M. |
| v. | Last date/time for receipt of bid in the Portal | 05.11.2020 upto 5 P.M. |
| vi. | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekah & Budhabalanga Basin, Laxmiposi, Mayurbhanj. |

Further details can be seen from the e-Procurement portal **"https://tendersodisha.gov.in"**.

**Sd./- Chief Engineer & Basin Manager**
**Subarnarekah & Budhabalanga Basin,**
**Laxmiposi**
**cebmsbb2019@gmail.com**
OIPR-32074/11/0007/2021

## OFFICE OF THE EXECUTIVE ENGINEER, UPPER KOLAB IRRIGATION DIVISION

AT/P.O. BORIGUMMA, DIST. - KORAPUT
Email id eeukid4borigumma@gmail.com

### QUOTATION CALL NOTICE NO 01/2020-21 DT 12.10.2020

No. A-254: Sealed quotations/tenders are invited from interested reputed Travel Agencies/ Tour Operators or private individuals for providing 01 (One) Nos. of Diesel driven vehicle having sitting capacity not more than ten including driver, which shall conform to the Terms and conditions (Annexure-I) for official use of Sub Divisional Officer **Upper Kolab Irrigation Sub Division No II, Kusumi, Dist. - Koraput** on monthly rent basis.

| Sl. No. | Type of Vehicle | Minimum Average Mileage |
|---|---|---|
| 1 | Hiring of Private vehicle ( Bolero) for use of Upper Kolab Irrigation Sub Division No II, Kusumi for the year 2020-21. | 10 Kmpl |

1. The vehicle must be in road worthy condition, shall not be more than **3 (Three)** years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, proof of up to date tax payment etc. which are mandatory for plying of vehicle.
2. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. A sum of **Rs.5000/-** shall be deposited by the intending bidders in shape NSC/ TDR/ / Postal Pass Book and duly pledged in favour of the **Executive Engineer, Upper Kolab Irrigation Division, Borigumma** and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of **10.00 kms. Per litre**.
7. The details of the make and year of manufacture of the vehicle, registration No, mileage (Kms. covered per litre) and name of the driver with driving license No. and period of validity should be specifically. Provided in the general bid information to be furnished with the Quotation/Tender(Annexure-I)
8. The quotation completed in all respect should reach the undersigned on or before **04.11.2020 by 13.00 hour** and shall be opened on the same day at **15.00 hour** in presence of the bidders or their authorized representatives.
9. The application form of quotation/tender containing General Bid Information & Terms and conditions for hiring of vehicles etc. will be available in the office of the **Executive Engineer, Upper Kolab Irrigation Division, Borigumma, Dist.-Koraput** on payment of **Rs.100/- (One hundred) only from date 22.10.2020 to 04.11.2020 up to 13.00 hour** or can be downloaded from Odisha Govt. Website **www.odisha.gov.in** from **date 22.10.2020 to 04.11.2020 up to 13.00 hour**. In case the application form is downloaded from Govt. website the applicant shall furnish a demand draft for an amount Rs.100/- (Rupees one hundred) only towards the cost of application. The Demand Draft issued from any Nationalized bank payable at S.B.I., Main Branch, Jeypore, Dist: Koraput drawn in favour of the **Executive Engineer, Upper Kolab Irrigation Division, Borigumma, Dist.-Koraput (Odisha)** along with the application.
10. The authority reserves all rights to reject any or all quotations without assigning any reason thereof.

**Er. R.K.Biswal, Executive Engineer**
**U.K. Irrigation Division, Borigumma**
**OIPR-32054/11/0002/2021**

# ଦୁବାଇ ବିଚ୍‌ରେ ଭାବୀ ସ୍ତ୍ରୀ ଧନଶ୍ରୀଙ୍କ ସହ ଚହଲ

**ଦୁବାଇ, ୨୦।୧୦**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଅଂଶଗ୍ରହଣ କରୁଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଦଳର ଅନ୍ୟତମ ପ୍ରମୁଖ ଖେଳାଳି ହେଲେ ସ୍ପିନର ୟୁଜବେନ୍ଦ୍ର ଚହଲ। ଆଇପିଏଲରେ ଚହଲଙ୍କୁ ଉତ୍ସାହିତ କରିବା ପାଇଁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ପହଞ୍ଚିଛନ୍ତି ତାଙ୍କ ଭାବୀ ସ୍ତ୍ରୀ ଧନଶ୍ରୀ ବର୍ମା। ଚଳିତ ବର୍ଷର ଆଇପିଏଲ ୟୁଏଇର ଉଷ୍ମ ଓ ଆର୍ଦ୍ର ପରିବେଶରେ ଖେଳାଯାଉଛି। ପ୍ରତିଯୋଗିତା କ୍ରମେ ରୋମାଞ୍ଚକ ସ୍ଥିତିରେ ପହଞ୍ଚୁଥିବାରୁ ବିଭିନ୍ନ ଦଳର ରଣନୀତି ବଦଳୁଛି। ସେହି ଅନୁସାରେ ଖେଳାଳିମାନଙ୍କ ଉପରେ ପ୍ରଦର୍ଶନର ଚାପ ବଢୁଛି। ଚହଲ ଏପର୍ଯ୍ୟନ୍ତ ଆରସିବି ପାଇଁ ଭଲ ପ୍ରଦର୍ଶନ କରି ଆସିଛନ୍ତି। ତେବେ ତାଙ୍କୁ ଉତ୍ସାହିତ କରିବା ପାଇଁ ଧନଶ୍ରୀ ୟୁଏଇରେ ପହଞ୍ଚିଥିବାରୁ ସେ ମଧ୍ୟ ନିଜ ବ୍ୟସ୍ତବହୁଳ କାର୍ଯ୍ୟସୂଚୀରୁ କିଛି ସମୟ କାଢ଼ିବାକୁ ଭୁଲି ନାହାନ୍ତି। ବ୍ୟାକ୍‌ଗ୍ରାଉଣ୍ଡରେ ସମୁଦ୍ର ଥାଇ ଦୁବାଇ ବିଚ୍‌ରେ ଧନଶ୍ରୀଙ୍କ ସହିତ ନିଜର ଏକ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ମଙ୍ଗଳବାର ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି ଚହଲ। ଏହାର କ୍ୟାପ୍‌ଶନରେ ସେ ଲେଖିଛନ୍ତି 'ପ୍ରକୃଷ୍ଟ ସାନ୍ଧ୍ୟକାଳୀନ ମୁହୂର୍ତ୍ତ'। ଧନଶ୍ରୀଙ୍କ ସହ ଚହଲଙ୍କର ନିର୍ବନ୍ଧ ସରିଛି। ଆର୍‌ସିବିର ଗତ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ସେ ୟୁଏଇରେ ପହଞ୍ଚିଥିଲେ। ତାଙ୍କୁ ଷ୍ଟାଡିୟମରେ ମଧ୍ୟ ଦେଖିବାକୁ ମିଳିଥିଲା। ଏହି ମ୍ୟାଚରେ ଆରସିବି ବିଜୟୀ ହୋଇଥିଲା। ଧନଶ୍ରୀ ଷ୍ଟାଡିୟମରୁ ଆରସିବି ଅଧିନାୟକ ବିରାଟ କୋହଲିଙ୍କ ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ସହ ଫଟୋ ମଧ୍ୟ ଶେୟାର କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଆଇପିଏଲ ଅବସରରେ ଅନୁଷ୍କାଙ୍କ ସହ କୋହଲି ମଧ୍ୟ କିଛି ସମୟ ବିତାଇଛନ୍ତି। ପୁଲ୍‌ରେ କୋହଲି ଓ ଅନୁଷ୍କାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ନିକଟରେ ଭାଇରାଲ ହୋଇଥିଲା। ଏହି ଫଟୋ କୋହଲିଙ୍କ ବନ୍ଧୁ ତଥା ଆର୍‌ସିବି ଟିମ୍‌ମେଟ୍ ଏବି ଡି'ଭିଲର୍ସ ଉଠାଇଥିଲେ। କୋହଲିଙ୍କ ଦଳ ଚଳିତ ଆଇପିଏଲରେ ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରି ଆସିଛି।


ଧନଶ୍ରୀ ବର୍ମାଙ୍କ ସହ ୟୁଜବେନ୍ଦ୍ର ଚହଲ।

# ଧାୱନଙ୍କ ଶତକ ସତ୍ତ୍ୱେ ଦିଲ୍ଲୀ ପରାସ୍ତ

**ଦୁବାଇ, ୨୦।୧୦**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଶିଖର ଧାୱନଙ୍କ ଶତକ ସତ୍ତ୍ୱେ ଦିଲ୍ଲୀ କ୍ୟାପିଟାଲ୍ସ ପରାଜିତ ହୋଇଛି। ଅନ୍ୟପକ୍ଷରେ ୫ ଉଇକେଟରେ ବିଜୟ ସହ କିଙ୍ଗ୍ସ ଇଲେଭେନ ପଞ୍ଜାବ ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିଛି। ଚଳିତ ଲିଗ୍‌ରେ ପଞ୍ଜାବର ଏହା ହ୍ୟାଟ୍ରିକ ବିଜୟ। ଦିଲ୍ଲୀ ୨୦ ଓଭରରେ ୫ ଉଇକେଟ ହରାଇ ୧୬୪ ରନ କରିଥିବାବେଳେ ପଞ୍ଜାବ ୧୯ ଓଭରରେ ୫ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରି ନେଇଥିଲା। ୧୦ ମ୍ୟାଚରୁ ୮ ପଏଣ୍ଟ ପାଇ ପଞ୍ଜାବ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଦିଲ୍ଲୀ ୧୪ ପଏଣ୍ଟ ସହ ଶୀର୍ଷରେ ଅପରିବର୍ତ୍ତିତ ରହିଛି।


ଶିଖର ଧାୱନ

## ଆଇପିଏଲ୍‌ରେ ୫୦୦୦ ରନ

ଟସ୍ ଜିତି ଦିଲ୍ଲୀ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଖରାପ ଫର୍ମ ଜାରି ରଖି ଓପନର ପୃଥ୍ୱୀ ଶ' ମାତ୍ର ୭ ରନରେ ଆଉଟ ହୋଇଥିବାବେଳେ ଅଧିନାୟକ ଶ୍ରେୟାସ ଆୟାର ୧୪ ରନର ଯୋଗଦାନ ଦେଇଥିଲେ। ତେବେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶିଖର ଧାୱନ ଚମତ୍କାର ଫର୍ମ ଜାରି ରଖି ଦଳକୁ ବଡ଼ ସ୍କୋର ଦିଗରେ ଆଗେଇ ନେଇଥିଲେ। ଏହି ଅବସରରେ ସେ ଆଇପିଏଲ୍‌ରେ ୫୦୦୦ ରନ ମଧ୍ୟ ପୂରଣ କରିଥିଲେ। ଲିଗ୍‌ର ୫ମ ଖେଳାଳିଭାବେ ସେ ଏହି କ୍ଲବରେ ସାମିଲ ହୋଇଥିଲେ। ତାଙ୍କ ବ୍ୟାଟିଂ ପାୱାର ବଳରେ ଦିଲ୍ଲୀ ୧୦ ଓଭର ବେଳକୁ ୨ ଉଇକେଟ ହରାଇ ୮୩ ରନ ସଂଗ୍ରହ କରି ନେଇଥିଲା। ଆହତ ସମସ୍ୟା ଯୋଗୁ ଦଳକୁ ଫେରିଥିବା ରିଷଭ ପନ୍ତ ୨୦ ବଲ୍‌ରୁ ମାତ୍ର ୧୪ ରନ କରି ପାରିଥିଲେ। ସେହିପରି ମାର୍କୁସ ଷ୍ଟୋଇନିସ ଫେଲ୍ ମାରିଥିଲେ ହେଁ ତା'ର କୌଣସି ପ୍ରଭାବ ଧାୱନଙ୍କ ଉପରେ ପଡ଼ି ନ ଥିଲା। ସେ ହାସଲ କରିଥିଲେ ଚଳିତ ଲିଗ୍‌ରେ କ୍ରମାଗତ ଦ୍ୱିତୀୟ ଶତକ। ଆଇପିଏଲ୍ ଇତିହାସରେ ପ୍ରଥମ ଖେଳାଳିଭାବେ ସେ ଏହି କୃତିତ୍ୱ ଅର୍ଜନ କରିଥିଲେ। ଏଥିସହ ଗୋଟିଏ ସିଜନରେ ୨ କିମ୍ବା ତଦୂର୍ଦ୍ଧ୍ୱ ଶତକ ହାସଲ କରିବାରେ ସେ ହୋଇଥିଲେ ୫ମ ଖେଳାଳି। ୫୭ ବଲ୍‌ରୁ ଶତକ ପୂରଣ କରିଥିବା ଧାୱନ ୬୧ ବଲ୍‌ରୁ ୧୨ ଚୌକା ଓ ୩ ଛକା ସହାୟତାରେ ୧୦୬ ରନ କରି ଅପରାଜିତ ରହିଥିଲେ। ତେବେ ଦିଲ୍ଲୀର ଅନ୍ୟ କୌଣସି ଖେଳାଳି ୧୪ରୁ ଅଧିକ ରନ କରି ନ ପାରିବାରୁ ସ୍କୋର ୧୬୪/୫ରେ ସୀମିତ ରହି ଯାଇଥିଲା। ପଞ୍ଜାବ ପକ୍ଷରୁ ମହମ୍ମଦ ସାମି ୨ଟି ଏବଂ ଜେମ୍ସ ନିଶାମ, ମୁରୁଗାନ ଅଶ୍ୱିନ ଓ ଗ୍ଲେନ୍ ମ୍ୟାକ୍ସୱେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ହେଁ ପଞ୍ଜାବ ଇନ୍‌ଫର୍ମ ଅଧିନାୟକ ଲୋକେଶ ରାହୁଲ(୧୫)ଙ୍କ ଉଇକେଟ ଶୀଘ୍ର ହରାଇ ବିପଦରେ ପଡ଼ିଥିଲା। କ୍ରିସ୍ ଗେଲ୍ ସ୍ୱାଭାବିକ ଢଙ୍ଗରେ ଖେଳିଥିଲେ ହେଁ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ସେ ୧୩ ବଲ୍‌ରୁ ୩ ଚୌକା ଓ ୨ ଛକା ସହ ୨୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୁଝାମଣାର ଅଭାବ ଯୋଗୁ ମୟଙ୍କ ଅଗ୍ରୱାଲ ମାତ୍ର ୫ ରନ କରି ରନଆଉଟ ହୋଇ ଯାଇଥିଲେ। ତେବେ ନିକୋଲାସ ପୁରନ ଓ ମ୍ୟାକ୍ସୱେଲ ୪ର୍ଥ ଉଇକେଟରେ ଦ୍ରୁତ ୬୯ ରନ ଯୋଗକରି ଦଳପାଇଁ ବିଜୟ ପଥ ପରିଷ୍କାର କରିଥିଲେ। ଅର୍ଦ୍ଧଶତକ ହାସଲ କରିବାପରେ ପୁରନ କାଗିଶୋ ରାବାଡ଼ାଙ୍କ ଏକ ବଲ୍ ଛାଡ଼ିବା ଚକ୍କରରେ କଟ୍ ବିହାଇଣ୍ଡ ହୋଇ ଯାଇଥିଲା। ରାବାଡାଙ୍କ ବଲ୍ ପୁରନଙ୍କ ଗ୍ଲୋଭ୍ସକୁ ସ୍ପର୍ଶକରି ଉଇକେଟ କିପର ରିଷଭ ପନ୍ତଙ୍କ ନିକଟକୁ ଚାଲି ଯାଇଥିଲା। ସହଜରେ ଉଇକେଟ ହରାଇଥିବା ପୁରନ ୨୮ ବଲ୍‌ରୁ ସର୍ବାଧିକ ୫୩(୬ ଚୌକା, ୩ ଛକା) ରନ କରିଥିଲେ। ପୂର୍ବ ମ୍ୟାଚଗୁଡ଼ିକ ତୁଳନାରେ ମ୍ୟାକ୍ସୱେଲ ଏଠାରେ ଭଲ ବ୍ୟାଟିଂ କରିଥିଲେ ହେଁ ଶେଷ ପର୍ଯ୍ୟନ୍ତ ରହିପାରି ନ ଥିଲେ। ସେ ୩୨(୨୪ ବଲ, ୩ ଚୌକା) ରନ କରିଥିବାବେଳେ ୧୬ତମ ଓଭରରେ ରାବାଡ଼ାଙ୍କ ବଲ୍‌ରେ ପନ୍ତଙ୍କୁ କ୍ୟାଚ ଦେଇଥିଲେ। ଦୀପକ ହୁଦା ୧୫ ଓ ଜେମ୍ସ ନିଶାମ ୧୦ ରନରେ ଅପରାଜିତ ରହିଥିଲେ। ଦିଲ୍ଲୀ ପକ୍ଷରୁ କାଗିଶୋ ରାବାଡ଼ା ୨ଟି ଏବଂ ଅକ୍ଷର ପଟେଲ ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**୫୦୦୦ ରନ କ୍ଲବ**
ବିରାଟ କୋହଲି: ୫୭୫୯
ସୁରେଶ ରାଇନା: ୫୩୬୮
ରୋହିତ ଶର୍ମା: ୫୧୫୮
ଶିଖର ଧାୱନ: ୫୦୪୩
ଡେଭିଡ୍ ୱାର୍ନର: ୫୦୩୭

**ଆଇପିଏଲ୍**
(ବୁଧବାର ମ୍ୟାଚ୍)
କୋଲକାତା ନାଇଟ ରାଇଡର୍ସ ବନାମ
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
**ସ୍ଥାନ:** ଆବୁଧାବି, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୭ | ୩ | ୧୪ | +୦.୬୭୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୬ | ୩ | ୧୨ | +୧.୨୦୧ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୬ | ୩ | ୧୨ | -୦.୦୯୬ |
| ନାଇଟ ରାଇଡର୍ସ | ୯ | ୫ | ୪ | ୧୦ | -୦.୬୦୭ |
| କିଙ୍ଗ୍ସ ଇଲେଭେନ | ୧୦ | ୪ | ୬ | ୮ | -୦.୧୭୭ |
| ରାଜସ୍ଥାନ ରୟାଲ୍ସ | ୧୦ | ୪ | ୬ | ୮ | -୦.୫୯୧ |
| ସନ୍‌ରାଇଜର୍ସ | ୯ | ୩ | ୬ | ୬ | +୦.୦୦୮ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୦ | ୩ | ୭ | ୬ | -୦.୪୬୩ |

### ସଂକ୍ଷିପ୍ତ ସ୍କୋର

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୬୪/୫(ଧାୱନ-୧୦୬*, ସାମି-୨/୨୮, ନିଶାମ-୧/୧୭, ମୁରୁଗାନ-୧/୩୩, ମ୍ୟାକ୍ସୱେଲ-୧/୩୧)। କିଙ୍ଗ୍ସ ଇଲେଭେନ ପଞ୍ଜାବ ୧୯ ଓଭରରେ ୧୬୭/୫ (ପୁରନ-୫୩, ମ୍ୟାକ୍ସୱେଲ-୩୨, ଗେଲ୍-୨୯, ରାବାଡ଼ା-୨/୨୭, ଅକ୍ଷର-୧/୨୭, ରବିଚନ୍ଦ୍ରନ-୧/୨୭)।

# 'ଅହମ୍ମଦାବାଦରେ ଦିବାରାତ୍ର ଟେଷ୍ଟ'

**କୋଲକାତା, ୨୦।୧୦ (ପି.ଟି.)**

ଆସନ୍ତାବର୍ଷ ପ୍ରଥମ ଭାଗରେ ଇଂଲଣ୍ଡର ଭାରତ ଟୁର୍ ବେଳେ ଅହମ୍ମଦାବାଦରେ ଦିବାରାତ୍ର ପିଙ୍କ୍ ବଲ ଟେଷ୍ଟ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଏଠାରେ ପ୍ରକାଶ କରିଛନ୍ତି। ଇଂଲଣ୍ଡ କ୍ରିକେଟ ଦଳ ଜାନୁୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ଭାରତ ଟୁର୍ କରିବ। ଦଳ ୫ଟି ଟେଷ୍ଟ ଏବଂ ଏକ ସୀମିତ ଓଭର ସିରିଜ ଖେଳିବ। କୋଲକାତା ପ୍ରେସ୍ କ୍ଲବଠାରେ ସିପିଆଇ (ଏମ୍) ବିଧାୟକ ଆଲୋକ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଲିଖିତ ପୁସ୍ତକର ଉନ୍ମୋଚନ ଅବସରରେ ଗାଙ୍ଗୁଲି ଏକଥା କହିଛନ୍ତି। ବିଗତ କିଛି ଦିନ ହେଲା ଭାରତରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବାରୁ ସିରିଜକୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) କୁ ସ୍ଥାନାନ୍ତର କରାଯାଇ ପାରେ। ୟୁଏଇରେ ବର୍ତ୍ତମାନ ଆଇପିଏଲ୍ ୨୦୨୦ ଚାଲିଛି। ବିସିସିଆଇ କିନ୍ତୁ ଦେଶରେ ଇଂଲଣ୍ଡ ଟୁର୍ ଆୟୋଜନ କରିବା ଲାଗି ଦୃଢ଼ମନା ରହିଛି। ଜୈବ ସୁରକ୍ଷିତ ବବଲ ସୃଷ୍ଟିକରିବା ସମେତ ସମସ୍ତ ପ୍ରକାର ସମ୍ଭାବ୍ୟ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ବିଚାର କରି ଦେଖୁଛି। ଟେଷ୍ଟ ସିରିଜ ପାଇଁ ଅହମ୍ମଦାବାଦ, ଧର୍ମଶାଳା ଓ କୋଲକାତାକୁ ଭେନ୍ୟୁ ଭାବେ ମନୋନୀତ କରାଯାଇଛି। ଆହୁରି ୪ ମାସ ସମୟ ରହିଥିବାରୁ ଏ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ପାରି ନ ଥିବା ଗାଙ୍ଗୁଲି କହିଛନ୍ତି। ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜ ପୂର୍ବରୁ ଆମର ଅଷ୍ଟ୍ରେଲିଆ ଟୁର୍ ରହିଛି। ତେଣୁ ଏହାକୁ ଆମେ ଅଗ୍ରାଧିକାର ଦେଉଛୁ। ଏଥିପାଇଁ ଦଳ ଚୟନ କିଛି ଦିନ ମଧ୍ୟରେ ହେବ ବୋଲି ବିସିସିଆଇ ସଭାପତି କହିଛନ୍ତି।


ସୌରଭ ଗାଙ୍ଗୁଲି

# ପଞ୍ଚମ ବୋଲର ଦୌଡ଼ରେ ସିରାଜ, ଶାର୍ଦ୍ଦୁଳ

**ନୂଆଦିଲ୍ଲୀ,୨୦।୧୦(ପି.ଟି.)**

ଆଗାମୀ ଅଷ୍ଟ୍ରେଲିଆ ଗସ୍ତରେ ଟେଷ୍ଟ ସିରିଜ ଲାଗି ଦଳ ଘୋଷଣା କରିବାକୁ ଚୟନକର୍ତ୍ତାମାନେ ଦ୍ୱନ୍ଦ୍ୱରେ ପଡିବେ। ଦଳରେ ପଞ୍ଚମ ଦ୍ରୁତ ବୋଲର ସ୍ଥାନ ପାଇଁ ଏବେ ହାଇଦ୍ରାବାଦର ମହମ୍ମଦ ସିରାଜ ଓ ମୁମ୍ବାଇର ଶାର୍ଦ୍ଦୁଳ ଠାକୁରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏହି ଦଳରେ ସ୍ଥାନ ପାଇବାକୁ ଗୁଜରାଟ ବାମହାତୀ ସ୍ପିନର ଅକ୍ଷର ପଟେଲ ମଧ୍ୟ ଦୌଡ଼ରେ ରହିଛନ୍ତି।

ହାଇପ୍ରୋଫାଇଲ ଟେଷ୍ଟ ସିରିଜ ପୂର୍ବରୁ ଟି୨୦ ଓ ଦିନିକିଆ ସିରିଜ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଅଧକ୍ଷ ସୁନୀଲ ଯୋଶୀଙ୍କ ଅଧକ୍ଷତାରେ ଚୟନ କମିଟି ଚଳିତ ସପ୍ତାହ ଶେଷ ଆଡକୁ ଦଳ ଘୋଷଣା କରିବ ବୋଲି ଆଶା କରାଯାଉଛି। ଦୁଇ ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଥାଇ ଇଞ୍ଜୁରି ଓ ଈଶାନ୍ତ ଶର୍ମା ସାଇଡ ଷ୍ଟ୍ରେନ୍ କାରଣରୁ ବାଦ୍ ପଡିବେ। ତେଣୁ ନବଦୀପ ସଇନି ଚତୁର୍ଥ ବୋଲର ଭାବେ ଦଳରେ ସ୍ଥାନ ପାଇବା ଏକ ପ୍ରକାର ନିଶ୍ଚିତ। ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା ଓ ଉମେଶ ଯାଦବ ଅନ୍ୟ ୩ ଦ୍ରୁତ ବୋଲର ଭାବେ ଦଳରେ ସ୍ଥାନ ପାଇବେ। ଭାରତ ଏ ଓ ରଣଜୀ ଟ୍ରଫିରେ ଭଲ ପ୍ରଦର୍ଶନ କରିଥିବାରୁ ସିରାଜ ପଞ୍ଚମ ବୋଲର ଭାବେ ଦଳରେ ସ୍ଥାନ ପାଇପାରନ୍ତି। ସେହିପରି ନୂଆ ବଲ୍‌ରେ ଭଲ ସୁଇଂ କରିପାରୁ ଥିବା ଶାର୍ଦ୍ଦୁଳ ଠାକୁର ମଧ୍ୟ ଏହି ସ୍ଥାନ ପାଇଁ ଦୌଡ଼ରେ ରହିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ ମଧ୍ୟ ସେ ପ୍ରଥମ ଓଭରରେ ଆହତ ହୋଇଥିଲେ ଓ ଏହା ତାଙ୍କ ପାଇଁ ଏକ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଥିଲା।

ଗତ ୫ଟି ସେସନରେ ଭାରତ ଏ ପାଇଁ ସିରାଜ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଥିଲେ ବୋଲ ପୂର୍ବତନ ଚୟନ କମିଟି ମୁଖ୍ୟ ଏମ୍‌ଏସ୍‌କେ ପ୍ରସାଦ କହିଛନ୍ତି। ଯୁବ ଦ୍ରୁତ ବୋଲର ଶିବମ୍ ମାଭିଙ୍କୁ ନେଇ ଚୟନ କମିଟି ଗୁରୁତ୍ୱ ଦେଇପାରିନ୍ତି ଓ ଭବିଷ୍ୟତରେ ସେ ସବୁ ଫର୍ମାଟ ବୋଲର ଭାବେ ପରିଚୟ ହାସଲ କରିବେ ବୋଲି ସେ କହିଛନ୍ତି। ଶାର୍ଦ୍ଦୁଳ ଓ ତାଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଟିମ୍ ମେଟ୍ ଦୀପକ ଚହର ସୀମିତ ଓଭର ସିରିଜ ପାଇଁ ଦୌଡ଼ରେ ରହିଛନ୍ତି।

ଦଳରେ ୪ଜଣ ଉଇକେଟକିପର ରହିବେ। ଲୋକେଶ ରାହୁଲ ସୀମିତ ଓଭରରେ ପ୍ରଥମ ପସନ୍ଦ ହେବେ। ରିଷଭ ପନ୍ତ ସବୁ ଫର୍ମାଟ ପାଇଁ ଓ ସଞ୍ଜୁ ସାମସନ କେବଳ ଟି୨୦ ପାଇଁ ଦଳରେ ସାମିଲ ହୋଇପାରିନ୍ତି। ଟେଷ୍ଟରେ ରିଦ୍ଧିମାନ ଶାହ ମଧ୍ୟ ବ୍ୟାକ୍‌ଅପ୍ ଭାବେ ସାମିଲ ହୋଇପାରନ୍ତି। ଓପନିଂ ସ୍ଥାନ ପାଇଁ ରୋହିତ ଶର୍ମା, ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ, ଶୁବମନ ଗିଲ ସବୁ ଫର୍ମାଟ୍ ପାଇଁ ଉପଲବ୍ଧ ରହିଛନ୍ତି। ସୀମିତ ଓଭର ପାଇଁ ରାହୁଲ ଓ ଶିଖର ଧାୱନ ଉପଲବ୍ଧ ହେବେ। ଭାରତର ୬ ଜଣ ବ୍ୟାଟ୍ସମ୍ୟାନ ନୂଆ ବଲ ଖେଳିବାର ଦକ୍ଷତା ରଖୁଛନ୍ତି।

ମିଡିଲ ଓଭରରେ ଅଧିନାୟକ ବିରାଟ କୋହଲି, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ ଓ ହାର୍ଦ୍ଦିକ ପାଣ୍ଡ୍ୟା ସୀମିତ ଓଭର ପାଇଁ ଉପଲବ୍ଧ ହେବେ। ହାର୍ଦ୍ଦିକ ବୋଲିଂ କରୁ ନ ଥିବା ବେଳେ ଶିବମ ଦୁବେ ସୀମିତ ଓଭରରେ ବ୍ୟାକ୍‌ଅପ୍ ଅଲରାଉଣ୍ଡର ଭାବେ ସ୍ଥାନ ପାଇପାରନ୍ତି।


ମହମ୍ମଦ ସିରାଜ


ଶାର୍ଦ୍ଦୁଳ ଠାକୁର

**ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ**

### ସମ୍ଭାବ୍ୟ ଦଳ (ସବୁ ଫର୍ମାଟ)

ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ସୀମିତ ଓଭର ଉପ ଅଧିନାୟକ), ଅଜିଙ୍କ୍ୟ ରାହାନେ (ଟେଷ୍ଟ ଉପଅଧିନାୟକ), ଚେତେଶ୍ୱର ପୂଜାର, ହନୁମା ବିହାରୀ, ଲୋକେଶ ରାହୁଲ (ଉଇକେଟ କିପର), ଶିଖର ଧାୱନ, ପୃଥ୍ୱୀ ଶ, ମୟଙ୍କ ଅଗ୍ରୱାଲ, ଶୁବମନ ଗିଲ, ମନୀଷ ପାଣ୍ଡେ, ଶ୍ରେୟାସ ଆୟର, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ (ଉଇକେଟକିପର), ସଞ୍ଜୁ ସାମସନ, ରିଦ୍ଧିମାନ ଶାହ (ଉଇକେଟକିପର), ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, ୟୁଜବେନ୍ଦ୍ର ଚହଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ଉମେଶ ଯାଦବ, ନବଦୀପ ସଇନି, ଦୀପକ ଚହର, ଶାର୍ଦ୍ଦୁଳ ଠାକୁର, ଅକ୍ଷର ପଟେଲ ଓ ମହମ୍ମଦ ସିରାଜ।

## ସାଇକ୍ଲିଷ୍ଟ ଗାଭିରିଆଙ୍କୁ ଦ୍ୱିତୀୟଥର କରୋନା

**ମିଲାନ, ୨୦।୧୦ (ଏପି):** କରୋନା ଟେଷ୍ଟରେ କଲମ୍ବିଆନ ସାଇକ୍ଲିଷ୍ଟ ଫର୍ନାଣ୍ଡୋ ଗାଭିରିଆଙ୍କର ଦ୍ୱିତୀୟ ଥର ପାଇଁ ପଜିଟିଭ ଆସିଛି। ସେ ତୁରନ୍ତ ଗିରୋ ଡି'ଇଟାଲିଆ ସାଇକ୍ଲିଂ ରେସ୍‌ରୁ ଓହରିଯାଇଛନ୍ତି। ରବିବାର ଓ ସୋମବାର ମୋଟ ୪୯୨ଟି ଟେଷ୍ଟ ହୋଇଥିଲା। ତନ୍ମଧ୍ୟରୁ କେବଳ ଗାଭିରିଆ ଓ ଜଣେ ଷ୍ଟାଫ୍ ସଦସ୍ୟ ପଜିଟିଭ ହୋଇଛନ୍ତି। ଫଳାଫଳ ବାହାରିବା ପରେ ଗାଭିରିଆଙ୍କୁ ତୁରନ୍ତ ଆଇସୋଲେଶନରେ ରଖାଯାଇଥିବା ତାଙ୍କ ୟୁଏଇ ଟିମ୍ ଏମିରେଟ୍ସ କହିଛି। ଗାଭିରିଆ ତାଙ୍କ କ୍ୟାରିୟରରେ ଗିରୋଠାରେ ୫ ଷ୍ଟେଜ ବିଜେତା ହୋଇଛନ୍ତି। ଗାଭେରିଆ ଗତ ମାର୍ଚ୍ଚରେ ମଧ୍ୟ କରୋନା ସଂକ୍ରମିତ ହୋଇଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଦୟାକରି ଧ୍ୟାନ ଦିଅନ୍ତୁ !!
SHREE KRISHNA FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।।
୦% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765994255
7206213932

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

4G କମ୍ପାନୀ ଗ୍ରାମ/ସହରରେ 4G ଟାୱାର ସ୍ଥାପନ କରିବା ପାଇଁ ଜମି/ଛାତ/ଖେତ ଆବଶ୍ୟକ କରୁଛି । ଭଡ଼ା 45 ହଜାର, ଅଗ୍ରିମ 65 ଲକ୍ଷ
ଯୋଗାଯୋଗ
8860088373

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ତା. ୨୧/୧୦/୨୦୨୦

ସ୍ୱ ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ
ଏନ୍-୪/୧୩୭, ଆଇ.ଆର.ସି.ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ- ୩୧/୦୭/୧୯୩୧
ତିରୋଧାନ- ୧୨/୧୦/୨୦୨୦
" ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଅଛୁ । "
ଶୋକସନ୍ତପ୍ତ
ବାବୁ, ଚିନୁ, ବେବି, ରବି, ଗୁଡି, ନାନୁ, ଟଟ୍, ମିଲି, ପ୍ରାଚୀ, ରିଚି
ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ ।
ଧ-୬୧୭୭

ଏକାଦଶାହ ଉପଲକ୍ଷେ

ସ୍ୱ ଲକ୍ଷ୍ମଣ ଚରଣ ନାୟକ
ହରିପୁର, ଖଇରା, ବାଲେଶ୍ୱର
ଆବିର୍ଭାବ: ୧୫।୦୯।୧୯୩୪
ତିରୋଧାନ: ୧୧।୧୦।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ପରୋପକାର, କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ପ୍ରେରଣାଦାୟୀ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ।
-:ଇତି ଆପଣଙ୍କର:-
ପୁଅ: ଅଜୟ, ବିଜୟ, ସଞ୍ଜୟ, ଚିନ୍ମୟ ; ବୋହୂ: ଜ୍ୟୋସ୍ନାରାଣୀ, ସୌଦାମିନୀ, କୁଞ୍ଜଲତା, ରଶ୍ମିତା ଝିଅଜ୍ୱାଇଁ, ନାତି ନାତୁଣୀ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୮୬୦

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଗୌତମ ପ୍ରସାଦ ପଣ୍ଡା
ଆବିର୍ଭାବ: ୨୦।୦୭।୧୯୭୫
ତିରୋଧାନ: ୧୩।୧୦।୧୯୯୧
(ଆଶ୍ୱିନ ଶୁକ୍ଳ ଷଷ୍ଠୀ ତିଥି)
ଆଜି ୨୯ତମ ଶ୍ରାଦ୍ଧବାର୍ଷିକ ଅବସରରେ ତୋର ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ।
:ଶୋକସନ୍ତପ୍ତ:
ପିତା: ଶ୍ରୀ ନାରାୟଣ ଚନ୍ଦ୍ର ପଣ୍ଡା, ମାତା: ଶ୍ରୀମତୀ ଲଳିତା ପଣ୍ଡା, ନନା: ସିଦ୍ଧାର୍ଥ କୁମାର ପଣ୍ଡା, ଭାଉଜ: ଶାନ୍ତିଲତା ପତି, ଭାଇ: ମିଟୁ, ଲୁଲୁ, ବାବୁଲି ଓ ଟୁଲୁ, ଭାଇବୋହୂ: ସିଲା, ଟିନା, ଟୋପା, ସିଲୁ, ଭଉଣୀ: ଲିଲି ଓ ମାମି, ଭିଣୋଇ: ଜୟଦୀପ ମିଶ୍ର ଓ ଲକ୍ଷ୍ମୀନାରାୟଣ ମିଶ୍ର ଓ ବନ୍ଧୁବର୍ଗ।
ଧ-୧୮୬୫

ତୃତୀୟ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ରବୀନ୍ଦ୍ରନାଥ ସାହୁ
ଆବିର୍ଭାବ: ୨୬।୦୪।୧୯୪୨
ତିରୋଧାନ: ୨୬।୦୯।୨୦୧୭
ଆଜିକୁ ଠିକ୍ ତିନିବର୍ଷ ତଳେ ଆମକୁ ଶୋକସାଗରରେ ଭସାଇ ତୁମେ ଚାଲିଗଲ, ତୁମ ଆତ୍ମାର ସଦ୍‌ଗତି ହେଉ, ଏହାହିଁ ଆଜିର ଦିନରେ ଆମର ଏକାନ୍ତ ପ୍ରାର୍ଥନା।
:ଶୋକସନ୍ତପ୍ତ:
ପରିବାର ଓ ପ୍ରିୟଜନବର୍ଗ।
ଧ-୧୮୬୮

## କପା ୧୨୦ ଦିନ ହୋଇଥିଲେ...



ଏବେ କପା ପ୍ରାୟ ୧୨୦ ଦିନର ହୋଇଯାଇଥିବ। ଏହି ସମୟରେ ପାଟଳ ବକରା ବିନ୍ଧାପୋକର ଆକ୍ରମଣ ଦେଖାଦେଇଥାଏ। ଏହାର ଶୁକଗୁଡିକ ଫୁଲ, କଢ଼ ଓ ବକରା ଭିତରେ ପ୍ରବେଶ କରି ତୁଳା ଓ ମଞ୍ଜିକୁ ନଷ୍ଟ କରିଦିଅନ୍ତି। ଆକ୍ରାନ୍ତ ଫୁଲଗୁଡିକ ଫୁଟେ ନାହିଁ। ଆକ୍ରାନ୍ତ ଛୋଟ ବକରାଗୁଡିକ ପାକଳ ହୁଏ କିନ୍ତୁ ଫାଟେ ନାହିଁ। ବକରାଗୁଡିକ ନଷ୍ଟ କରୁଥିବା ବେଳେ ଏହାର ଆକ୍ରମଣ ଲକ୍ଷଣ ବାହାରକୁ ଜଣାପଡେନାହିଁ କାରଣ ପ୍ରବେଶ କଣା ଏହାର ମଳ ଦ୍ୱାରା ବନ୍ଦ ହୋଇଥାଏ। ପ୍ରତି କିଆରୀରୁ ୨୦ଟି ଗଛ ସର୍ବେକ୍ଷଣ କରି ପ୍ରତି ଗଛରେ ବକରା ଆକ୍ରାନ୍ତ ବା ଖୋଲିଯାଇଥିବା ଆକ୍ରାନ୍ତ ଫୁଲ ଦେଖିଲେ କପାର ରୋଗପୋକ ଦମନ ନିମନ୍ତେ ବ୍ୟବସ୍ଥା କରନ୍ତୁ। ସଙ୍ଗ ଆକର୍ଷଣ ଯନ୍ତା (ଫେରୋମୋନ୍ ଟ୍ରାପ୍) ବସାଇ ପାଟଳ ବକରା କୀଟର ଉପସ୍ଥିତି ସମ୍ବନ୍ଧରେ ସଚେତନ ହୁଅନ୍ତୁ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲ ରାଶି ତେଲରେ ୪୦୦ ମିଲି ସାଇପରମେଥ୍ରିନ ମିଶାଇ ପ୍ରୟୋଗ କରନ୍ତୁ।

## ବାଇଗଣରେ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ



ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।

## ପ୍ରାକ୍ ରବି ଡାଲି ଫସଲ



ଢିପ ଜମି ବା ଢିପାଳିଆ ମଧ୍ୟମ କିସମ ଜମିରେ ମୁଗ, ବିରି, କୋଳଥ ଆଦି ଡାଲି ଜାତୀୟ ଫସଲ ଚାଷ କରନ୍ତୁ। ପଶ୍ଚିମ ଓଡ଼ିଶାରେ ତଥା କେନ୍ଦୁଝର, କୋରାପୁଟ ଓ ଫୁଲବାଣୀ ଜିଲାରେ ଖାଲି ପଡିଥିବା ନିଗିଡା ମଧ୍ୟମ କିସମ ଜମିରୁ ଛୁଇଁ, ମଟର ପାଇଁ ଉପଯୁକ୍ତ ଗ୍ରୀନ୍ ମଟର କିସମ ଲଗାନ୍ତୁ। ବୁଣିବାର ୭ ଦିନ ପୂର୍ବରୁ ପ୍ରତି କିଗ୍ରା ବିହନକୁ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ ଏବଂ ବୁଣିବା ଦିନ ବୀଜାଣୁ କଲ୍ଚରରେ ଉପଚାର କରି ବୁଣନ୍ତୁ। ବୁଣିବାର ଦିନକ ପରେ ଘାସମରା ଔଷଧ ପେଣ୍ଡି ମେଥାଲିନ୍ ଏକର ପ୍ରତି ୦.୩୦ କିଗ୍ରା କ୍ରିୟାଶୀଳ ଉପାଦାନ ହିସାବରେ ସିଞ୍ଚନ କରନ୍ତୁ।

# ପନିପରିବା ଚାଷର ତଳିଘରା



ଡ. ପରେଶ କୁମାର ପଣ୍ଡା

ଶୀତଦିନିଆ ପନିପରିବା ଯଥା- ବିଲାତି ବାଇଗଣ, ଓଲକୋବି, ଫୁଲକୋବି, ବନ୍ଧାକୋବି, ଲଙ୍କା, ସିମଲା ଲଙ୍କା (କ୍ୟାପ୍ସିକମ୍), ବାଇଗଣ, ପିଆଜ, ବ୍ରୋକୋଲି ଓ ଲ୍ୟୁଟସ୍ ଚାଷରେ ତଳିଘରା ପ୍ରସ୍ତୁତି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ପନିପରିବା ଚାଷର ସଫଳତା ପଛରେ ସୁସ୍ଥ ଓ ରୋଗମୁକ୍ତ ଚାରା ହେଉଛି ଚାବିକାଠି। କହିବାକୁ ଗଲେ,ପନିପରିବା ଉତ୍ପାଦନକାରୀ ଯେତେ ଅନୁମୋଦିତ ଚାଷ ପ୍ରଣାଳୀ ବିନିଯୋଗ କରିଥିଲେବି ଉତ୍ତମ ଗୁଣବତ୍ତାବିଶିଷ୍ଟ ବିହନ ଚାରା ନ ଥିଲେ ସଫଳ ହୋଇପାରିବ ନାହିଁ। ସାଧାରଣତଃ ପନିପରିବା ଫସଲର ମଞ୍ଜିର ମୂଲ୍ୟ ଅଧିକ। ତେଣୁ ସୁସ୍ଥ ଓ ବିଶୋଧିତ ବିହନ ବ୍ୟବହାରରୁ ଭଲ ଗଜା ହୋଇ ରୋଗପୋକ ଦାଉରୁ ମୁକ୍ତ, ସୁସ୍ଥସବଳିଆ ଚାରା ଉତ୍ପାଦନ ନିମନ୍ତେ ଯଥାର୍ଥ ତଳିଘରା ପରିଚାଳନା ଓ ଚାରାରୋପଣ କାର୍ଯ୍ୟ ସମ୍ପାଦନ ହେବା ଜରୁରୀ। କୃଷକ ଭାଇମାନେ ଯଥାଶୀଘ୍ର ତଳିଘରା ପକାଇବା ଆବଶ୍ୟକ। ସଅଳ ଚାଷରୁ ଉତ୍ପାଦିତ ପନିପରିବାର ମୂଲ୍ୟ ନିଶ୍ଚିତରୂପେ ଅଧିକ ଲାଭଯୁକ୍ତ ହୋଇଥାଏ।

ତଳିଘରା କରିବା ଦ୍ୱାରା- ମୃତ୍ତିକାଜାତ ରୋଗ (ମୂଳପଚା, ମଞ୍ଜି ଶଢ଼ା, କାଣ୍ଡ ଶଢ଼ା ଆଦି) ସହଜରେ ନିୟନ୍ତ୍ରିତ ହୋଇଥାଏ। -ଏକ କ୍ଷୁଦ୍ର ଜାଗା ଓ ଏକ ସ୍ଥାନରେ ତଳିଘରାରେ ଛୋଟ ଛୋଟ ଚାରା ଗଛଗୁଡ଼ିକର ଯତ୍ନ ନେବା ସହଜରେ କରାଯାଇଥାଏ। -ଏକ ତଳିଘରାରେ ଛୋଟ ଛୋଟ ଚାରା ଗଛର ଉତ୍ତମ ବୃଦ୍ଧି ନିମନ୍ତେ ସୁଯୋଗ ସହଜରେ ଦିଆଯାଇପାରେ।- ତଳିଘରାରେ ମଞ୍ଜି ବୁଣି ମଞ୍ଜି ଖର୍ଚ୍ଚକୁ ହ୍ରାସ କରାଯାଇପାରେ। - ତଳିଘରାରୁ ମୁଖ୍ୟ କ୍ଷେତ୍ରକୁ ନେଇ ରୋପଣ କରିବାରେ ଆବଶ୍ୟକ ଗଛ ସଂଖ୍ୟା ରହିଥାଏ। ଏକ ଏକର ଜମିରେ ଚାରା ଲଗାଇବା ନିମନ୍ତେ ୨୫ ଫୁଟ ଲମ୍ବ X ୪ଫୁଟ ଓସାର X ୬ ଇଞ୍ଚ ଉଚ୍ଚତାର ଚାରୋଟି ପଟାଳି ତିଆରି କରାଯାଏ। ଛୋଟ ତଳିଘରାକୁ ସହଜରେ ପରିଚାଳନା କରାଯାଇପାରେ।

ତଳିଘରା ପ୍ରସ୍ତୁତି ସମୟରେ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ଜରୁରୀ। ବିହନ ଠିକ ଉତ୍ସରୁ କ୍ରୟ କରନ୍ତୁ। ତଳିଘରାରେ ମାଟି, ବାଲିଆ ଦୋରସା ବା ଦୋରସା ଓ ନିରପେକ୍ଷ ଅମ୍ଳଯୁକ୍ତ ଥାଇ ମାଟିଗୁଣ୍ଡ ଉଚ୍ଚ ଓ ଜଳ ନିଷ୍କାସିତ ହେଉଥିବା ଆବଶ୍ୟକ। ତଳିଘରାକୁ ଛାମୁଡିଆ କରି ଘୋଡାଇ ରଖିଲେ ଚାରା ଭଲ ବଢ଼ିଥାଏ। ତଳିଘରା ନିମନ୍ତେ ଜଳର ଉତ୍ସ ଥାଇ ତଳିଘରା ବାସସ୍ଥାନ ନିକଟରେ ରହୁଥିବା ଆବଶ୍ୟକ, ଯଦ୍ୱାରା ତଳି ଘରାର ତଦାରଖ ସହଜରେ କରାଯାଇପାରେ। ଦୁଇ-ତିନି ବର୍ଷ ପରେ ଜମି ବଦଳାନ୍ତୁ। ନ ହେଲେ ତଳିଘରାରେ ଚାରାଗୁଡିକ ଫିମ୍ପି ଓ ସୂତ୍ରକୀଟଜନିତ ସଂକ୍ରମଣର ଆଶଙ୍କା ଅଧିକ ଥାଏ। ତଳିଘରାର ମାଟି ଖରା, ୨ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ବା ଅନ୍ୟ ରାସାୟନିକ ଫିମ୍ପିନାଶକ/କବକନାଶକ ଦ୍ୱାରା ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ଉପଚାରିତ ହୋଇଥିଲେ ଚାରା ଗଛ ସୁସ୍ଥ ରହି ଭଲ ବଢ଼ିଥାଏ। ଫର୍ମାଲିନ୍ ଉପଚାର କରି ମୃତ୍ତିକାକୁ ପଲିଥିନ ଦ୍ୱାରା ୨-୩ଦିନ ଯାଏ ଢ଼ାଙ୍କନ୍ତୁ। ତା'ପରେ ପଲିଥିନ୍ କାଢ଼ି ଦେଇ ମାଟିକୁ ଉପରତଳ କରନ୍ତୁ। ଭଲ ଭାବରେ ଶଢ଼ିଥିବା ଓ ଝୁରୁଝୁରିଆ ଖତ ସହ ୫୦୦ ଗ୍ରାମର ୧୫:୧୫:୧୫ କିମ୍ବା ଅନ୍ୟ ଯୌଗିକ ସାରକୁ ପ୍ରତ୍ୟେକ ପଟିରେ ମଞ୍ଜି ବୁଣିବାର ୭-୧୦ଦିନ ପୂର୍ବରୁ ମିଶାନ୍ତୁ।









ଅତି ଆବଶ୍ୟକ ହେଲେ ମଞ୍ଜି ବୁଣା ପୂର୍ବରୁ ପ୍ରତି ପଟାଳିରେ ୧୦୦ଗ୍ରାମ ଫିପ୍ରୋନିଲ୍ ୫ ପ୍ରତିଶତ ମାଟିରେ ମିଶାଇ ଦେଲେ ଚାରା ଗଛ ସୁସ୍ଥ ହୋଇ ଭଲ ବଢ଼ିଥାଏ। ବିହନ ବିଶୋଧନ ନିମନ୍ତେ ଏକ କିଗ୍ରା ବିହନ ପ୍ରତି ବିଶୋଧକ-କ୍ୟାପଟାନ/ଥିରାମର ୩ ଗ୍ରାମ କିମ୍ବା ଜୈବକୀଟନାଶକ-ଟ୍ରାଇକୋଡର୍ମା ଭିରିଡିର ୫ ଗ୍ରାମକୁ ଉପଚାର କରି ଧାଡିକୁ ଧାଡି ୨ ଇଞ୍ଚ ଏବଂ ମଞ୍ଜିକୁ ମଞ୍ଜି ୧ ଇଞ୍ଚ ବ୍ୟବଧାନରେ ବୁଣନ୍ତୁ। ଧାଡିରେ ବୁଣିବା ଦ୍ୱାରା ଘାସ ବଛା ସହଜ ହୋଇ ରୋଗ, ତଳି ଶଢ଼ା ଓ ଅନ୍ୟ ରୋଗପୋକ ସଂକ୍ରମଣ ହ୍ରାସ ପାଇଥାଏ। ମଞ୍ଜି ବୁଣିବା ପରେ ତାହା ଉପରେ ହାଲୁକା ଝୁରଝୁରିଆ ଖତ ଦେଇ ପାଣି ସିଞ୍ଚନ କରି ଶୁଖିଲା ପତ୍ର ବା ନଡା ଢ଼ାଙ୍କିଲେ ଭଲ ଗଜା ବାହାରିଥାଏ।

ଗଛ ନ ଉଠିବା ପର୍ଯ୍ୟନ୍ତ ଦିନକୁ ଦୁଇ ଥର ହାଲୁକା ବା ଛିଞ୍ଚା ପାଣି ଦିଅନ୍ତୁ। ଗଛ ଉଠିବା ପରେ ଦିନକୁ ସକାଳେ ବା ଅପରାହ୍ନ/ସନ୍ଧ୍ୟାରେ ଥରେ ମାତ୍ର ପାଣି ଦିଅନ୍ତୁ। ରୁଗ୍ଣ, ଅସୁସ୍ଥ, ରୋଗପୋକ ସଂକ୍ରମିତ ଓ ବହଳିଆ ଗଛକୁ ତଳି ଘରାକୁ ଅଲଗା କରନ୍ତୁ। ଚାରା ଗଛକୁ ଟାଣ ଓ ପ୍ରତିକୂଳ ଅବସ୍ଥା ସହିବା ନିମନ୍ତେ ଚାରା ଉପାଡିବାର ୭-୧୦ଦିନ ପୂର୍ବରୁ କମ୍ ବା ନିୟନ୍ତ୍ରିତ ଜଳ ଦିଅନ୍ତୁ। ବହୁ ସମୟରେ ଦେଖାଯାଏ ଯେ ୪-୬ ପତ୍ରବିଶିଷ୍ଟ ଚାରା ରୋପଣର ପରେ ପରେ ଅନେକ ଚାରା ଗଛ ମରିଯାଇ ଜମି ଖାଲି ରହିଥାଏ। ପ୍ରୟୋଗ କରାଯାଇଥିବା ଖତସାରର ବିନିଯୋଗ ନ ହୋଇ ଏକକ ଅଞ୍ଚଳରୁ ଅମଳ କମ ମିଳିଥାଏ। ସେ ଦିଗରେ ପରାମର୍ଶଗୁଡିକୁ ଧ୍ୟାନ ଦେବା ଆବଶ୍ୟକ। ମାଟିର ଉର୍ବରତା ଓ ଜଳଧାରଣ କ୍ଷମତା ବୃଦ୍ଧି ନିମନ୍ତେ ସବୁଜସାର ଚାଷ କରି ତାହାର ଫୁଲ ଆସିବା ପୂର୍ବରୁ ଉକ୍ତ ଜମିରେ ମିଶାଇ ଦିଅନ୍ତୁ। ପନିପରିବା ଚାଷ ନିମନ୍ତେ ମୁଖ୍ୟ ଜମିକୁ ୩-୫ ଓଡ ହଳ କରି ମାଟିକୁ ଗୁଣ୍ଡ ଓ ମଇ ଦେଇ ସମତୁଲ କରନ୍ତୁ। ଜମିରେ ଏକର ପ୍ରତି ୬୦-୧୦୦ କୁଇଣ୍ଟାଲ ଶଢ଼ା ଖତ କିମ୍ବା ୧୦ କୁଇଣ୍ଟାଲ ଜିଆ ଖତ ଦିଅନ୍ତୁ। ରୋପଣରୁ ଗଛର ଚେର ଲାଗିବା ପର୍ଯ୍ୟନ୍ତ ହାଲୁକା ପାଣି/ଜଳସେଚନ ଦେଇ କୌଣସି ପ୍ରକାର ରୋଗପୋକ ଲାଗିବାର ଦେଖିଲେ ତୁରନ୍ତ ପ୍ରତିକାର କରନ୍ତୁ। ସ୍ଥଳବିଶେଷରେ କର୍ତ୍ତକ କୀଟ, ଜଉ ପୋକ, ପତ୍ରଖିଆ ପୋକ, ଝିଣ୍ଟିକା, ଶଂବାଳୁଆ ଦେଖିଲେ ପ୍ରଥମରୁ ୮-୧୦ ଦିନ ଅନ୍ତରରେ ଗଛକୁ ସୁରକ୍ଷା ଦେବା ଲାଗି ନିମ୍ବ ଔଷଧ ୫୦ ମିଲି ନଚେତ ପୋକ ଦେଖି ମାଲାଥିଅନ ୫୦ ପ୍ରତିଶତରୁ ୩୦ ମିଲି/କ୍ୱଇନାଲଫସ ୨୫ ପ୍ରତିଶତ ଇ.ସି.ର ୨୦ ମିଲି ୧୦ ଲିଟର ପ୍ରତି ସିଞ୍ଚନ କରନ୍ତୁ। ଝାଉଁଳା ରୋଗ ନିୟନ୍ତ୍ରଣ ପାଇଁ ଚାରାକୁ ଉପାଡି ଏକ ଲିଟର ପାଣି ପ୍ରତି ଷ୍ଟ୍ରେପ୍ଟୋସାଇକ୍ଲିନ୍ ଏକ ଗ୍ରାମ ଓ କପର ଅକ୍ସିକ୍ଲୋରାଇଡ (ସି.ଓ.ସି) ୨.୫ ଗ୍ରାମର ଦ୍ରବଣରେ ଅଧ ଘଣ୍ଟାଏ ବୁଡାଇ ରଖିବା ପରେ ଲଗାନ୍ତୁ। ଚାରା ରୋପଣ ପୂର୍ବରୁ ଏକର ପ୍ରତି ଫ୍ଲୁକ୍ଲୋରାଲିନ୍ ତୃଣନାଶକ ୧୦୦ ମିଲିକୁ ୨୦୦ଲିଟର ପାଣିରେ ମିଶାଇ ପ୍ରୟୋଗ କରି ଲଗାଇବାର ଏକ ମାସ ବେଳକୁ ହାତରେ ଘାସ ବାଛନ୍ତୁ । ଅଭିଜ୍ଞତାରୁ ଜଣାଯାଇଛି ଯେ, ଚାରା ଲଗାଇବାର ୨-୩ଦିନ ପୂର୍ବରୁ ମାଟି ସହ ଅଣୁସାର -ଟାଙ୍ଗଣା (ବୋରନ୍) ଯାହା ବୋରାକ୍ସ (୧୦.୫ ପ୍ରତିଶତ ବୋରନ୍), ୪୦୦ ଗ୍ରାମ ଜିପ୍ସମ୍ (୧୫ପ୍ରତିଶତ ଗନ୍ଧକ) ୧୬ କିଗ୍ରା ଏକର ପ୍ରତି ଦିଆଯାଏ। ବିହନ ଉପଚାର ସମୟରେ ସୋଡିୟମ ମଲିବଡେଟ୍ ଏକ ଗ୍ରାମକୁ ୨.୫ କିଗ୍ରା ବିହନ ପ୍ରତି ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଫମ୍ପା କାଣ୍ଡ, କଢ଼ ପଚା ବା ବଦରୂପିଆ ରଙ୍ଗ ହୋଇ ନ ଥାଏ। ସୁତରାଂ ଏହି ସବୁ କୌଶଳ ଅବଲମ୍ବନ କରିବା ଦ୍ୱାରା ପନିପରିବା ଚାଷରୁ ଅଧିକ ଲାଭ ମିଳିପାରିବ।

*-ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର, ମୋ : ୭୨୦୫୦୯୬୦୮୦*

# ଛେଳି ପାଳନ ସମ୍ପର୍କରେ



ଡା. ବୀରକିଶୋର ପରିଡ଼ା

ଛେଳି ପାଳନ କିଛି ନୂଆ କଥା ନୁହେଁ। ଆଗରୁ ମଧ୍ୟ ସାଧବପୁଅମାନେ ବିଦେଶରେ ବାଣିଜ୍ୟ କରିବା ସହିତ ଛେଳି ପାଳନକୁ ଏକ ଅର୍ଥକରୀ ବ୍ୟବସାୟ ରୂପେ ଗ୍ରହଣ କରିଥିଲେ। ଏହାଛଡ଼ା ଶରୀରର ଗଠନରେ ଆବଶ୍ୟକ ହେଉଥିବା ପ୍ରାଣୀଜ ପୁଷ୍ଟିସାର ଖାଦ୍ୟ ପାଇପାରୁଥିଲେ। ଗାଈ ପରି ଛେଳି ମଧ୍ୟ ମନୁଷ୍ୟର ଚାହିଦା ପୂରଣ ପାଇଁ କିଛି କମ୍ ଭୂମିକା ଗ୍ରହଣ କରିନାହିଁ। ଛେଳିଠାରୁ ମିଳୁଥିବା ମାଂସ ଓ କ୍ଷୀର ମାନବ ଶରୀରର ଗଠନ ପାଇଁ ଏକାନ୍ତ ଆବଶ୍ୟକ। ଚମଡ଼ାରେ ଜୋତା, ବାଦ୍ୟଯନ୍ତ୍ର, ଲୋମରେ ଗରମ ପୋଷାକ ଆଦି ତିଆରି ହୋଇପାରୁଛି।

**ଛେଳିକ୍ଷୀର :** ଗରିବ ଲୋକମାନେ ଉନ୍ନତ ଗାଈଟିଏ ରଖିବା ସମ୍ଭବପର ହୁଏନାହିଁ। କାରଣ ଗାଈର ମୂଲ୍ୟ ଅଧିକ ସହିତ ଦାନା କିଣିବା ତାଙ୍କ ପକ୍ଷରେ ଅସମ୍ଭବ ହୋଇପଡ଼େ। ତେଣୁ ଛେଳି ହେଉଛି ଗରିବ କୃଷକର ଗାଈ ସଦୃଶ। ଛେଳିକୁ 'ଗରିବର ଗାଈ' ରୂପେ ଆଖ୍ୟା ଦିଆଯାଇଛି। ଗାଈକ୍ଷୀର ପରି ଛେଳିକ୍ଷୀରରେ



ଖାଦ୍ୟସାର ପ୍ରାୟ ସମାନ କହିଲେ ଚଳେ। ଛେଳିକ୍ଷୀର ଗାଈକ୍ଷୀର ଅପେକ୍ଷା ମନୁଷ୍ୟ ଶରୀରରେ ସହଜରେ ହଜମ ହୋଇଯାଏ। ଏଥିରେ ମଧ୍ୟ ଯକ୍ଷ୍ମା ରୋଗ ପ୍ରତିରୋଧକାରୀ ଶକ୍ତି ନିହିତ ଥାଏ। ବର୍ତ୍ତମାନ ଆମ ଦେଶରେ ସମୁଦାୟ କ୍ଷୀର ଉତ୍ପାଦନର ୫୨ ପ୍ରତିଶତ ମଇଁଷି କ୍ଷୀର, ୪୫ ପ୍ରତିଶତ ଗାଈକ୍ଷୀର ଏବଂ ଛେଳିକ୍ଷୀର ୩ ପ୍ରତିଶତ ପୂରଣ କରିପାରିଛି।

**ଛେଳି ମାଂସ :** ଛେଳିମାଂସ ସମୁଦାୟ ଆମ ଦେଶର ମାଂସ ଉତ୍ପାଦନର ୩୬ ପ୍ରତିଶତ ପୂରଣ କରିପାରିଛି। ପ୍ରାଣୀଜ ଖାଦ୍ୟ ମଧ୍ୟରେ ମାଛ ବ୍ୟତୀତ ମାଂସରୁ ହିଁ ସର୍ବାଧିକ ପୁଷ୍ଟିସାର ବା ପ୍ରୋଟିନ୍ ମିଳିଥାଏ। ଏହି ପ୍ରୋଟିନ୍‌ର ଅଭାବରେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଗଠନରେ ବାଧା ସୃଷ୍ଟି ହୁଏ ଓ ଶରୀର ଦୁର୍ବଳ ହୋଇପଡ଼େ ଏବଂ ରୋଗ ସହଜରେ ଧରେ। ସାଧାରଣତଃ ଆମର ଦୈନନ୍ଦିନ ମୁଣ୍ଡପିଛା ମାଂସର ଆବଶ୍ୟକତା ୩୪ ଗ୍ରାମ୍ ଥିବାବେଳେ ଆମକୁ ମାତ୍ର ୪.୩୧ ଗ୍ରାମ୍ ମିଳୁଛି।

**ଚମଡ଼ା ଓ ଲୋମ :** ବର୍ତ୍ତମାନ ଚମଡ଼ା ଓ ଲୋମ, ଶିଳ୍ପ ଓ ଗରମ ପୋଷାକ ପାଇଁ ବେଶ୍ ଦରକାର ହୋଇପଡ଼ିଛି।

**ଛେଳି ପାଳନର ଅନ୍ୟାନ୍ୟ ସୁବିଧା :** ଛେଳି ଏପରି ଏକ ପ୍ରାଣୀ ଯିଏକି ଯେକୌଣସି ଜଳବାୟୁ ସହିତ ଖାପଖୁଆଇ ରହିପାରିବେ। ଯେଉଁ ଘାସ ଅନ୍ୟ ପ୍ରାଣୀକୁ ରୁଚିକର ନ ହୋଇପାରେ, ସେହି ପ୍ରକାର ଘାସ ଛେଳିମାନେ ଖାଇ ବଞ୍ଚିପାରନ୍ତି। ଯେକୌଣସି ଲୋକ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ଏମାନଙ୍କୁ ସହଜରେ ରଖିପାରିବେ। ଏହି ଛେଳି ରଖିବାକୁ ବେଶି ସ୍ଥାନ ଦରକାର ହୁଏନାହିଁ। ଛେଳିର ଲଣ୍ଡି ଉତ୍କୃଷ୍ଟ ସାର ରୂପେ ବ୍ୟବହାର ହୁଏ।

**ବାସଗୃହ ପ୍ରଣାଳୀ :** ଛେଳିଙ୍କ ପାଇଁ ଦୁଇ ପ୍ରକାରର ଗୁହାଳ ସାଧାରଣ ଭାବରେ ଅବଲମ୍ବନ କରାଯାଇଥାଏ। ପ୍ରଥମଟି ହେଲା - ଭୂମିତଳ ସହ ଟିକେ ଉଚ୍ଚାକରି ସମାନ ସମତଳରେ ତିଆରି ଗୁହାଳ। ଦ୍ୱିତୀୟଟି ହେଲା - ଭାଡ଼ି ପ୍ରଣାଳୀ। ଛେଳିଙ୍କ ପାଇଁ ଭାଡ଼ି ପ୍ରଣାଳୀଟି ହେଉଛି ସବୁଠାରୁ ଭଲ। କାରଣ ଭାଡ଼ିଦ୍ୱାରା ଛେଳି ଶୁଖିଲାରେ ରୁହନ୍ତି। ପରିସ୍ରା କିମ୍ବା ଛେଳିଲଣ୍ଡି ଉପରେ ପଡ଼ି ରୁହେ ନାହିଁ ଏବଂ ଏହା ଭାଡ଼ିରେ ଥିବା ଫାଙ୍କ ମଧ୍ୟଦେଇ ତଳକୁ ଆସେ ଏବଂ ତଳେ ବିଛା ଯାଇଥିବା ବାଲି ସମସ୍ତ ପରିସ୍ରାକୁ ଶୋଷି ଶୁଖିଲା ରଖେ। ସମତଳ ପ୍ରଣାଳୀରେ ଛେଳିର ପରିସ୍ରାରେ ଛେଳି ଓ ଛୁଆଗୁଡ଼ିକ ଓଦା ରହନ୍ତି। ମାଟି କାଦୁଆ ହୁଏ। ଫଳରେ ଛେଳିଙ୍କୁ ଏହା କୃମି ହେବାରେ ସାହାଯ୍ୟ କରେ। ( କ୍ରମଶଃ)

*-ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ (ରୋଗ ନିୟନ୍ତ୍ରଣ), କଳାହାଣ୍ଡି, ମୋ : ୯୪୩୭୬୦୭୩୧୨*

## ଧାନରେ ଲେଡ଼ାପୋକ ଦମନ



ବନ୍ୟା ପ୍ରଭାବିତ ଅଞ୍ଚଳରେ ଧାନ ଫସଲରେ ଲେଡା ପୋକ ଲାଗିବାର ଆଶଙ୍କା ରହିଛି। ଏହି ପୋକ ଧାନ ଫସଲରେ ଦଳ ଦଳ ହୋଇ ଦେଖାଯାଏ। ଶୁଖିଲା ପାଗ ପରେ ଥଣ୍ଡା ପାଗ ଅନୁଭୂତ ହେଲେ ଏହି ପୋକ ଅଧିକ ଦେଖାଯାଆନ୍ତି। ଅଳ୍ପ ବୟସରେ ପୋକ କଅଁଳ ପତ୍ର ଖାଇବା ବେଳେ ଶେଷ ଅବସ୍ଥାର ଶୂକ ସମ୍ପୂର୍ଣ୍ଣ ଗଛ ଖାଇଯାଆନ୍ତି। ସାଧାରଣତଃ ଅଧିକ ବର୍ଷା ବା ବନ୍ୟା ପରେ ଏହି ଶୂକ ଦେଖାଯାଆନ୍ତି। ଏହାର ପ୍ରତିକାର ଲାଗି ଖେତ ଚାରିପାଖେ ହିଡରେ ଶତକଡା କ୍ଲୋରୋପାଇରିଫସ୍ ଗୁଣ୍ଡକୁ ଏକର ପ୍ରତି ୧୦ ରୁ ୧୨ କିଗ୍ରା ପ୍ରୟୋଗ କରନ୍ତୁ। ସନ୍ଧ୍ୟା ସମୟରେ ଏକର ପ୍ରତି ୧୦ ରୁ ୧୨ କିଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ(ଶତକଡା ୧.୫ ଭାଗ) ପ୍ରୟୋଗ କରନ୍ତୁ। ନଚେତ୍ ଏକର ପ୍ରତି ୨୦୦ ମିଲି ଡିଡିଭିପି କିମ୍ବା ୪୦୦ ମିଲି ଟାଏଜୋଫସ୍ କିମ୍ବା ୪୦୦ ମିଲି କ୍ଲୋରୋପାଇରିଫସ୍ ବିଳମ୍ବିତ ଅପରାହ୍ନ ସମୟରେ ସିଞ୍ଚନ କରନ୍ତୁ।

## ରାଶି ବୁଣିବା ସମୟରେ..

ଢିପ ଜମିରେ ରାଶି ବୁଣିବା ଲାଗି ଏକର ପ୍ରତି ୪ କିଗ୍ରା ବିହନ ଆବଶ୍ୟକ ହୋଇଥାଏ। ପ୍ରତି କିଗ୍ରା ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ମୂଳସାର ଭାବେ ଏକର ପ୍ରତି ୨ଟନ୍ ଶଢ଼ା ଗୋବର ଖତ ସହିତ ୬କିଗ୍ରା ଯବକ୍ଷାରଜାନ, ୬କି.ଗ୍ରା ଫସଫରସ ଓ ୬କିଗ୍ରା ପଟାସ ଖାଦ୍ୟସାର ବିହନ ବୁଣାବେଳେ ମାଟିରେ ପ୍ରୟୋଗ କରନ୍ତୁ। ଅଧିକ ଅମଳକ୍ଷମ କିସମ ଯଥା-ପ୍ରାଚୀ, ନିର୍ମଳା, କନକ, କାଳିକା, ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡିକୁ ଧାଡି ୩୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୩ଗ୍ରାମ୍ ହିସାବରେ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷଓଡ ଚାଷବେଳେ ବିହନ ବୁଣିବା ପୂର୍ବରୁ ୬କି.ଗ୍ରା. ଯବକ୍ଷାରଜାନ, ୮କିଗ୍ରା ଫସଫରସ ଓ ୮କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଅକ୍ଟୋବର ୨୧/୨୦୨୦ Sambalpur, Wednesday, October 21/ 2020




# ପାକିସ୍ତାନ ଟୁର୍‌ରୁ ଓହରିଲେ ରାଜପୁତ

**କରାଚୀ, ୨୦।୧୦ (ପି.ଟି.)**

ଜିମ୍ବାୱେ କ୍ରିକେଟ କୋଚ୍ ଲାଲଚାନ୍ଦ ରାଜପୁତ ଦଳ ସହିତ ପାକିସ୍ତାନ ଟୁର୍‌ରେ ସାମିଲ ହୋଇପାରିବେ ନାହିଁ। ସୀମିତ ଓଭର ସିରିଜରୁ ବାଦ୍ ଦେବାକୁ ହରାରେସ୍ଥିତ ଭାରତୀୟ ଦୂତାବାସ ଏଥିପାଇଁ ଅନୁରୋଧ କରିଥିଲା। ଜିମ୍ବାୱେ କ୍ରିକେଟ ଏଥିରେ ରାଜି ହୋଇଛି। ଟୁର୍ ବେଳେ ରାଜପୁତଙ୍କ ଅନୁପସ୍ଥିତିରେ ବୋଲିଂ କୋଚ୍ ଡଗଲାସ୍ ହେଣ୍ଡୋ ଦଳର ଦାୟିତ୍ୱରେ ରହିବେ। ଜିମ୍ବାୱେ କ୍ରିକେଟ ଦଳ ଅକ୍ଟୋବର ୩୦ରୁ ରାୱଲପିଣ୍ଡିରେ ପାକିସ୍ତାନ ବିପକ୍ଷରେ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବା ପରେ ୩ ଅନ୍ତର୍ଜାତୀୟ ଟି୨୦ ଖେଳିବା ଲାଗି ଲାହୋର ଗସ୍ତ କରିବ। ଭାରତ ସରକାର ଏହାର ନାଗରିକମାନଙ୍କ ଲାଗି କରିଥିବା ଟ୍ରାଭେଲ ଗାଇଡ୍‌ଲାଇନ୍‌କୁ ମାନି ଟୁର୍‌ରେ ନ ଯିବା ଲାଗି ସେ ନିଷ୍ପତ୍ତି ନେଇଥିବା ରାଜପୁତ କହିଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଜଣେ ମୁଖପାତ୍ର ଏହାକୁ ଜିମ୍ବାୱେ କ୍ରିକେଟର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ଦର୍ଶାଇଛନ୍ତି। ଜିମ୍ବାୱେ କ୍ରିକେଟ ଅଫିସିଆଲମାନେ ହରାରେସ୍ଥିତ ପାକିସ୍ତାନ ହାଇକମିଶନଙ୍କଠାରୁ ଲାଲଚାନ୍ଦ ରାଜପୁତଙ୍କ ପାଇଁ ଭିଜା ଯୋଗାଡ଼ କରିଥିଲେ। ସେ ଯଦି ନ ଆସିବେ ତେବେ ଏହା ଜିମ୍ବାୱେ କ୍ରିକେଟ ଏବଂ ରାଜପୁତଙ୍କ ଆଭ୍ୟନ୍ତରୀଣ ବ୍ୟାପାର ବୋଲି ସେ କହିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ